

**ଆଇପିଏଲ୍-୧୯**

**ବେଙ୍ଗାଲୁରୁ-ହାଇଦରାବାଦ ଉଦ୍‌ଘାଟନୀ ଲଢ଼େଇ**

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-253 ◆THURSDAY ◆12 MARCH 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୨୫୩ ◆ଗୁରୁବାର ◆୧୨ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# କ୍ଷେପଣାସ୍ତ୍ର ମାଡ଼ରେ ଥରିଲା ଇସ୍ରାଏଲ

## ହର୍ମୁଜରେ ଭାରତ ଆସୁଥିବା ଜାହାଜ ଉପରେ ଇରାନର ଆକ୍ରମଣ

■ ତେଲ ଆଭିଭ/ ତେହରାନ, ୧୧।୩ (ଏଜେନ୍ସି): ଇରାନ ଯୁଦ୍ଧ ଦିନକୁ ଦିନ ଅତ୍ୟନ୍ତ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣରେ ଘାଇଲା ଇରାନ ପାଲଟା ଆକ୍ରମଣକୁ ଜୋରଦାର କରିଛି। କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଗର୍ଜନ ମଧ୍ୟରେ ଏହି ଯୁଦ୍ଧ ବୁଧବାର ଦ୍ୱାଦଶ ଦିନରେ ପହଞ୍ଚିଛି। ସମ୍ପୂର୍ଣ୍ଣ ଅଞ୍ଚଳକୁ ଯୁଦ୍ଧର ନିଆଁ ଗ୍ରାସ କରି ନେଇଛି। ଇରାନ ଆଜି ଇସ୍ରାଏଲ ଏବଂ ଆମେରିକା ସେନା ଘାଟୀ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ରେ ଇସ୍ରାଏଲ ଥରି ଉଠିଛି। ଇରାକ, ୟୁଏଇ, ବାହାରିନ, କାତାର ଆଦି ଦେଶରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରକୁ ମଧ୍ୟ ନିଶାଣ କରିଛି। ମାତ୍ର ଆଜି ଇରାନ ଏଭଳି ଏକ ପଦକ୍ଷେପ ନେଇଛି ଯାହା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ଷ୍ଟ୍ରେଟ ଦେଇ ଭାରତ ଅଭିମୁଖେ ଆସୁଥିବା ଥାଇଲାଣ୍ଡ ଜାହାଜ

### ୨୦ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କଲା ନୌସେନା

### ୨ ଭାରତୀୟ ମୃତ, ଆଉ ଜଣେ ନିଖୋଜ

ଉପରେ ଇରାନ ଆକ୍ରମଣ କରିଛି। ଫଳରେ ତୈଳ ଯୋଗାଣ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହାସହିତ ହର୍ମୁଜରେ ଆକ୍ରମଣ ପରିସ୍ଥିତିକୁ ଆହୁରି ବିସ୍ଫୋରକ କରିବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି ବୋଲି ଭାରତ ପକ୍ଷରୁ କୁହାଯାଇଛି। ଆମେରିକା ଆକ୍ରମଣକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଉପସାଗରୀୟ ଦେଶରେ ଚାଲିଥିବା ଏହି ସଂଘର୍ଷ ବିଶ୍ୱ ରାଜନୀତି ପାଇଁ ବଡ଼ ସଙ୍କଟ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଗୁଜରାଟ ଆସୁଥିବା ଥାଇଲାଣ୍ଡର କାର୍ଗୋ ଜାହାଜ ଉପରେ ଇରାନ ଆକ୍ରମଣ କରି ଭାରତକୁ ଚକ୍‌ମା ▶ପୃଷ୍ଠା-୭




# ରନ୍ଧନ ଗ୍ୟାସ୍‌କୁ ନେଇ ହାହାକାର



## ବନ୍ଦ ହେଲାଣି ଛୋଟ ହୋଟେଲ, ଠେଲା ବେପାର


■ ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ଇରାନ ସହିତ ଆମେରିକା-ଇସ୍ରାଏଲର ଯୁଦ୍ଧ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି କରିଛି। ଏଥିରେ ଭାରତରେ ରନ୍ଧନ ଗ୍ୟାସ୍‌କୁ ନେଇ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ବିଶେଷକରି ଏଲ୍‌ପିଜି ସିଲିଣ୍ଡରର ଅଭାବ ଯୋଗୁ ଯୋଗାଣ ଉପୁଜିଛି। ସବୁ ରାଜ୍ୟରେ ଗ୍ୟାସ ସିଲିଣ୍ଡର ପାଇବା ପାଇଁ ଏଜେନ୍ସିଗୁଡ଼ିକ ଆଗରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଲାଗିଛି। ନୂଆ ସିଲିଣ୍ଡର ଟିଏ ବୁକିଂ କରିବାକୁ ଗ୍ରାହକ ନିକେଦମ୍ ହୋଇପଡୁଛନ୍ତି। କାରଣ ଅଧିକାଂଶ ସ୍ଥାନରେ ଆଉ ନୂଆ ଏଲ୍‌ପିଜି ସିଲିଣ୍ଡର ବୁକିଂ ହୋଇପାରୁନାହିଁ। ଉତ୍ତରପ୍ରଦେଶ ଏବଂ ବିହାରରେ ପୋଲିସ ସୁରକ୍ଷାରେ ସିଲିଣ୍ଡର ଆବଣ୍ଟନ କରାଯାଉଛି। ଏମିତିକି ଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନ ସମେତ ▶ପୃଷ୍ଠା-୭

- ଟ୍ରେନରେ ବନ୍ଦ ହୋଇଯାଇପାରେ ରେଳବାଇର ଖାଦ୍ୟ ସେବା
- ଅଯୋଧ୍ୟା ରାମ ରୋଷଶାଳା ବନ୍ଦ
- ଦିଲ୍ଲୀ ହାଇକୋର୍ଟ କ୍ୟାଣ୍ଟିନରେ ମିଳିଲାନି ମେନ୍‌କୋର୍ସ
- ବୁକିଂର ଅଢ଼େଇ ଦିନରେ ଗ୍ୟାସ୍ ଯୋଗାଇବାକୁ କେନ୍ଦ୍ରର ପ୍ରତିଶ୍ରୁତି
- ଏଲ୍‌ପିଜି ଉତ୍ପାଦନ ୨୫% ବଢ଼ାଇଲେ ତୈଳ କମ୍ପାନୀ
- ବୁକିଂ ହୋଇପାରୁନି ନୂଆ ସିଲିଣ୍ଡର

# ଲୋକସଭା ବାଚସ୍ପତି ବିର୍ଲାଙ୍କ ବିରୋଧରେ ଅନାସ୍ଥା ଖାରଜ

■ ନୂଆଦିଲ୍ଲୀ, ୧୧।୩: ଲୋକସଭାରେ ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ବିରୋଧୀ ଦଳ ପକ୍ଷରୁ ଆଗତ ଏହି ପ୍ରସ୍ତାବ ଉପରେ ଦୁଇ ଦିନ ଧରି ଆଲୋଚନା ପରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉତ୍ତର ରଖିଥିଲେ। ଏହାପରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଏହି ପ୍ରସ୍ତାବ ବାଚନିକ ଭୋଟରେ ନାକଚ ହୋଇଯାଇଛି। ଉତ୍ତର ଦେବା ସମୟରେ ଅମିତ ଶାହଙ୍କ କିଛି ବକ୍ତବ୍ୟକୁ ନେଇ ବିରୋଧୀ ଦଳର ସାଂସଦ ଆପତ୍ତି ଉଠାଇବା ସହିତ ତାଙ୍କ ଠାରୁ କ୍ଷମା ପ୍ରାର୍ଥନା ଦାବି କରିଥିଲେ।

ଦୀର୍ଘ ୧୦ ଘଣ୍ଟାରୁ ଅଧିକ ସମୟ ଧରି ଅନାସ୍ଥା ଉପରେ ଆଲୋଚନାର ଉତ୍ତର ଦେଇ ଅମିତ ଶାହ ବିରୋଧୀ ଦଳଙ୍କର ତୀବ୍ର ସମାଲୋଚନା କରିଥିଲେ। ବାଚସ୍ପତିଙ୍କ ସଚ୍ଚୋଟତା ଉପରେ କେହି ପ୍ରଶ୍ନ ଉଠାଇବା ଠିକ୍ ନୁହେଁ ବୋଲି ଉଲ୍ଲେଖ କରି ସେ କହିଲେ ଯେ ଲୋକସଭା ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ପରିଚାଳିତ ହୁଏ। ଏହା କୌଣସି ନିର୍ଦ୍ଦିଷ୍ଟ ଦଳ ଇଙ୍ଗିତରେ ଚାଲେନାହିଁ। ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ୪ ଦଶନ୍ଧି ପରେ ଆସିବା ▶ପୃଷ୍ଠା-୭



**ବାଚସ୍ପତିଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇବା ଦୁର୍ଭାଗ୍ୟଜନକ: ଶାହ**

**ରାଜ୍ୟସଭା ନିର୍ବାଚନ**

# ହୁଇପ୍ ଜାରିକଲା ବିଜେଡି

■ ଭୁବନେଶ୍ୱର, ୧୧।୩ (ସମିସ): ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିରୋଧୀ ବିଜେଡି ପକ୍ଷରୁ ୩ ଲାଇନର ହୁଇପ୍ ଜାରି ହୋଇଛି। ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ହୁଇପ୍ ଜାରି କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ ଆସନ୍ତା ୧୬ ତାରିଖ ସକାଳ ୯ ଟାରୁ ଅପରାହ୍ନ ୪ଟା ଯାଏଁ ବିଧାନସଭା ପରିସରରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ଦଳର କୌଣସି ବିଧାୟକ ଆସନ୍ତା ୧୩ ତାରିଖରୁ ୧୬ ତାରିଖ ଯାଏଁ (ହେଡକ୍ୱାର୍ଟର) ଭୁବନେଶ୍ୱର ନଛାଡ଼ିବାକୁ ଏହି ହୁଇପ୍‌ରେ ନିର୍ଦ୍ଦେଶ ରହିଛି।

**୧୩ ତାରିଖରୁ ୧୬ ତାରିଖ ଯାଏଁ ଭୁବନେଶ୍ୱର ନ ଛାଡ଼ିବାକୁ ନିର୍ଦ୍ଦେଶ**

**ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଶାସକ ଦଳ କର୍ମୀଙ୍କ ଆକ୍ରମଣ**

# ବିଧାନସଭା କମ୍ପାଇଲେ ବିରୋଧୀ

■ ଭୁବନେଶ୍ୱର, ୧୧।୩ (ସମିସ): ଗତକାଲି ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଶାସକ ଦଳର କର୍ମୀ ଓ ଗୁଣ୍ଡାଙ୍କ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ବିଧାନସଭା କମ୍ପାଇଛନ୍ତି ବିରୋଧୀ। ଆଇନଶୃଙ୍ଖଳା ସ୍ଥିତି ଦିନକୁ ଦିନ ଖରାପ ହେଉଥିବା ଦର୍ଶାଇ ଶୂନ୍ୟକାଳରେ ସରକାରଙ୍କ ଉପରେ ବିଜେଡି ସଦସ୍ୟମାନେ ବର୍ଷିଛନ୍ତି। ଶାସକ ଦଳର ଗୁଣ୍ଡାମାନେ ଯେପରି ଆତଙ୍କରାଜ ଜାରି ରଖିଛନ୍ତି, ସେ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟରେ ଜନ ପ୍ରତିନିଧିମାନେ ଆଦୌ ସୁରକ୍ଷିତ ନାହାନ୍ତି। ରାଜନଗର ଓ ପଟ୍ଟାମୁଣ୍ଡାଇରେ ଶାସକ ଦଳର ଗୁଣ୍ଡାମାନେ ବିଡିଓଙ୍କ ଉପରେ ଆକ୍ରମଣ ଘଟଣାରେ ଆକ୍ରମଣକାରୀଙ୍କୁ ଶାସ୍ତି ଦେବା ପରିବର୍ତ୍ତେ ବିଡିଓଙ୍କୁ ଅନ୍ୟତ୍ର ବଦଳି କରିଦିଆଗଲା। ସବୁଠାରୁ ସ୍ୱର୍ଶକାତର ବିଷୟ ହେଉଛି ଅପରାଧକୁ ଢ଼ାଙ୍କିବାକୁ ସରକାର ଓ ତାଙ୍କ ଦଳର ବିଧାୟକମାନେ ଯୁକ୍ତି ବାଢ଼ୁଛନ୍ତି। ଏପରି ▶ପୃଷ୍ଠା-୭

**ରାଜ୍ୟରେ ଜନପ୍ରତିନିଧି ଅସୁରକ୍ଷିତ; କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ: ବିଜେଡି**

**ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ପାଇଁ ସରକାର ଉତ୍ତରଦାୟୀ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ: କଂଗ୍ରେସ**

## କୃଷ୍ଣଚନ୍ଦ୍ରଙ୍କୁ ଦେଖିବାକୁ ଡାକ୍ତରଖାନାରେ ନବୀନ

**"ରାଜ୍ୟରେ ଆଇନଶୃଙ୍ଖଳା ସଙ୍ଗୀନ; ଘୋଡ଼ା ବେପାରରେ ବିଜେପିର ଆଖି**



■ ଭୁବନେଶ୍ୱର, ୧୧।୩ (ସମିସ): ବିଜେପି ଗୁଣ୍ଡାଙ୍କ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ଦେଖିବାକୁ ଭୁବନେଶ୍ୱରସ୍ଥିତ ଆଇଜିକେସି ହସ୍ପିଟାଲରେ ପହଞ୍ଚିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଡ଼ାକ୍ତରଖାନାରେ ସେ ଶ୍ରୀ ନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହା ସହ ନବୀନ ତାଙ୍କ ଚିକିତ୍ସା ସମ୍ପର୍କରେ ଡ଼ାକ୍ତର ଓ ପରିବାର ଲୋକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନବୀନ ▶ପୃଷ୍ଠା-୭

# ଦେଶରେ ପ୍ରଥମ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଲେ ସୁପ୍ରିମକୋର୍ଟ



**୧୩ ବର୍ଷ କୋମାରେ ଥିବା ଯୁବକଙ୍କୁ ମିଳିଲା ଅନୁମତି**

**ଗୁହାରି କରିଥିଲେ ବାପା-ମା**


■ ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ସୁପ୍ରିମକୋର୍ଟ ଆଜି ପ୍ରଥମଥର ପାଇଁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଛନ୍ତି। ୧୩ ବର୍ଷ ଧରି କୋମାରେ ଥିବା ୩୧ ବର୍ଷୀୟ ଯୁବକ ହରିଶ ରାଣାଙ୍କୁ 'ପ୍ୟାସିଭ ଇଉଥେନେସିଆ' ଦେବାକୁ କୋର୍ଟ ଅନୁମତି ଦେଇଛନ୍ତି। ଗାଜିଆବାଦ୍‌ର ବାସିନ୍ଦା ହରିଶ ଦୀର୍ଘ ସମୟଧରି ଲାଇଫ୍ ସପୋର୍ଟ ସିଷ୍ଟମରେ ଥିଲେ। ଭାରତରେ ଏହା ଏଭଳି ପ୍ରଥମ ମାମଲା ହେବାକୁ ଯାଉଛି ଯେଉଁଠି କୋର୍ଟଙ୍କ ନିର୍ଦ୍ଦେଶରେ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେବ। ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ହଷ୍ଟେଲର ଚତୁର୍ଥ ମହଲାରୁ ଖସିପଡ଼ି ହରିସ୍ ଗୁରୁତର ଭାବେ ଆହତ ହୋଇଥିଲେ। ▶ପୃଷ୍ଠା-୭






# ୧୫ରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା

■ ଭୁବନେଶ୍ୱର, ୧୧।୩ (ସମିସ): ଆସନ୍ତା ୧୫ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ପଶ୍ଚିମା ଝଡ଼ ପ୍ରଭାବରେ ଆଗାମୀ ୧୫ରୁ ବର୍ଷା ଆରମ୍ଭ ହେବାକୁ ଥିବା ବେଳେ ଏହାର ପ୍ରଭାବ ପ୍ରାୟ ୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା ସାଙ୍ଗକୁ ପବନ ଓ ବିଜୁଳି ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ବର୍ଷା ସମୟରେ କେତେକ ସ୍ଥାନରେ କୁଆପଥର ଜନିତ ବର୍ଷା ସମ୍ଭାବନା ମଧ୍ୟ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୫ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ସେହିଦିନ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ବୃଦ୍ଧି ପାଇଁ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ଆଶଙ୍କା କରାଯାଉଛି। ଅନ୍ୟପଟେ ରାଜ୍ୟରେ ଧୀରେ ଧୀରେ ଖରାର ପ୍ରଭାବ ବଢ଼ିବାରେ ଲାଗିଛି। ଖରା ବଢ଼ିବା ସହ ଉପକୂଳରେ ଗୁଳୁଗୁଳି ମଧ୍ୟ ଅନୁଭୂତ ▶ପୃଷ୍ଠା-୭



## ଇରାନର ୧୬ ଜାହାଜ ଧ୍ୱଂସ କଲା ଆମେରିକା

ୱାସିଂଟନ, ୧୧।୩ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏଭଳି ସମୟରେ ଇରାନ ହର୍ମୁଜ ଷ୍ଟ୍ରେଟକୁ ବନ୍ଦ କରିବା ପାଇଁ ପ୍ରୟାସ କରୁଛି। ମାତ୍ର ଆମେରିକା କାର୍ଯ୍ୟାନୁଷ୍ଠାନରେ ଏହା ବିଫଳ ହୋଇଯାଇଛି। ମାଇନ୍ ବିଛାଉ ଥିବା ଇରାନର ୧୬ରୁ ଅଧିକ ଜାହାଜକୁ ଧ୍ୱଂସ କରିଦେଉଛୁ ବୋଲି ଆମେରିକା ଦାବି କରିଛି। ଅନ୍ୟପଟେ ଏହି ମାର୍ଗ ଦେଇ ତୈଳ ରପ୍ତାନୀକୁ ବନ୍ଦ କରିଦେବା ଇରାନ ଚେତାବନୀ ଦେଇଛି। ଏହି ଜଳପଥ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ମାର୍ଗ ମଧ୍ୟରୁ ଅନ୍ୟତମ। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ମାର୍ଗ ଦେଇ ହୋଇଥାଏ। ଆମେରିକା ସେନା ମାଇନ ବିଛାଉ ଥିବା ଜାହାଜଗୁଡ଼ିକୁ ନଷ୍ଟ କରିବାର ଦାବି ସହିତ କିଛି ଭିଡିଓ ମଧ୍ୟ ଜାରି କରିଛି। ପୂର୍ବରୁ ଟ୍ରମ୍ପ ଏ ନେଇ ଚେତାବନୀ ଦେଇଥିଲେ। ଏହି ଜଳପଥରେ ବିଛାଯାଇଥିବା କୌଣସି ବି ମାଇନ୍‌କୁ ତୁରନ୍ତ ନ ହଟାଇଲେ ଆମେରିକା ଏଭଳି ଆକ୍ରମଣ କରିବ ଯାହା ପୂର୍ବରୁ କେବେ ହୋଇ ନ ଥିବ ବୋଲି କହିଥିଲେ। ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ କହିଛନ୍ତି ଯେ ଏହି ଯୁଦ୍ଧର ସବୁଠାରୁ ବଡ଼ ଆକ୍ରମଣ ହେବା ବାକି ଅଛି। ସେହିପରି ଏହି ସଂଘର୍ଷରେ ଆମେରିର ଅନେକ ସୈନିକ ଆହତ ହୋଇଛନ୍ତି ବୋଲି ପେଣ୍ଟାଗନ ପକ୍ଷରୁ କୁହାଯାଇଛି। ଏହି ଯୁଦ୍ଧର ପ୍ରଭାବ ସମଗ୍ର ମଧ୍ୟ ପ୍ରାଚ୍ୟ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଦେଖିବାକୁ ମିଳୁଛି। ଇରାନର ନେତାମାନେ ସ୍ପଷ୍ଟ କରିଦେଇଛନ୍ତି ଯେ କୌଣସି ପ୍ରକାରର ଆଲୋଚନା ପାଇଁ ଦେଶ ପ୍ରସ୍ତୁତ ନାହିଁ। ସେମାନେ ଟ୍ରମ୍ପଙ୍କୁ ମଧ୍ୟ ଧମକ ଦେଇଛନ୍ତି। ଇସ୍ରାଏଲ ଏବଂ ଉପସାଗରୀୟ ଆରବ ଦେଶଗୁଡ଼ିକ ବିରୋଧରେ ନୂତନ ଆକ୍ରମଣ ଆରମ୍ଭ ହୋଇଯାଇଛି ବୋଲି କହିଛନ୍ତି।

### ଇଚ୍ଛାମୃତ୍ୟୁ ପାଇଁ ଅନୁମତି

## ରାୟ ଶୁଣାଇବା ବେଳେ କାନ୍ଦି ପକାଇଥିଲେ ବିଚାରପତି

ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ପ୍ରଥମ ଥର ଲାଗି ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଛନ୍ତି ସୁପ୍ରିମ କୋର୍ଟ। ଆଜି ଏସଂକ୍ରାନ୍ତ ରାୟ ଶୁଣାଇବା ବେଳେ ଜଷ୍ଟିସ ଜେବି ପାର୍ଦିୱାଲା ଅତ୍ୟନ୍ତ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ସେ କହିଥିଲେ ଯେ, ଆମର ଏହି ନିଷ୍ପତ୍ତି କେବଳ ଯୁକ୍ତି ଉପରେ ଆଧାରିତ ନୁହେଁ, ବରଂ ଏହା ଭଲପାଇବା, ଚିକିତ୍ସା ବିଜ୍ଞାନ ଓ ମାନବିକତାର ଏକ ସଙ୍ଗମସ୍ଥଳ। ସେ କହିଥିଲେ ଯେ ଦୁର୍ଘଟଣା ପୂର୍ବରୁ ହରିଶ ଜଣେ ଉଜ୍ଜ୍ୱଳ ଓ ମେଧାବୀ ଛାତ୍ର ଥିଲେ। ସେ ଶଯ୍ୟାଶାୟୀ ହେବା ପରେ ତାଙ୍କ ପରିବାର ୧୩ ବର୍ଷ ଧରି ଯେଉଁ ଯନ୍ତ୍ରଣା ସହିଛନ୍ତି, ତାହାକୁ ମନେ ପକାଇ ବିଚାରପତି ଜଣ ଭାବୁକ ହୋଇପଡ଼ିଥିଲେ। ସେ ହରିଶଙ୍କ ପିତାମାତାଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଆପଣ ନିଜ ପୁଅକୁ ପରିତ୍ୟାଗ କରୁନାହାନ୍ତି, ବରଂ ତାଙ୍କୁ ସମ୍ମାନର ସହ ବିଦାୟ ନେବାକୁ ଅନୁମତି ଦେଉଛନ୍ତି। ଏହା ଅତ୍ୟନ୍ତ ସାହସିକତାର କାର୍ଯ୍ୟ। ମୁଁ ଭଗବାନଙ୍କୁ ଏହି ନ୍ୟାୟ ପାଇଁ ଧନ୍ୟବାଦ ଦେଉଛି ବୋଲି ହରିଶଙ୍କ ବାପା ଅଶୋକ କହିଛନ୍ତି।

## ଅବତରଣ ସମୟରେ ଏୟାର ଇଣ୍ଡିଆ ବିମାନ ନୋଜ ହ୍ୱିଲ୍ ହରାଇ ଫୁକେଟ୍ ରନୱେରେ ଫସିଲା

ବ୍ୟାଙ୍କକ୍, ୧୧।୩(ଏଜେନ୍ସି): ଥାଇଲ୍ୟାଣ୍ଡର ଫୁକେଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଟଳିଯାଇଛି। ହାଇଦରାବାଦ୍‌ରୁ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଅବତରଣ ସମୟରେ ବଡ଼ଧରଣର ଯାନ୍ତ୍ରିକ ତ୍ରୁଟି କାରଣରୁ ରନୱେ ମଝିରେ ଅଟକି ଯାଇଥିଲା। ବିମାନଟି ହାଇଦରାବାଦ୍‌ରୁ ଫୁକେଟ ଅଭିମୁଖେ ଯାଉଥିବା ଫ୍ଲାଇଟ୍ ଆଇଏକ୍ସ୯୩୮ ଥିଲା। ଏଥିରେ ୧୩୩ ଜଣ ଯାତ୍ରୀ ଥିଲେ ଏବ ସମସ୍ତେ ସୁରକ୍ଷିତ ଅଛନ୍ତି। ବିମାନଟି ରନୱେରେ ହାର୍ଡ ଲ୍ୟାଣ୍ଡିଂ ଅର୍ଥାତ ଶକ୍ତ ଭାବେ ଅବତରଣ କରିଥିଲା, ଯାହା ଫଳରେ ବିମାନର ସମ୍ମୁଖ ଭାଗ ଚକ ବା ନୋଜ୍ ଲ୍ୟାଣ୍ଡିଂ ଗିୟର କ୍ଷତିଗ୍ରସ୍ତ ହୋଇଥିଲା। ବିମାନଟି ରନୱେରେ ଅଟକି ରହିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ଫୁକେଟ ବିମାନ ବନ୍ଦରର ରନୱେକୁ ପ୍ରାୟ ୬ ଘଣ୍ଟା ପାଇଁ ବନ୍ଦ କରିଦିଆଯାଇଥିଲା। ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୌଣସି ବିମାନ ଚଳାଚଳ କରିପାରି ନଥିଲା। ଏୟାର ଇଣ୍ଡିଆ ଏକ୍ସପ୍ରେସ ତରଫରୁ ଜାରି କରାଯାଇଥିବା ବିବୃତି ଅନୁଯାୟୀ, ବିମାନର କ୍ରୁ ମେମ୍ବରମାନେ ସମସ୍ତେ ନିର୍ଦ୍ଧାରିତ ସୁରକ୍ଷା ନିୟମ ପାଳନ କରିଥିଲେ ଓ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ବିମାନବନ୍ଦର କର୍ତ୍ତୃପକ୍ଷ ବିମାନଟି ରନୱେରୁ ହଟାଇବା ପାଇଁ ଓ ଯାଞ୍ଚ୍ ପାଇଁ କାର୍ଯ୍ୟ ଜାରି ରଖିଥିଲେ।

## ରାୟପୁରରେ ୱିଙ୍ଗ୍ କମାଣ୍ଡରଙ୍କ ଆତ୍ମହତ୍ୟା

ରାୟପୁର, ୧୧।୩(ଏଜେନ୍ସି): ରାୟପୁରରେ ଭାରତୀୟ ବାୟୁସେନାର ଜଣେ ୱିଙ୍ଗ କମାଣ୍ଡର ଆତ୍ମହତ୍ୟା କରିଥିବା ଭଳି ଖବର ସାମ୍ନାକୁ ଆସିଛି। ପୁରୈନା ସ୍ଥିତ ବିଧାୟକ କଲୋନୀରେ ଥିବା ତାଙ୍କ ବାସଭବନରୁ ୱିଙ୍ଗ କମାଣ୍ଡରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ୩୯ ବର୍ଷୀୟ ବିପୁଲ ଯାଦବ ବିଧାୟକ କଲୋନୀର ୭୯ ନଂ ବଙ୍ଗଳରେ ଫାଶୀ ଲଗାଇ ଜୀବନ ହାରିଛନ୍ତି। ବିପୁଲ ଯାଦବ ହରିୟାଣାର ବାସିନ୍ଦା ଥିଲେ ଓ ରାୟପୁରେ ନିୟୋଜିତ ଥିଲେ। ସେ ଛତିଶଗଡ଼ର ନକ୍ସାଲ ବିରୋଧୀ ଅଭିଯାନ ସହ ଜଡ଼ିତ ଥିଲେ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିଲେ। ସକାଳେ ଘରର କାମ କରୁଥିବା ମହିଳା ପ୍ରଥମେ ତାଙ୍କ ମୃତଦେହ ବେଡ୍‌ରୁମ୍‌ର ପଙ୍ଖାରେ ଝୁଲୁଥିବାର ଦେଖିଥିଲେ ଓ ଏବଂ ପୁଲିସକୁ ସୂଚନା ଦେଇଥିଲେ। ତେବେ ସେଠାରେ କୌଣସି ସୁସାଇଡ୍ ନୋଟ୍ ମିଳି ନାହିଁ ବୋଲି ପୁଲିସ କହିଛି। ଘଟଣା ସମୟରେ ବିପୁଲଙ୍କ ଦୁଇ ସନ୍ତାନ ଅନ୍ୟ କୋଠାରୀରେ ଶୋଇଥିଲେ। ତାଙ୍କ ପତ୍ନୀ ଏକ କାମରେ ଦିଲ୍ଲୀ ଯାଇଥିଲେ। ବିପୁଲ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ୨୦୧୪ରେ ପ୍ରେମ ବିବାହ ହୋଇଥିଲା। ପତ୍ନୀ ପୂର୍ବରୁ ବାୟୁସେନାରେ କାମ କରୁଥିଲେ ଓ ଏବେ ଆଇଟି ସେକ୍ଟରରେ କାର୍ଯ୍ୟରତ ଅଛନ୍ତି। ପତ୍ନୀଙ୍କ ସହ ବିବାଦ ଯୋଗୁଁ ସେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଆଶଙ୍କା କରାଯାଉଛି। ପୁଲିସ ଏହି ଘଟଣା ତଦନ୍ତ ଜାରି ରଖିଛି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# କ୍ଷେପଣାସ୍ତ୍ର ଯୁଦ୍ଧ କୌଶଳରେ ପରିବର୍ତ୍ତନ!

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

ତେହେରାନ, ୧୧।୩(ଏଜେନ୍ସି): ଗତ ଫେବୃଆରୀ ୨୮ରୁ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଛି। ଇରାନ ମଧ୍ୟ ଏହି ସଂଘର୍ଷରେ ତା'ର ଆକ୍ରମଣକୁ ଜୋରଦାର କରିଥିଲା। କିନ୍ତୁ ଏବେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣରେ ହ୍ରାସ ହୋଇଥିବା ଲକ୍ଷ୍ୟ କରାଯାଇଛି ଓ ଏ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ଯୁଦ୍ଧର ଦୁଇ ପକ୍ଷରୁ ମଧ୍ୟରୁ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ଆମେରିକା ଓ ଇସ୍ରାଏଲ ଦାବି କରିଛନ୍ତି ଯେ ସେମାନେ ଇରାନର ପ୍ରାୟ ୭୫ ପ୍ରତିଶତ କ୍ଷେପଣାସ୍ତ୍ର ଲଞ୍ଚର ନଷ୍ଟ କରିଦେଇଛନ୍ତି। ଫଳରେ ଇରାନର କ୍ଷେପଣାସ୍ତ୍ର ଫିଙ୍ଗିବାର କ୍ଷମତା ହ୍ରାସ ପାଇଛି। ରିପୋର୍ଟ ଅନୁସାରେ, ଇରାନର ଦୈନିକ କ୍ଷେପଣାସ୍ତ୍ର ଆକ୍ରମଣ ଫେବୃଆରୀ ୨୮ରୁ ୯୦ରୁ ୯୨ ପ୍ରତିଶତ କମିଯାଇଛି। ତେବେ ଇରାନ ଏହି ଦାବିକୁ ଖଣ୍ଡନ କରିଛି। ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ (ଆଇଆରଜିସି) କହିଛି ଯେ ଏହା କୌଣସି ଦୁର୍ବଳତା ନୁହେଁ, ବରଂ ଏହା ଏକ ନୂତନ ଯୁଦ୍ଧ ରଣନୀତି। ଇରାନ ଏବେ ହାଲକା କ୍ଷେପଣାସ୍ତ୍ର ବଦଳରେ ଏକ ଟନ୍‌ରୁ ଅଧିକ ଓଜନର ୱାରହେଡ୍ ଥିବା କ୍ଷେପଣାସ୍ତ୍ର ବ୍ୟବହାର କରିବ ବୋଲି ଘୋଷଣା କରିଛି। ଇରାନ ଏହାକୁ ଏକ କୌଶଳଗତ ପରିବର୍ତ୍ତନ ବୋଲି କହିଛି। ଯୁଦ୍ଧର ପ୍ରଥମ ଦିନ ଅର୍ଥାତ ଫେବୃଆରୀ ୨୮ରେ ଇରାନ ୪୮୦ଟି କ୍ଷେପଣାସ୍ତ୍ର ମାରିଥିବା ବେଳେ, ମାର୍ଚ୍ଚ ୯ ବେଳକୁ ତାହା ୪୦କୁ ଖସିଆସିଛି। ଇସ୍ରାଏଲ ଦାବି ଅନୁସାରେ, ଯୁଦ୍ଧ ପୂର୍ବରୁ ଇରାନ ପାଖରେ ୪୦୦ରୁ ୫୫୦ଟି ଲଞ୍ଚର ମଧ୍ୟରୁ ୩୦୦ରୁ ୪୧୫ଟି ନଷ୍ଟ ହୋଇସାରିଛି। ଡ୍ରୋନ୍ ଆକ୍ରମଣରେ ମଧ୍ୟ ଇରାନ ଏବେ ପଛରେ ପଡ଼ିଛି। ଫେବୃଆରୀ ୨୮ରେ ଡ୍ରୋନ ଆକ୍ରମଣ ୭୨୦ ଥିଲା। ଏବେ ମାର୍ଚ୍ଚ ୯ରେ ଏହା ୬୦ଟିକୁ ଅର୍ଥାତ ୯୨ ପ୍ରତିଶତ ହ୍ରାସ ହୋଇଛି। ଇରାନ ମଙ୍ଗଳବାର ରାତିରେ ଖୋରାମଶାହର, ଫତହ ଓ ଖୈବର ଭଳି ନୂତନ ଏବଂ ଅଧିକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ବ୍ୟବହାର କରି ବଡ଼ ଧରଣର ଆକ୍ରମଣ କରିଛି। ଏହି ଆକ୍ରମଣରେ କାତାର, ଇରାକ, ବାହାରିନ ଓ ସାଉଦି ଆରବରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରାଯାଇଛି। ଅନ୍ୟପକ୍ଷରେ କହିବାକୁ ଗଲେ, ଆମେରିକା ଓ ଇସ୍ରାଏଲ ଇରାନର ଲଞ୍ଚ କ୍ଷମତାକୁ ଦୁର୍ବଳ କରିଥିବା ବେଳେ, ଇରାନ ନିଜର ଶକ୍ତିଶାଳୀ ମାରଣାସ୍ତ୍ରଗୁଡ଼ିକୁ ସଞ୍ଚୟ କରୁଥିବା କୁହାଯାଉଛି। ଆଗାମୀ କିଛି ସପ୍ତାହ ମଧ୍ୟରେ ଯୁଦ୍ଧର ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ।



## ମଧ୍ୟପ୍ରାଚ୍ୟ ଯୁଦ୍ଧର କରାଳ ରୂପ: ପାଳିତ ପଶୁଙ୍କୁ ରାସ୍ତାରେ ଛାଡ଼ି ପଳାୟନ କରୁଛନ୍ତି ଲୋକେ



ତେଲ ଅଭିଭ/ତେହେରାନ, ୧୧।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧ ଏବେ ମାନବିକ ସଙ୍କଟ ସହିତ ଅମାନବୀୟ ସମସ୍ୟା ମଧ୍ୟ ସୃଷ୍ଟି କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଲୋକମାନେ ଦେଶ ଛାଡ଼ି ପଳାଉଥିବା ବେଳେ ନିଜର ପାଳିତ କୁକୁର, ବିରାଡ଼ି ଓ ଅନ୍ୟ ପଶୁମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ପଳାଉଛନ୍ତି। ଅନେକ ଲୋକ ନିଜ ପାଳିତ ଶିଶୁଙ୍କୁ ବିନା ଖାଦ୍ୟ ଓ ପାଣିରେ ପ୍ରବଳ ଖରା ଓ ରାସ୍ତା କଡ଼ରେ ଥିବା ଖୁଣ୍ଟିରେ ବାନ୍ଧି ପଳାଉଛନ୍ତି। କେତେକ ସ୍ଥାନରେ ଘର ବାହାରେ ପିଞ୍ଜରା ବନ୍ଦ କରି ପଶୁମାନଙ୍କୁ ଛାଡ଼ି ଦିଆଯାଉଛି। ସେହିପରି ଆବୁଧାବିର ଏକ ସ୍ଥାନରେ ଏକ ବାକ୍ସ ଭିତରେ ବିରାଡ଼ି ଓ ତା'ର ଛୁଆଙ୍କୁ ଦେଖିବାକୁ ମିଳିଛି। ଯେଉଁଥିରେ ଲେଖା ଥିଲା- 'ସରି ପରିସ୍ଥିତି ଏପରି ଯେ ଆମକୁ ଦେଶ ଛାଡ଼ିବାକୁ ପଡୁଛି ଏବଂ ପଶୁମାନଙ୍କୁ ସାଙ୍ଗରେ ନେବା ସମ୍ଭବ ନୁହେଁ'। ପଶୁ କଲ୍ୟାଣକାରୀ ସଂସ୍ଥାଗୁଡ଼ିକ କହିଛନ୍ତି ଯେ ଏଭଳି ଘଟଣା ସାଧାରଣ ଦିନ ତୁଳନାରେ ଶହ ଶହ ଗୁଣ ବୃଦ୍ଧି ପାଇଛି। କିଛି ସ୍ଥାନରେ ଛାଡ଼ି ଦିଆଯାଇଥିବା କୁକୁରଙ୍କୁ ଗୁଳି କରି ହତ୍ୟା କରାଯିବା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏହି ଯୁଦ୍ଧର ଆହୁରି କେତୋଟି ଦୁଃଖଦ ଦିଗକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଇରାନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଯୁଦ୍ଧରେ ମୃତକଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ହେଉଛନ୍ତି ଶିଶୁ। ହସ୍ପିଟାଲରେ ମଧ୍ୟ ଆହତ ଶିଶୁଙ୍କର ଚିକିତ୍ସା ଚାଲିଛି। ସେପଟେ ଲେବାନନ୍‌ରେ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୧ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ୍ୟ ହୋଇଛନ୍ତି। ରାସ୍ତା କଡ଼ରେ ଓ ସମୁଦ୍ର କୂଳରେ ପରିବାରଗୁଡ଼ିକ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଇରାନ ଓ ଲେବାନନରେ ବଡ଼ ବଡ଼ କୋଠା ବାଡ଼ି, ତେଲ ଭଣ୍ଡାର ଓ ଭିତ୍ତିଭୂମି ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଛି। ଚାରିଆଡ଼େ କେବଳ ଧୂଆଁ ଓ ମଳିନ ଚିତ୍ର ଦେଖିବାକୁ ମିଳୁଛି। ଇରାନରେ ହୋଇଥିବା ବିସ୍ଫୋରଣ ଓ ଆକ୍ରମଣ ଯୋଗୁଁ କେବଳ ଘରବାଡ଼ି ନୁହେଁ, ପଶୁପକ୍ଷୀଙ୍କ ଜୀବନ ମଧ୍ୟ ଦୁର୍ବିସହ ହୋଇପଡ଼ିଛି। ଯୁଦ୍ଧର ଏହି ଭୟାଭୟ ଛାୟା ଏବେ ମାନବିକତା ଓ ପ୍ରାଣୀ କଲ୍ୟାଣ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଇରାନ ଉପରେ ଆକ୍ରମଣ ପୂର୍ବରୁ ଚୀନ୍‌କୁ ଥିଲା ସୂଚନା

ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ପ୍ରଥମ ମିସାଇଲ ମାଡ଼ ହେବାର ବହୁ ପୂର୍ବରୁ ଚୀନର ସାମାଜିକ ଗଣମାଧ୍ୟମରେ ଆମେରିକା ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବାରୁ ସଙ୍କେତ ମିଳିଥିଲା। ଆମେରିକୀୟ ସାମରିକ ପ୍ରସ୍ତୁତି ସହ ଜଡ଼ିତ ଉପଗ୍ରହ ଚିତ୍ରଗୁଡ଼ିକ ଅନ୍‌ଲାଇନ୍‌ରେ ଦ୍ରୁତଗତିରେ ଭାଇରାଲ ହୋଇଥିଲା। ସାଙ୍ଘାଇର ଜିଓ ସ୍ପେଶିଆଲ ଇଣ୍ଟେଲିଜେନ୍ସ କମ୍ପାନୀ 'ମିଜାର ଭିଜନ' ଏହି ଉପଗ୍ରହ ଚିତ୍ରଗୁଡ଼ିକୁ ସେୟାର କରିଥିଲା। ଏହି ଚିତ୍ରଗୁଡ଼ିକରେ କେଉଁଠି ଯୁଦ୍ଧ ବିମାନ ରହିଛି, କେଉଁଠି ମିସାଇଲ ଡିଫେନ୍ସ ସିଷ୍ଟମ ରହିଛି ଏବଂ ସୈନ୍ୟବାହିନୀ କେଉଁଠି ମୁତୟନ ଅଛନ୍ତି, ତାହା ଅତ୍ୟନ୍ତ ସଠିକ ଭାବେ ଚିହ୍ନଟ କରାଯାଇଥିଲା। ଏହି କମ୍ପାନୀ ସର୍ବସାଧାରଣ ତଥ୍ୟ ଯଥା ଉପଗ୍ରହ ଚିତ୍ର, ଏୟାରକ୍ରାଫ୍ଟ ଟ୍ରାକିଂ ସିଗନାଲ, ଜାହାଜ ଟ୍ରାକିଂ ଡାଟାକୁ ଏକାଠି କରି ଏଆଇ ମଡେଲ ସହାୟତାରେ ବିଶ୍ଳେଷଣ କରୁଥିଲା। ଏହାକୁ ଅନେକ ସମୟରେ 'ଇଣ୍ଟେଲିଜେନ୍ସର ବ୍ଲୁମ୍‌ବର୍ଗ' ବୋଲି କୁହାଯାଉଛି। ମିଜାର ଭିଜନ ଦ୍ୱାରା ଦର୍ଶାଯାଇଥିବା ଅନେକ ସାମରିକ ଘାଟି ପରେ ଇରାନର ମିସାଇଲ ଓ ଡ୍ରୋନ ଆକ୍ରମଣର ଶିକାର ହୋଇଥିଲା। ଉଦାହରଣ ସ୍ୱରୂପ, ଜୋର୍ଡାନରେ ଥିବା ଏକ ରାଡ଼ାର ସିଷ୍ଟମକୁ ଇରାନ ଧ୍ୱଂସ କରିଦେଇଥିଲା। ଯଦିଓ ଇରାନ ଏହି ତଥ୍ୟକୁ ସିଧାସଳଖ ବ୍ୟବହାର କରିଛି କି ନାହିଁ ତା'ର ପକ୍କା ପ୍ରମାଣ ଜଣାପଡ଼ିନାହିଁ, କିନ୍ତୁ ଏଭଳି ସମ୍ବେଦନଶୀଳ ସାମରିକ ସୂଚନା ସର୍ବସାଧାରଣରେ ଉପଲବ୍ଧ ହେବା ଆମେରିକା ଓ ଇସ୍ରାଏଲ ପାଇଁ ଏକ ବଡ଼ ସୁରକ୍ଷା ଚିନ୍ତାର ବିଷୟ ପାଲଟିଛି। ଏହି କମ୍ପାନୀଟି ୨୦୦ରୁ କମ୍ କର୍ମଚାରୀଙ୍କୁ ନେଇ ଚାଲୁଥିଲେ ମଧ୍ୟ ଏହାର ତଥ୍ୟ ବିଶ୍ଳେଷଣ କ୍ଷମତା ଜାତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ତୁଳନୀୟ।

**ଯୁଦ୍ଧ ବିମାନ, ଏୟାରକ୍ରାଫ୍ଟ କ୍ୟାରିଅର ଉପଗ୍ରହ ଜରିଆରେ ଟ୍ରାକ୍ କରୁଥିଲା ଚୀନର ଏଆଇ କମ୍ପାନୀ**



## ପ୍ରତି ୧୨ ଘଣ୍ଟାରେ ବୟାନ ବଦଳାଉଛନ୍ତି ଟ୍ରମ୍ପ

ୱାସିଂଟନ, ୧୧।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତିଙ୍କୁ ପୋଟୁସ କୁହାଯାଏ। ଏବେ ଡୋନାଲ୍ଡ ଟ୍ରମ୍ପ ପଟୁସ ଅଛନ୍ତି। ମାତ୍ର ପଲଟୁରାମ ପୋଟସ୍ ଭାବେ ବିଶ୍ୱରେ ତାଙ୍କ ଖ୍ୟାତି ବଢ଼ିବାରେ ଲାଗିଛି। କାରଣ ଟ୍ରମ୍ପ ଯାହା କହନ୍ତି, କିଛି ସମୟ ପରେ ସେଥିରୁ ଓହରି ଯାଆନ୍ତି। ଅନେକ ଥର ସେ ଏପରି କରିଛନ୍ତି। ଇରାନ ସହ ଯୁଦ୍ଧ ଲଢୁଥିଲେ ବି ଟ୍ରମ୍ପଙ୍କ ଏହି ପଲଟିବା ରୋଗ ଯାଉନାହିଁ। ସେ ପ୍ରତି ୧୨ ଘଣ୍ଟାରେ ନିଜ ବୟାନ ବଦଳାଇ ଚାଲିଛନ୍ତି। ତାଙ୍କ କଥା କିମ୍ବା କାମ କେଉଁଥିରେ ବି ତାଳମେଳ ରହୁନି। ମାତ୍ର ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିବାରେ ସେ ଧୁରନ୍ଧର ହୋଇ ଯାଇଛନ୍ତି। ଶୁଳ୍କ ହେଉ କି ଭେନେଜୁଏଲା ସ୍ଥିତି ଅବା ଇରାନ ଯୁଦ୍ଧ ସବୁଠି ଟ୍ରମ୍ପଙ୍କ ପଲଟୁରାମ ନୀତି ଦେଖିବାକୁ ମିଳିଛି। ଫଳରେ ସ୍ଥିତି ସ୍ପଷ୍ଟ ହେବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଉଛି। ଏବେ ପଲଟୁରାମ ପୋଟୁସ କହିଛନ୍ତି ଯେ ଅନେକ ସ୍ଥିତିରେ ଆମେରିକା ଏହି ଯୁଦ୍ଧ ଜିତି ସାରିଛି। ମାତ୍ର ସମ୍ପୂର୍ଣ୍ଣ ବିଜୟ ମିଳିପାରି ନାହିଁ। ଟ୍ରମ୍ପଙ୍କ ଏହି ମନ୍ତବ୍ୟରୁ ଯୁଦ୍ଧ କେବେ ବନ୍ଦ ହେବ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ଗୋଟିଏ ପଟେ ଶୀଘ୍ର ଯୁଦ୍ଧ ବନ୍ଦ ହେବ କହି ଏଭଳି ବୟାନ ଦେଉଥିବାରୁ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। ଟ୍ରମ୍ପଙ୍କ ଲକ୍ଷ୍ୟ କ'ଣ ମଧ୍ୟ ତାହା ବୁଝା ପଡୁନି। ଏପଷ୍ଟିନ ଫାଇଲରୁ ନଜର ହଟାଇବା ପାଇଁ ପୋଟୁସ ଏପରି କରୁଥାଇପାରନ୍ତି ବୋଲି କୁହାଯାଉଛି। ସେପଟେ ବି-୫୨ ବମ୍ବର ବିମାନରୁ ଇରାନ ଉପରେ ଆମେରିକା ୩୨ ହଜାର କେଜିର ବୋମା ମାଡ଼ କରିପାରେ ବୋଲି ସୂଚନା ମିଳିଛି।

ସୋମବାର ଟ୍ରମ୍ପ ଫ୍ଲୋରିଡ଼ାରେ ୩୫ ମିନିଟ ପର୍ଯ୍ୟନ୍ତ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଥିରେ ସେ ତୈଳ ସଙ୍କଟର ମୁକାବିଲା ପାଇଁ ନିଜ ଯୋଜନା ଏବଂ ଆଶ୍ୱାସନା ଦେବାର ଥିଲା। ମାତ୍ର ସେ କିଛି କହି ନ ଥିଲେ। ଇରାନର ସାମରିକ ଶକ୍ତିକୁ ଆମେରିକା ଧ୍ୱଂସ କରିଦେଇଛି ବୋଲି କହିଥିଲେ। ଏହାର ୧୨ ଘଣ୍ଟା ପରେ ଟ୍ରମ୍ପ ସିବିଏସ ନ୍ୟୁଜକୁ ଫୋନ ଯୋଗେ ସାକ୍ଷାତକାର ଦେଇ ଯୁଦ୍ଧ ସମ୍ପୂର୍ଣ୍ଣ ଶେଷ ହୋଇଥିବା କହିଥିଲେ। ମାତ୍ର ଏହା ପରେ ସାମ୍ବାଦିକ ସମ୍ମିଳନୀରେ ଚଳିତ ସପ୍ତାହରେ ଯୁଦ୍ଧ ବନ୍ଦ ହେବନି ବୋଲି କହିଥିଲେ। ପରେ ସାମାଜିକ ଗଣମାଧ୍ୟମରେ ଶୀଘ୍ର ଶେଷ ହେବାର ସୂଚନା ଦେଇଥିଲେ। ମାତ୍ର ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ଏଡ଼ାଇ ଦେଇଥିଲେ। ଏବେ ଯୁଦ୍ଧ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା କହିଥିଲେ। ଏହା ପରେ ପୋଟୁସ ନୂଆ ଦେଶର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରେ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟପଟେ ଟ୍ରମ୍ପଙ୍କ ପରାମର୍ଶଦାତା ଏଭଳି ଯୋଜନା ନ ଥିବା କହିଥିଲେ। ମଙ୍ଗଳବାର ଟ୍ରମ୍ପ କହିଥିଲେ ଯେ ଇରାନ ଯେଉଁ ସର୍ତ୍ତ ପାଇଁ ରାଜି ହେବ ତାହା ଉପରେ ଆଲୋଚନା କରାଯିବ।

ଗତ ଦଶ ଦିନ ହେଲା ଟ୍ରମ୍ପ ଅନେକ ଥର ନିଜ ବୟାନ ବଦଳାଇଛନ୍ତି। ଏହାକୁ ନେଇ ଆମେରିକାରେ ପୋଟୁସଙ୍କୁ ନିନ୍ଦା କରାଯାଉଛି। ଡେମୋକ୍ରାଟ ନେତାମାନେ କହିଛନ୍ତି ଯେ ରଣନୀତି ଏବଂ ଭବିଷ୍ୟତକୁ ନେଇ ଟ୍ରମ୍ପଙ୍କ ପାଖରେ କୌଣସି ଯୋଜନା ନ ଥିବା ତାଙ୍କ ବୟାନରୁ ସ୍ପଷ୍ଟ ହେଉଛି। ପୂର୍ବରୁ ରୁଷ ତୈଳ କିଣୁଥିବା ଦେଶ ଉପରେ ଟ୍ରମ୍ପ କଟକଣା ଲଗାଇ ଥିବାବେଳେ ଏବେ ଅନୁମତି ଦେଉଛନ୍ତି।

## ଚିନ୍ତା ବଢ଼ାଇଲା ଏଲ୍ ନିନୋ: ପ୍ରଭାବିତ ହେବ ମୌସୁମୀ, ଗ୍ରୀଷ୍ମ ପ୍ରବାହ

ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲ୍ୟୁଏମ୍‌ଓ)ର ସଦ୍ୟତମ ରିପୋର୍ଟ ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି। ଏହି ରିପୋର୍ଟ ଅନୁଯାୟୀ, ଏହି ବର୍ଷ 'ଏଲ୍ ନିନୋ' ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଏହା ଭାରତୀୟ ମୌସୁମୀ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଲ୍ ନିନୋ ହେଉଛି ପାଣିପାଗ ସମ୍ବନ୍ଧୀୟ ଏକ ପ୍ରକ୍ରିୟା। ଏହା ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଏବଂ ପୂର୍ବ ଭାଗରେ ସାମୁଦ୍ରିକ ପୃଷ୍ଠଭାଗରେ ତାପମାତ୍ରା ବୃଦ୍ଧି ହେବାକୁ ବୁଝାଏ। ଏହା ପବନର ଗତିପଥ ଓ ବର୍ଷା ସମ୍ବନ୍ଧୀୟ ପ୍ରକ୍ରିୟାକୁ ଓଲଟପାଲଟ କରିଦିଏ। ଏହା 'ଲା ଲିନା'ର ଠିକ୍ ବିପରୀତ। ଲା ନିନା ଭାରତ ତଥା ସମଗ୍ର ଉପମହାଦେଶରେ ଭଲ ବର୍ଷା ପାଇଁ ସହାୟକ ହୋଇଥାଏ। ଏଲ୍ ନିନୋ ଭାରତୀୟ ମୌସୁମୀ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଯଦିଓ ଏବେଠାରୁ କିଛି ନିଶ୍ଚିତ କରି କହି ହେବନାହିଁ। ଏଲ ନିନୋ ବର୍ଷରେ ସାଧାରଣତଃ ବର୍ଷାର ପରିମାଣ କମ୍ ରହିଥାଏ। ଡବ୍ଲ୍ୟୁଏମ୍‌ଓ ଅନୁଯାୟୀ, ମାର୍ଚ୍ଚରୁ ମେ ମାସ ମଧ୍ୟରେ ବିଶ୍ୱବ୍ୟାପୀ ଭୂମିର ହାରହାରି ତାପମାତ୍ରା ହାରହାରିଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ଭାରତରେ ଏବେଠାରୁ ବିଭିନ୍ନ ସ୍ଥାନରେ ହିଟ୍‌ୱେଭ୍ ବା ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଆସନ୍ତା ୩ ଦିନ ମଧ୍ୟରେ ଜମ୍ମୁ-କଶ୍ମୀର ଓ ହିମାଚଳ ପ୍ରଦେଶରେ ତାପମାତ୍ରା ସ୍ୱାଭାବିକଠାରୁ ୫-୭ ଡିଗ୍ରୀ ସେଲସିୟସ ଏବଂ ଦିଲ୍ଲୀ-ଏନ୍‌ସିଆର ସମେତ ଉତ୍ତର-ପଶ୍ଚିମ ଭାରତ, ଗୁଜରାଟ ଓ ମଧ୍ୟପ୍ରଦେଶରେ ୪-୬ ଡିଗ୍ରୀ ଅଧିକ ରହିପାରେ। ଭୂ-ବିଜ୍ଞାନ ମନ୍ତ୍ରଣାଳୟର ପୂର୍ବତନ ସଚିବ ମାଧବନ ରାଜୀବନ କହିଛନ୍ତି ଯେ ଏଲ୍ ନିନୋ ମଧ୍ୟମସ୍ତରର ପ୍ରଭାବ ଦେଖାଦେଇପାରେ। କିନ୍ତୁ ଜୁନ୍ ମାସ ପୂର୍ବରୁ କୌଣସି ସ୍ପଷ୍ଟ ଚିତ୍ର ମିଳିବ ନାହିଁ। ତେଣୁ ଏବେ ଏ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ, ବରଂ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ଆବଶ୍ୟକ। ଡବ୍ଲ୍ୟୁଏମ୍‌ଓର ସେକ୍ରେଟାରୀ ଜେନେରାଲ ସେଲେଷ୍ଟ ସାଉଲୋ କହିଛନ୍ତି ଯେ ଏଲ୍ ନିନୋ ଓ ଲା ନିନୋର ପୂର୍ବାନୁମାନ କୃଷି, ସ୍ୱାସ୍ଥ୍ୟ, ଶକ୍ତି ଓ ଜଳ ପରିଚାଳନା ପରି କ୍ଷେତ୍ରରେ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତିକୁ ରୋକିବାରେ ସାହାଯ୍ୟ କରିଥାଏ।




## ନ୍ୟାୟପାଳିକା ଅଧ୍ୟାୟର ଲେଖକମାନେ ଆଗାମୀ ପିଢ଼ି ପାଇଁ ଲେଖିବାକୁ ଅଯୋଗ୍ୟ

**ଏନ୍‌ସିଇଆରଟି ପାଠ୍ୟ ପୁସ୍ତକ ବିବାଦ**

ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ବହୁ ଚର୍ଚ୍ଚିତ ଏନ୍‌ସିଇଆରଟି ପାଠ୍ୟ ପୁସ୍ତକ ବିବାଦରେ ସୁପ୍ରିମକୋର୍ଟ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର 'ନ୍ୟାୟପାଳିକା' ଅଧ୍ୟାୟକୁ ନେଇ କୋର୍ଟ ବୁଧବାର ଏକ କଠୋର ଆଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହି ଅଧ୍ୟାୟ ପ୍ରସ୍ତୁତ କରିଥିବା ଲେଖକମାନଙ୍କର ବିଚାରଧାର ଅତି ନିମ୍ନମାନର ଏବଂ ସେମାନେ ଆଗାମୀ ପିଢ଼ିପାଇଁ ପାଠ୍ୟପୁସ୍ତକ ଲେଖିବାକୁ ଓ ପ୍ରସ୍ତୁତ କରିବାକୁ ଯୋଗ୍ୟ ନୁହନ୍ତି। କୋର୍ଟ ୩ଜଣ ଲେଖକଙ୍କ ବିରୋଧରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଲେଖକମାନେ ହେଲେ- ପ୍ରଫେସର ମିସେଲ ଦାନିନୋ, ସୁପର୍ଣ୍ଣା ଦିବାକର ଓ ଆଲୋକ ପ୍ରସନ୍ନ କୁମାର। କୋର୍ଟ ଏହି ୩ ଜଣଙ୍କୁ ଭବିଷ୍ୟତରେ କୌଣସି ପାଠ୍ୟକ୍ରମ ପ୍ରସ୍ତୁତିରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ୩ଜଣଙ୍କୁ କୌଣସି ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ କିମ୍ବା ସରକାରୀ ପାଣ୍ଠିରୁ କୌଣସି ପ୍ରକାର ପେମେଣ୍ଟ ଦିଆଯିବ ନାହିଁ। ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ଶୀର୍ଷକ ଏକ ଅଧ୍ୟାୟରେ ନ୍ୟାୟପାଳିକାର କାର୍ଯ୍ୟକଳାପକୁ ଭୁଲ ଭାବେ ଉପସ୍ଥାପନ କରାଯାଇଥିବା କୋର୍ଟ ଦର୍ଶାଇଛନ୍ତି। କୋର୍ଟ କହିଛନ୍ତି ଯେ, ଏହା କୋମଳମତି ଛାତ୍ରଛାତ୍ରୀଙ୍କ ମନରେ ସାମ୍ବିଧାନିକ ସଂସ୍ଥା ପ୍ରତି ନକାରାତ୍ମକ ଚିନ୍ତାଧାର ସୃଷ୍ଟି କରୁଛି। ପୁଣି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ବିବାଦୀୟ ଅଧ୍ୟାୟର ପୁନଃଲେଖନ ପାଇଁ ଏକ କମିଟି ଗଠନ କରାଯିବ, ଯେଉଁଥିରେ ଜଣେ ଅବସରପ୍ରାପ୍ତ ବିଚାରପତି, ଜଣେ ବରିଷ୍ଠ ଆଇନଜୀବୀ ଏବଂ ଜଣେ ବରିଷ୍ଠ ଶିକ୍ଷାବିତ୍ ରହିବେ। ଏଥିସହ ଭୋପାଳସ୍ଥିତ ନ୍ୟାସନାଲ ଜୁଡିସିଆଲ ଏକାଡେମୀ ସହାୟତା ନେବାକୁ ମଧ୍ୟ କୁହାଯାଇଛି।

## ଟାଇଟାନିକ ପୋଜ୍‌ରେ ଟ୍ରମ୍ପ ଓ ଏପଷ୍ଟିନ୍

ୱାସିଂଟନ, ୧୧।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଜଣାଶୁଣା ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କୁ ନେଇ ଏବେ ଆଉ ଏକ ବ୍ୟଙ୍ଗାତ୍ମକ ଖବର ସାମ୍ନାକୁ ଆସିଛି। ଏହି ଦୁଇଜଣଙ୍କୁ ନେଇ 'ଟାଇଟାନିକ' ଶୈଳୀର ପ୍ରତିମୂର୍ତ୍ତି ମଙ୍ଗଳବାର ୱାଶିଂଟନ ଡିସିର 'ନ୍ୟାସନାଲ ମଲ୍'ରେ ଦେଖିବାକୁ ମିଳିଛି। ସୁନେଲୀ ରଙ୍ଗରେ ରଙ୍ଗାୟିତ ଏହି ୧୨ ଫୁଟ୍ ଉଚ୍ଚର ପ୍ରତିମୂର୍ତ୍ତିରେ ଟ୍ରମ୍ପ ଏପଷ୍ଟିନଙ୍କ ପଛରେ ଠିଆ ହୋଇ 'ଟାଇଟାନିକ' ଚଳଚ୍ଚିତ୍ରର ସେହି ପ୍ରସିଦ୍ଧ ଦୃଶ୍ୟକୁ ପୁଣିଥରେ ପୋଜ ଦେଉଥିବାର ଦେଖାଯାଇଛି। ଏହି ପ୍ରତିମୂର୍ତ୍ତିର ନାମ 'କିଙ୍ଗ ଅଫ୍ ଦି ୱାର୍ଲ୍ଡ' ରଖାଯାଇଛି। 'ଦି ସିକ୍ରେଟ୍ ହ୍ୟାଣ୍ଡସେକ୍' ନାମକ ଜଣେ ଅଜ୍ଞାତ କଳାକାର ଗୋଷ୍ଠୀ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି। ଏହି ବିବାଦୀୟ ପ୍ରତିମୂର୍ତ୍ତି ସହିତ ଥିବା ଏକ ଫଳକରେ ସେମାନଙ୍କ ସମ୍ପର୍କକୁ 'ଟ୍ରାଜିକ ଲଭ୍ ଷ୍ଟୋରୀ' ଅର୍ଥାତ ଦୁଃଖଦ ପ୍ରେମ କାହାଣୀ ବୋଲି ବ୍ୟଙ୍ଗ କରାଯାଇଛି। ଏହା ବିଳାସମୟ ଭ୍ରମଣ, ଉତ୍ସବ ଓ ଗୁପ୍ତ ସ୍କେଚ୍ ଉପରେ ଆଧାରିତ ବୋଲି ବ୍ୟଙ୍ଗ କରାଯାଇଛି। ଏହି ଗୋଷ୍ଠୀ ପୂର୍ବରୁ ମଧ୍ୟ ସମାନ ସ୍ଥାନରେ ଏଭଳି ବିବାଦୀୟ କଳାକୃତି ସ୍ଥାପନ କରିସାରିଛନ୍ତି। ସେଗୁଡିକ ହେଲା ବେଷ୍ଟ ଫ୍ରେଣ୍ଡସ୍ ଫର ଏଭର ଅନ୍ୟତମ। ଏଥିରେ ୨୦୨୫ରେ ଏହି ଯୋଡ଼ିଙ୍କ ହାତ ଧରାଧରି ହୋଇଥିବା ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହି ପ୍ରତିମୂର୍ତ୍ତି ଏପରି ଏକ ସମୟରେ ଆସିଛି, ଯେତେବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଅତୀତର ସମ୍ପର୍କକୁ ନେଇ ପୁନର୍ବାଚ ଚର୍ଚ୍ଚା ଓ ତଦନ୍ତର ଆଶଙ୍କା ଦେଖା ଦେଇଛି। ଏପଷ୍ଟିନ ନାବାଳିକା ଚାଲାଣ ଓ ଶାରୀରିକ ଶୋଷଣ ମାମଲାରେ ଅଭିଯୁକ୍ତ ଥିଲେ ଓ ୨୦୧୯ ରେ ଜେଲରେ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।



## ଖର୍ଚ୍ଚ ଦାବି ଆଲୋଚନାରେ ବିରୋଧୀଙ୍କ କଟାକ୍ଷ

# ମିଶନ ଶକ୍ତି ଶକ୍ତିହୀନ, ମହିଳା କମିଶନ ଦନ୍ତହୀନ

ଭୁବନେଶ୍ୱର,୧୧।୩(ସମିସ): ଏକଦା ରାଜ୍ୟ ବିକାଶ ଓ ମହିଳା ସ୍ୱାବଲମ୍ବନର ମାଧ୍ୟମ ପାଲଟିଥିବା ମିଶନ ଶକ୍ତିକୁ ଏ ସରକାର ଅଚଳ କରି ଦେଇଛନ୍ତି। ୨୦୨୩ରେ ମିଶନ ଶକ୍ତିରେ ୭୦ ଲକ୍ଷ ମହିଳା ଯୋଡ଼ି ହୋଇଥିଲେ। ଏବେ ମଧ୍ୟ ସରକାର ସମାନ ସଂଖ୍ୟା ଜାରି କରିଛନ୍ତି। ରାଜ୍ୟରେ ଆସିବା ପରେ ପ୍ରଥମେ ମିଶନ ଶକ୍ତି ଗ୍ରୁପ୍‌ର ସଭାପତି ସମ୍ପାଦକଙ୍କୁ ବିଜେଡି ସମର୍ଥକ କହି ହଟାଇ ଦିଆଗଲା। ମାତ୍ର ଦୁଇ ବର୍ଷ ଭିତରେ ସରକାର ଗୋଟିଏ ଏସଏଚ୍‌ଜି ଗଠନ କରିପାରିଲେ ନାହିଁ। ଏବେ ମିଶନ ଶକ୍ତି ଦୁର୍ବଳ ଓ ଶକ୍ତିହୀନ ବୋଲି ବିଧାନସଭାରେ କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ।

ବୁଧବାର ବିଧାନସଭାରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଖର୍ଚ୍ଚ ଦାବି ଆଲୋଚନାକୁ ଆରମ୍ଭ କରି ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ମହିଳା ଓ ଶିଶୁ ବିକାଶ ବିଭାଗ ବଜେଟ ୫୬ ପ୍ରତିଶତ ଖର୍ଚ୍ଚ କରିଛି। ମିଶନ ଶକ୍ତି ୪୬ ପ୍ରତିଶତ ଖର୍ଚ୍ଚ କରିଛି। ବଜେଟ ଅର୍ଥର ଅଧା ମଧ୍ୟ ଖର୍ଚ୍ଚ କରିବାକୁ ସକ୍ଷମ ନୁହଁନ୍ତି। ଏ ସରକାର କିଛି ନୂଆ କରିନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କରିଥିଲେ ସେତିକିରେ ଅଟକି ଯାଇଛନ୍ତି। ମହିଳା ଓ ଶିଶୁ ମାନଙ୍କ ପାଇଁ ସରକାରଙ୍କର ଆନ୍ତରିକତା ନାହିଁ। ଅଙ୍ଗନୱାଡି ପିଲାଙ୍କ ଜଳଖିଆ ପାଇଁ ୧ ଟଙ୍କା ୨୪ ପଇସା ଦଉଛନ୍ତି। ଗରମ ରନ୍ଧା ଖାଦ୍ୟ ପାଇଁ ୬ ଟଙ୍କା ୪୦ ପଇସା ଦଉଛନ୍ତି;



ଏଥିରେ ପିଲାଙ୍କ ବିକାଶ କିଭଳି ହେବ। ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଗୃହ ନାହିଁ, ଶିଶୁ ସୁରକ୍ଷା କମିଶନ ପଦବୀ ଖାଲି ପଡ଼ିଛି। ସୁଭଦ୍ରାରେ ୫୦ ହଜାର କହି ୫ ହଜାର ଦେଲେ। ଏସଏଚଜି ମହିଳାଙ୍କ ପରିଶ୍ରମର ଆୟକୁ ନେଇ ସରକାର ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବୋଲି କହି ବାହା ବାହା ନେଉଛନ୍ତି। ଉପମୁଖ୍ୟମନ୍ତ୍ରୀ ମହିଳାଙ୍କୁ ଛେଳି ଜଗୁଆଳି କରିବାକୁ ଉତ୍ସାହିତ କରୁଥିବା ପ୍ରମିଳା କଟାକ୍ଷ କରିଛନ୍ତି ।

ବିଧାୟକ ଗୌତମ ବୁଦ୍ଧ ଦାସ ମଧ୍ୟ ସରକାରଙ୍କୁ କଟୁ ସମାଲୋଚନା କରି କହିଛନ୍ତି ଯେ ଗତ ବର୍ଷ ବଜେଟ ଉପସ୍ଥାପନ ପରେ ଲାଗୁଥିଲା, ମିଶନ ଶକ୍ତିରେ ଭିଜନ ନାହିଁ। ମାତ୍ର ଚଳିତ ବଜେଟରେ ମିଶନ ନାହିଁ କି ଭିଜନ ନାହିଁ। ୨୦୦୧ ମସିହାରେ ରାଜ୍ୟର ଦାରିଦ୍ର୍ୟ ହାର ୪୭

**■ ବଜେଟରେ ମିଶନ ନାହିଁ କି କୌଣସି ଭିଜନ ନାହିଁ**
**■ ମହିଳାଙ୍କ ପରିଶ୍ରମର ଶ୍ରେୟ ନେଉଛନ୍ତି ସରକାର**

ପ୍ରତିଶତ ରହିଥିଲା। ବର୍ତ୍ତମାନ ଏହା ୧୧ ପ୍ରତିଶତ କୁ ଖସି ଆସିଛି। ମିଶନ ଶକ୍ତିରେ ଏଥିରେ ବଡ଼ ଅବଦାନ ରହିଛି। ନୀତି ଆୟୋଗ ଓ କେନ୍ଦ୍ର ସରକାର ମଧ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଚଳିତ ବଜେଟରେ ସୁଭଦ୍ରାକୁ ବାଦ ଦେଲେ ବିଭାଗ ପାଇଁ ମାତ୍ର ୫୦୦୦ କୋଟି ରହିଛି। ଏଥିରେ ମହିଳାଙ୍କ କିଭଳି ବିକାଶ ହେବ ତାହା ଜଣାପଡୁନାହିଁ। ମୂଳ ବଜେଟ ବଢ଼ୁଛି; କିନ୍ତୁ ସେହି ତୁଳନାରେ ବିଭାଗର ବଜେଟ ବଢ଼ୁନାହିଁ।

କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ୍ କହିଥିଲେ ଯେ, ସରକାର ସବୁବେଳେ ୨୦୩୬ ଓ ୨୦୪୭ କଥା କହୁଛନ୍ତ୍ କିନ୍ତୁ ମା' ମାନଙ୍କୁ ଆଜି ଗ୍ୟାସ ସିଲିଣ୍ଡରର ଆବଶ୍ୟକତା ଅଛି। ଅତୀତ ଓ ଭବିଷ୍ୟତକୁ ନ ଯାଇ ବର୍ତ୍ତମାନକୁ ସୁଧାରିବା ପାଇଁ ସୋଫିଆ କହିଛନ୍ତି। ସୁଭଦ୍ରାର ଅନେକ ଆବେଦନକାରୀ ଟଙ୍କା ପାଉନାହାନ୍ତି। ମହିଳା କମିଶନ ଏକ ଦନ୍ତହୀନ ବାଘରେ ପରିଣତ ହୋଇଛି। ସେଠାରେ କୌଣସି ମାମଲାର ସମାଧାନ ହେଉନାହିଁ। ସେହିପରି ବିଜେଡି ବିଧାୟିକା ସୁଜାତା ସାହୁ, କଂଗ୍ରେସ ବିଧାୟକ ପବିତ୍ର ସାଉଁନ୍ତା ପ୍ରମୁଖ ସରକାରଙ୍କ ମିଶନ ଶକ୍ତି ଆଭିମୁଖ୍ୟ ଓ ବିଭାଗର ବଜେଟ୍‌କୁ ସମାଲୋଚନା କରିଛନ୍ତି। ସରକାରୀ ଦଳ ପକ୍ଷରୁ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସୀମାରାଣୀ ନାୟକ, ଅଶୋକ ମହାନ୍ତି, ମନୋରଞ୍ଜନ ଦ୍ୟାନସାମନ୍ତରା, ଜଲେନ ନାୟକ ପ୍ରମୁଖ ବଜେଟ୍‌କୁ ସମର୍ଥନ ଜଣାଇ ଏହା ସପକ୍ଷରେ ମତ ରଖିଛନ୍ତି।

## ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ଅଚଳାବସ୍ଥା

# ୪ ମାସ ସମୟ ଲୋଡ଼ିଲେ ରାଜ୍ୟ ସରକାର

କଟକ,୧୧।୩(ସମିସ): ପ୍ରାୟ ଏକ ବର୍ଷ ହେଲାଣି ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ୧୩ ସଦସ୍ୟ ପଦ ଖାଲି ପଡ଼ିଛି। ଏଥିସହ ୧୮ ମାସ ଧରି ପରିଷଦର ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବେ ଉଚ୍ଚ୍‌ଶିକ୍ଷା ସଚିବଙ୍କୁ ଅବସ୍ଥାପିତ କରାଯାଇଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଏକ ସତ୍ୟପାଠ ଦାଖଲ କରିଥିବା ବେଳେ ଏହା ଉପରେ ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ପାଇଁ କହିଛନ୍ତି ହାଇକୋର୍ଟ। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ଦ୍ଦେଶ ଅନୁପାଳନ ପାଇଁ ସରକାରଙ୍କ ପକ୍ଷରୁ ଚାରିମାସ ସମୟ ଦେବାକୁ ଅଦାଲତଙ୍କୁ ନିବେଦନ କରାଯାଇଛି। ସତ୍ୟପାଠରେ ସରକାର ଦର୍ଶାଇଛନ୍ତି ଯେ ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବଶା (ସଦସ୍ୟ) ଓ ଉଚ୍ଚ୍‌ଶିକ୍ଷା ବିଭାଗର ସଚିବ (ଆବାହକ ସଦସ୍ୟ)ଙ୍କୁ ନେଇ ଏକ ସର୍ଚ୍ଚ କମିଟି ଗଠନ କରିଛନ୍ତି। ଉକ୍ତ ସର୍ଚ୍ଚ କମିଟି ନିଷ୍ପତ୍ତି ଅନୁସାରେ ଗତ ୨୦୨୬ ଫେବୃଆରୀରେ ଦୁଇଟି ଇଂରାଜୀ ଓ ଦୁଇଟି ଓଡ଼ିଆ ସମ୍ବାଦପତ୍ରରେ ପରିଷଦର ଉପାଧ୍ୟକ୍ଷ ପଦ ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଛି। ଏହା ମଧ୍ୟ ଦର୍ଶାଯାଇଛି ଯେ ପୂର୍ବତନ

**ସର୍ଚ୍ଚ କମିଟି ଗଠନ ସହ ଉପାଧ୍ୟକ୍ଷ ନିଯୁକ୍ତି ବିଜ୍ଞାପନ ଜାରି ନେଇ ସତ୍ୟପାଠ**

ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସଙ୍କ ଗତ ୨୦୨୪ ଅଗଷ୍ଟ ୮ରେ ଇସ୍ତଫା ଦେବା ପରେ ପ୍ରଶାସନିକ ବାଧ୍ୟବାଧକତାରେ ଏକ ସ୍ୱଳ୍ପମିଆଦି ପଦକ୍ଷେପ ସ୍ୱରୂପ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ୨୦୨୪ ସେପ୍ଟେମ୍ବର ୬ରେ ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଥିଲା। ଏହି ସତ୍ୟପାଠରେ ସ୍ୱୀକାର କରାଯାଇଛି ଯେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ଅଧ୍ୟକ୍ଷ ରହିଥିବା ବେଳେ ସ୍ଥାୟୀ ଉପାଧ୍ୟକ୍ଷ ନାହାନ୍ତି ଏବଂ ପନ୍ଦରରୁ ତେର ସଦସ୍ୟ ପଦ ଖାଲି ପଡ଼ିଛି।

# ଓଡ଼ିଶା ମାନବାଧିକାର କମିସନ ଅଧ୍ୟକ୍ଷ ସହ କର୍ମଚାରୀ ପଦ ଖାଲି

କଟକ,୧୧।୩(ସମିସ): ଓଡ଼ିଶା ମାନବାଧିକାର କମିସନ (ଓଏଚଆରସି) ରେ ଖାଲି ପଡ଼ିଥିବା ଅଧ୍ୟକ୍ଷ, ସଦସ୍ୟ, ସଚିବ, ତଦନ୍ତ ନିର୍ଦ୍ଦେଶକ ଓ କର୍ମଚାରୀ ନିଯୁକ୍ତି ପ୍ରସଙ୍ଗରେ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଆଜି ଆଡଭୋକେଟ

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲାର ଶୁଣାଣି**

ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଶୁଣାଣି ବେଳେ ଉପସ୍ଥିତ ରହି ହୋଇ ସରକାରଙ୍କ ଦ୍ୱାରା ଉପରୋକ୍ତ ପଦ ପୂରଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉଛି ବୋଲି ଦର୍ଶାଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ମାନାବାଧିକାର ସୁରକ୍ଷା ଅଧିନିୟମ, ୧୯୯୩ର ଧାରା ୨୧ ଅନୁସାରେ ଜଣେ ଅଧ୍ୟକ୍ଷ ଓ ଦୁଇଜଣ ସଦସ୍ୟଙ୍କୁ ନେଇ ଓଡ଼ିଶା ମାନବାଧିକାର କମିସନ ଗଠିତ ହୋଇଛି। ଗତ ଫେବ୍ରୁଆରୀ ୯ ତାରିଖରେ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କ କାର୍ଯ୍ୟକାଳ ପୂରଣ ହେତୁ ଏବେ କେବଳ ଜଣେ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନେଇ କମିସନ କାର୍ଯ୍ୟ କରୁଛି। ତୁରନ୍ତ ଖାଲିପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ କରିବା ସହିତ ଏବେ କାର୍ଯ୍ୟରତ ଏକମାତ୍ର ସଦସ୍ୟଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ମାମଲାରେ ପ୍ରାର୍ଥନା କରାଯାଇଛି। କମିସନରେ ଅନୁମୋଦିତ କର୍ମଚାରୀ ପଦରୁ ୨୭ଟି ଖାଲି ପଡ଼ିଥିବାରୁ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ପ୍ରାର୍ଥନା କରାଯାଇଛି। କମିସନରେ ବର୍ତ୍ତମାନ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ମାମଲା ଶୁଣାଣି ପାଇଁ ପଡ଼ିରହିଛି।

## ରାଜ୍ୟରେ ଭୁଶୁଡ଼ୁଛି ଶିକ୍ଷା ବ୍ୟବସ୍ଥା

# ୯ ମାସ ପର୍ଯ୍ୟନ୍ତ ଲାଗି ରହୁଛି ନାମଲେଖା

ଭୁବନେଶ୍ୱର, ୧୧।୩(ସମିସ): ରାଜ୍ୟରେ ନାମଲେଖା ବ୍ୟବସ୍ଥା ବାଟ ହୁଡ଼ିଛି। ମେଧା ଭିତ୍ତିରେ ସ୍ୱଚ୍ଛତାର ସହ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମଲେଖା ସାରିବା ପାଇଁ ଷ୍ଟୁଡେଣ୍ଟ ଏକାଡେମିକ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ସାମ୍‌ସ) ମାଧ୍ୟମରେ ସରକାର ନାମଲେଖା ବ୍ୟବସ୍ଥା କରିଛନ୍ତି। ମାତ୍ର ପାଠପଢ଼ା ଆରମ୍ଭ ପୂର୍ବରୁ ନାମଲେଖା ସାରିବାରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯେଉଁ ସମୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ, ସେହି ସମୟରେ ନାମଲେଖା କରାଯାଉଛି। ଫଳରେ ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛି।

କରୋନା ସମୟରୁ ବିଗିଡ଼ିଯାଇଥିବା ଶିକ୍ଷାବର୍ଷକୁ ସଜାଡିବା ଓ ସଠିକ୍ ସମୟରେ ନାମଲେଖା ସାରିବାକୁ ଗତ ବର୍ଷଠାରୁ ତ୍ୱରିତ ନାମଲେଖା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ପରୀକ୍ଷାଫଳ ପ୍ରକାଶ ପୂର୍ବରୁ ନାମଲେଖା ପାଇଁ ଆବେଦନ ଆରମ୍ଭ ହେଉଛି; ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ନାମଲେଖା ପ୍ରକ୍ରିୟା ଲାଗି ରହୁଥିଲେ ମଧ୍ୟ ବହୁ ଛାତ୍ରଛାତ୍ରୀ ନାମଲେଖାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ୨୦୨୫-୨୦୨୬ ଶିକ୍ଷାବର୍ଷରେ ସ୍ନାତକ ନାମଲେଖା ନିମନ୍ତେ ଗତ ମାର୍ଚ୍ଚ ୧୦ରେ

**■ ପ୍ରଶ୍ନବାଚୀରେ ସାମ୍‌ସ ନାମଲେଖା ପଦ୍ଧତି**
**■ ପରୀକ୍ଷା ହେବା ଯାଏଁ ଚାଲୁଛି ନାମଲେଖା**

ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ନଭେମ୍ବର ମାସ ଅର୍ଥାତ ପ୍ରାୟ ୯ ମାସରୁ ଅଧିକ ସମୟ ଧରି ନାମଲେଖା ପ୍ରକ୍ରିୟା ଲାଗି ରହିଲା; ତଥାପି ସବୁ ସିଟ୍ ପୂରଣ ହୋଇପାରୁନାହିଁ। ପ୍ରାୟ ୨ ଲକ୍ଷ ସିଟ୍ ପୂରଣ ହୋଇଥିବାବେଳେ ଆହୁରି ୮୧ ହଜାରରୁ ଅଧିକ ସିଟ୍ ଖାଲି ପଡ଼ିଥିଲା।


ଅନୁରୂପ ଭାବେ ସ୍ନାତକୋତ୍ତର (ପିଜି) ର ଅବସ୍ଥା ମଧ୍ୟ ସମାନ। ସମାନ ସମୟରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇ ୯ ମାସ ପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ ୧୦ ହଜାରରୁ ଅଧିକ ସିଟ୍ ଫାଙ୍କା ପଡ଼ିଥିଲା। ସେହିପରି ୨୫୫୭ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନରେ ଯୁକ୍ତଦୁଇ ନାମଲେଖା ପ୍ରକ୍ରିୟା ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଲାଗି ରହିଥିବାବେଳେ ଆହୁରି ୧ ଲକ୍ଷ ୭୫ ହଜାର ୬୮୨ ସିଟ୍ ପୂରଣ ହୋଇପାରି ନ ଥିଲା। ସମସ୍ତ ନାମଲେଖା ପ୍ରକ୍ରିୟା ଶେଷ ହେବା ବେଳକୁ ନଭେମ୍ବର ମାସ ସରିଯାଉଛି। ଡିସେମ୍ବରରୁ ସବୁ ଶିକ୍ଷାନୁଷ୍ଠାନରେ ପରୀକ୍ଷା ଆରମ୍ଭ ହେଉଛି। ତେଣୁ ଯେଉଁ ଛାତ୍ରଛାତ୍ରୀ ବିଳମ୍ବରେ ନାମଲେଖାଇବେ, ସେମାନେ କିଭଳି ପାଠ ପଢୁଛନ୍ତି ଓ ପରୀକ୍ଷା ଦେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟସ୍ତରରେ ହେଉଥିବା ନାମଲେଖା ପ୍ରକ୍ରିୟା ୧୫ ରୁ ୩୦ ଦିନ ମଧ୍ୟରେ ସରୁଥିଲା। ମେଧାବୀ ଛାତ୍ରଛାତ୍ରୀମାନେ ସେମାନଙ୍କ ପସନ୍ଦ ମୁତାବକ ଶିକ୍ଷାନୁଷ୍ଠାନ ଏବଂ ପାଠ୍ୟକ୍ରମରେ ନାମ ଲେଖାଉଥିଲେ। ଶିକ୍ଷାବର୍ଷର ସୂଚୀ ଅନୁଯାୟୀ ପାଠପଢ଼ା ଆରମ୍ଭ ହୋଇ ପରୀକ୍ଷା ହେଉଥିଲା; କିନ୍ତୁ ଏବେ ସାମସ୍ ମଧ୍ୟମରେ ନାମଲେଖା ହେଉଥିଲେ ମଧ୍ୟ କାହିଁକି ବିଳମ୍ବ ହେଉଛି ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି। ଏଭଳି ସ୍ଥିତିରେ ଶିକ୍ଷାଦାନ ଏବଂ ନାମଲେଖା ପ୍ରକ୍ରିୟା ଚାଲିଥିଲେ ମଧ୍ୟ ସରକାର ଏ ଦିଗରେ କୌଣସି ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିବା ସହ ବିକଳ୍ପ ନାମଲେଖା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ଭିଜିଲାନ୍ସ ଜାଲରେ କଣ୍ଟାପଡ଼ା ତହସିଲଦାର

କଟକ,୧୧।୩(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ। ଶ୍ରୀ ସାମନ୍ତରାୟଙ୍କ ୭ଟି ବିଭିନ୍ନ ଠିକଣାରେ ଆଜି ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି। ଚଢଉ ବେଳେ ଠାବ ହୋଇଥିବା ତାଙ୍କର ଅମାପ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ଭିଜିଲାନ୍ସ ଟିମ୍ ତାଜୁବ ହୋଇଛି। ଏହି ଚଢଉ ବେଳେ ଶ୍ରୀ ସାମନ୍ତରାୟଙ୍କ ନାମରେ ବହୁମୂଲ୍ୟବାନ ଜମି, କୋଠା ସହ ଚାରିଚକିଆ ଗାଡି ମିଳିଛି। ଭୁବନେଶ୍ୱରର କେଶୁରା ଅଞ୍ଚଳରେ ଏକ ୪୦୬୫ ବର୍ଗଫୁଟର ତିନି ମହଲା କୋଠା ଏବଂ ଅନ୍ୟ ଏକ ୬୭୫୦ ବର୍ଗଫୁଟର ନିର୍ମାଣାଧୀନ ତିନି ମହଲା କୋଠା ଠାବ କରାଯାଇଛି। ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ସ୍ଥାନ କେଶୁରା, କୋରଡ଼କଣ୍ଟା, ବାଙ୍କୁଆଳ ଏବଂ ମେହେରପଲ୍ଲୀ ଅଞ୍ଚଳରେ ତାଙ୍କର ୭ଟି ମୂଲ୍ୟବାନ ପ୍ଲଟ୍ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଯାଞ୍ଚ ବେଳେ ତାଙ୍କ ଘରୁ ୨ଲକ୍ଷ ୧୫ହଜାର ୮୯୦ ଟଙ୍କା ନଗଦ ଟଙ୍କା ଜବତ କରାଯାଇଛି। ଏଥିସହିତ ତାଙ୍କର ଗୋଟିଏ ମାରୁତି ବ୍ରିଜା କାର୍ ଏବଂ ୩ଟି ମୋଟରସାଇକଲ ରହିଥିବା ଜଣାପଡ଼ିଛି। ତାଙ୍କର ବ୍ୟାଙ୍କ ଓ ପୋଷ୍ଟାଲ ଜମା ଏବଂ ଅନ୍ୟାନ୍ୟ ନିବେଶର ଯାଞ୍ଚ ଜାରି ରହିଛି।

ପ୍ରକାଶଥାଉକି, କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ, ୨ ଜଣ ଅତିରିକ୍ତ ଏସପି, ୮ ଜଣ ଡିଏସପି, ୧୧ ଜଣ ଇନ୍ସପେକ୍ଟର ଏବଂ ୫ ଜଣ ଏଏସଆଇଙ୍କ ସମେତ

**୭ ମୂଲ୍ୟବାନ ପ୍ଲଟ୍ ଓ ଏକାଧିକ କୋଠା ଠାବ**



ଅନ୍ୟ କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର, କଟକ, ପୁରୀ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି ସ୍ଥାନରେ ଭିଜିଲାନ୍ସ ଚଢଉ ଜାରି ରହିଛି। ପୁରୀ ଗଡ଼ିଶାଗଡା ଥାନା ଅନ୍ତର୍ଗତ ଆଳିବାଦା, ଦୁଛିଆ ଗ୍ରାମରେ ଥିବା ତାଙ୍କର ପୈତୃକ ବାସଭବନ। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟଙ୍କ ଘର , କେନ୍ଦ୍ରାପଡ଼ା: ମାର୍ଶାଘାଇ ଅଞ୍ଚଳର ବଡ଼ପାଳଦିଆରେ ଥିବା ଅନ୍ୟ ଜଣେ ସମ୍ପର୍କୀୟଙ୍କ ବାସଭବନ, କଣ୍ଟାପଡ଼ା ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନ ଓ ଭୁବନେଶ୍ୱର କେଶୁରା ସ୍ଥିତ ଘରେ ଭିଜିଲାନ୍ସ ଟିମ ଏକକାଳୀନ ଚଢଉ କରିଥିଲା। ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ଦ୍ୱାରା ଏହି ସମସ୍ତ କୋଠା ଏବଂ ପ୍ଲଟର ମୂଲ୍ୟାଙ୍କନ କରାଯାଉଛି। ଚଢ଼ଉ ଶେଷ ହେବା ପରେ ମୋଟ ସମ୍ପତ୍ତିର ମୂଲ୍ୟ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ। ଶ୍ରୀ ସାମନ୍ତରାୟ ଗତ ୨୦୦୦ ମସିହାରେ ୫,୧୩୦ ଟଙ୍କାର ପ୍ରାରମ୍ଭିକ ଦରମା ସହିତ ସ୍ଥାନୀୟ ପାଣ୍ଠି ଅଡିଟର ଭାବରେ ସରକାରୀ ସେବାରେ ଯୋଗ ଦେଇଥିଲେ। ୧୦.୦୬.୨୦୧୬ରେ ସେ ଓଆରଏସ ପାହ୍ୟାକୁ ପଦୋନ୍ନତି ପାଇଥିଲେ ଏବଂ ସୋରୋ ସ୍ଥିତ ସାଳନ୍ଦୀ ଲିଫ୍ଟ କେନାଲ ପ୍ରୋଜେକ୍ଟରେ 'ଜୋନ୍ ଅଫିସର' ଭାବରେ ଅବସ୍ଥାପିତ ହୋଇଥିଲେ। ୨୦୧୭ ରୁ ୨୦୨୨ ମସିହା ମଧ୍ୟରେ ସେ ପୁରୀ ଜିଲ୍ଲା ସତ୍ୟବାଦୀ ଏବଂ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାରରେ ଅତିରିକ୍ତ ତହସିଲଦାର ଭାବରେ ଦାୟିତ୍ୱ ତୁଲାଇଥିଲେ। ଅକ୍ଟୋବର ୨୦୨୨ରେ ତାଙ୍କୁ ଓଏଏସ ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା ଏବଂ ସେ ବାଲେଶ୍ୱର ଜିଲ୍ଲାର ରେମୁଣା ତହସିଲଦାର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଗତ ୨୩.୦୯.୨୦୨୫ ତାରିଖରେ ତାଙ୍କୁ କଟକ ଜିଲ୍ଲାର କଣ୍ଟାପଡ଼ା ତହସିଲଦାର ଭାବେ ବଦଳି କରାଯାଇଥିଲା ଏବଂ ସେ ବର୍ତ୍ତମାନ ପର୍ଯ୍ୟନ୍ତ ସେହି ପଦବୀରେ କାର୍ଯ୍ୟ ଜାରି ରଖିଛନ୍ତି।

# ଦାୟିତ୍ୱରେ ଅବହେଳା; ତିନି ବନ କର୍ମଚାରୀ ନିଲମ୍ବିତ

କେନ୍ଦୁଝର, ୧୧।୩(ସମିସ): ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଧାରିତ କାର୍ଯ୍ୟାଳୟରେ ଅନଧିକୃତ ଅନୁପସ୍ଥିତି, ପ୍ରଶାସନିକ ଅନୁଶାସନ ଏବଂ ଜଙ୍ଗଲ ଅଗ୍ନିକାଣ୍ଡ ସମେତ ବନକାର୍ଯ୍ୟରେ ଅବହେଳା ପାଇଁ ତିନି ଜଣ ବନ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରେ ଦୁଇ ଜଣ ଫରେଷ୍ଟର ଓ ଜଣେ ଫରେଷ୍ଟ ଗାର୍ଡ ଅଛନ୍ତି। ଘଟଗାଁ ବନପାଳ ପ୍ରମୋଦ ବେହେରା ପ୍ରଶାସନିକ ଅନୁଶାସନ ଏବଂ ଜଙ୍ଗଲ ଅଗ୍ନିକାଣ୍ଡ ନିୟନ୍ତ୍ରଣରେ ଅବହେଳା ପାଇଁ ନିଲମ୍ବିତ ହୋଇଥିବା ବେଳେ ସେହି ଘଟଗାଁ ରେଞ୍ଜର ବନପାଳ ବିଶ୍ୱରଞ୍ଜନ ମିଶ୍ରଙ୍କୁ ଅନଧିକୃତ ଅନୁପସ୍ଥିତି ଏବଂ ପାଟ୍ରୋଲିଂ ଓ ଅଗ୍ନି ପରିଚାଳନାରେ ତ୍ରୁଟି ପାଇଁ ନିଲମ୍ବିତ କରାଯାଇଛି। ସେହିପରି ପାଟଣାର ଫରେଷ୍ଟ ଗାର୍ଡ ହୃଦାନନ୍ଦ ମହାନ୍ତିଙ୍କୁ ମଧ୍ୟ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଶ୍ରୀ ମହାନ୍ତିଙ୍କୁ ପାଟନାରେ ହାତୀ ଫସଲ କ୍ଷତି ଆକଳନରେ ତ୍ରୁଟି ସହ ଡ୍ୟୁଟି ସମୟରେ ଲଗାତାର ମଦ୍ୟପାନ ପାଇଁ ନିଲମ୍ବିତ କରାଯାଇଥିବା ଡ଼ିଏଫଓ ପ୍ରକାଶ କରିଛନ୍ତି।

# ସୁଇସାଇଡ୍ ନୋଟ୍‌କୁ 'ମୃତ୍ୟୁକାଳୀନ ଜମାନବନ୍ଦୀ' ଭାବେ ଗ୍ରହଣ କରାଯାଇପାରିବ: ହାଇକୋର୍ଟ

କଟକ,୧୧।୩(ସମିସ): ଜଣେ ବ୍ୟକ୍ତି ନିଜ ମୃତ୍ୟୁ ସମୟରେ ମିଛ କହିବା ସାଧାରଣତଃ ଅସମ୍ଭବ। ଏଣୁ ସୁଇସାଇଡ୍ ନୋଟ୍‌କୁ ଭାରତୀୟ ସାକ୍ଷ୍ୟ ଆଇନର ଧାରା ୩୨(୧) ଅନୁଯାୟୀ ଏକ 'ମୃତ୍ୟୁକାଳୀନ ଜମାନବନ୍ଦୀ' ଭାବେ ଗ୍ରହଣ କରାଯାଇପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆନନ୍ଦ କୁମାର ସାମଲଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରି ଡ.ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି କହିଛନ୍ତି। ଏଥିସହିତ ସମ୍ବଲପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା କ୍ଷେତ୍ରରେ ଯୁବତୀଙ୍କ ସମ୍ମତିକୁ ସ୍ୱଇଚ୍ଛାକୃତ ବୋଲି ଧରାଯିବ ନାହିଁ ଏବଂ ଏହା ଦୁଷ୍କର୍ମ ବୋଲି ବିବେଚିତ ହେବ। ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ କରି ପରେ ତାଙ୍କୁ ତ୍ୟାଗ କରିବା ଯୁବତୀଙ୍କୁ ଚରମ ପଦକ୍ଷେପ ନେବା ପାଇଁ ବାଧ କରିଥାଏ। ଅଭିଯୁକ୍ତଙ୍କ ଏହି ଆଚରଣ ଯୁବତୀଙ୍କ ଆତ୍ମହତ୍ୟା ପାଇଁ ସିଧାସଳଖ ଦାୟୀ ବୋଲି ହାଇକୋର୍ଟ କହିଛନ୍ତି। ଏପରି ଜଘନ୍ୟ ଅପରାଧ କ୍ଷେତ୍ରରେ କୋହଳ ମନୋଭାବ ପ୍ରଦର୍ଶନ କଲେ ନ୍ୟାୟ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ବିଶ୍ୱାସ ତୁଟିଯିବ। ଆଇନର ଶାସନ ଅନୁଯାୟୀ, ଅପରାଧ ପ୍ରମାଣିତ ହେଲେ ଉଚିତ ଦଣ୍ଡ ମିଳିବା ଏକାନ୍ତ ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ, ଆବେଦନକାରୀ ଅଭିଯୁକ୍ତ ଜଣେ ଯୁବତୀଙ୍କୁ ଚାକିରି କରାଇଦେବା ପ୍ରତିଶ୍ରୁତି ଦେଇ ନିଜ ଘରେ ରଖିଥିଲେ। ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯେତେବେଳେ ଯୁବତୀ ଜଣକ ବିବାହ ପାଇଁ ଜିଦ୍ କଲେ, ସେ ତାଙ୍କୁ ଧମକ ଦେବା ସହ ଦୂରେଇ ଦେଇଥିଲେ। ଅତିଷ୍ଠ ହୋଇ ଯୁବତୀ ଜଣକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସମ୍ବଲପୁରର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଭିଯୁକ୍ତଙ୍କୁ ଦୁଷ୍କର୍ମ ପାଇଁ ୧୦ ବର୍ଷ ଏବଂ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ପାଇଁ ୭ ବର୍ଷର କାରାଦଣ୍ଡାଦେଶ ଶୁଣାଇଥିଲେ। ଏହି ଆଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଏଲ୍‌ପିଜି ଦରବୃଦ୍ଧି ପ୍ରତିବାଦରେ ବିଜେଡିର ବିଶାଳ ବିକ୍ଷୋଭ

## ରନ୍ଧନ ଗ୍ୟାସ୍ ସମସ୍ୟା ସମାଧାନ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ଧମକ

ଭୁବନେଶ୍ୱର,୧୧।୩(ସମିସ): ଏଲପିଜି ସିଲିଣ୍ଡର, ଖାଇବା ତେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଦୃଢ଼ ପ୍ରତିବାଦ କରିଛି ବିଜେଡି। ବୁଧବାର ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଏହି ସମସ୍ୟା ସମାଧାନ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ଧମକ ଦେଇଛି ।

ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ, ମହିଳା, ଯୁବ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଏହି ପ୍ରତିବାଦ ସାମିଲ ହୋଇଥିଲେ। ବିଜେପି ସରକାରଙ୍କ ଅବହେଳା ଓ ନିଷ୍କ୍ରିୟତା ବିରୋଧରେ ସ୍ଲୋଗାନ୍ ଦେଇ ରାସ୍ତା ଉପରେ କାଠ ଚୁଲାରେ ରୋଷେଇ କରି ପ୍ରତିବାଦ କରିଥିଲା ବିଜେଡି । ଗତ ମାର୍ଚ୍ଚ ୭ ତାରିଖରୁ ସାରା ଦେଶରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ବାଣିଜ୍ୟକ ସିଲିଣ୍ଡର ଦର ୧୧୫ ଟଙ୍କା ବୃଦ୍ଧି ପାଇଛି। ଏହି ଦରବୃଦ୍ଧି ସାଧାରଣ ଜନତା, ଛୋଟ ବ୍ୟବସାୟୀ ଓ ବାଣିଜ୍ୟକ ସଂସ୍ଥାମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପକାଇଛି। ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ସୁଭଦ୍ରା ଯୋଜନା ନାମରେ ମହିଳାମାନଙ୍କୁ ୫୦,୦୦୦ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ମାତ୍ର ୫,୦୦୦ ଟଙ୍କା ଦେଇ ଠକିଛି



ବିଜେପି ସରକାର । ମହିଳାମାନଙ୍କ ଆର୍ଥିକ ସୁରକ୍ଷାକୁ ମଜବୁତ କରିବା ପରିବର୍ତ୍ତେ ସରକାର ଦରବୃଦ୍ଧି ମାଧ୍ୟମରେ ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ ଯେ ଆଗରୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର କମିଥିବା ସତ୍ତ୍ୱେ ସେହି ଲାଭ ସାଧାରଣ ଲୋକଙ୍କୁ ଦିଆଯାଇ ନଥିଲା । ଡବଲ୍ ଇଞ୍ଜିନ ସରକାର ତେଲ କମ୍ପାନୀମାନଙ୍କ ସ୍ୱାର୍ଥରେ କାମ କରୁଛି ଓ ସରକାର ତେଲ ବ୍ୟବସାୟକୁ ସଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ଲକ୍ଷାଧିକ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁଥିବାରୁ କମନ୍ ମେସ ଖର୍ଚ୍ଚ ବଢ଼ିବ ଏବଂ ମାସିକ ଖର୍ଚ୍ଚର ଭାର ବଢ଼ିଯିବ। ଛାତ୍ରଛାତ୍ରୀମାନେ ଏହାଦ୍ୱାରା ବେଶୀ ପ୍ରଭାବିତ ହେବେ। ଏଲପିଜି ଯୋଗାଣ ସୁନିଶ୍ଚିତ କରିବାକୁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସାରା ରାଜ୍ୟରେ ବିଶାଳ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ।

ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଟୁକୁନି ସାହୁ, ସୁଲୋଚନା ଦାସ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଲେଖାଶ୍ରୀ ସାମନ୍ତସିଂହାର, ଡ. ପ୍ରିୟବ୍ରତ ମାଝୀ, ମୀନତି ବେହେରା, ଲୋପାମୁଦ୍ରା ବକ୍ସିପାତ୍ର, ଗୀତାଞ୍ଜଳି ବସ୍ତିଆ, ଅସୀମା ମହାନନ୍ଦ, ସୁନୀତି ସିଂହ, ମଞ୍ଜୁଲତା କହଁର, ରିଜୱାନା ବେଗମ, ଭାରତୀ ସିଂହ, ମାନସୀ ସୁନ୍ଦରରାୟଙ୍କ ସହ ହଜାର ହଜାର କର୍ମୀ ଯୋଗ ଦେଇଥିଲେ ।

# ଛେନାପଦି-ଟୁଙ୍କୁଣା କେନାଲ ରାସ୍ତା ବିପର୍ଯ୍ୟସ୍ତ



**ହାଟଡ଼ିହୀ,୧୧।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଅଧୀନ ଛେନାପଦି ଜିରୋ ପଏଣ୍ଟଠାରୁ ଟୁଙ୍କୁଣା ଯାଏଁ ଲମ୍ବିଥିବା କେନାଲ ରାସ୍ତାଟି ଗତ ୨ ବର୍ଷ ତଳେ ମରାମତି ହୋଇଥିଲା ବେଳେ ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମା ହୋଇପଡ଼ିଛି। ରାସ୍ତାରୁ ମେଟାଲ ଉଠିଯିବାରୁ ଯାତାୟାତ କରୁଥିବା ପଥଚାରୀଙ୍କ ପାଇଁ ବିଭିନ୍ନ ସମୟରେ ବିପଦ ବଢ଼ାଉଛି। ସାମାନ୍ୟ ବାଇକ୍ ଆରୋହୀଙ୍କୁ ଗମନାଗମନ କରିବାରେ ନାନା ଅସୁବିଧା ଭୋଗିବାକୁ ପଡୁଛି। ନିର୍ମାଣ ବେଳେ ରାସ୍ତା କାର୍ଯ୍ୟରେ ଭଲଭାବେ ମେଟାଲିଂ ନହେବା ଏବଂ ମୋରମ୍ ଦ୍ୱାରା ସଠିକ୍ ଭାବେ ଆଚ୍ଛାଦିତ ନକରିବା ଯୋଗୁଁ ରାସ୍ତାଟି ଶୀଘ୍ର ନଷ୍ଟ ହୋଇଯିବା କଥା ସ୍ଥାନୀୟ ବାସିନ୍ଦା କହନ୍ତି। ଏନେଇ ବିଭାଗୀୟ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ, ରାସ୍ତା ନଷ୍ଟ ହେବାର ମୁଖ୍ୟ କାରଣ ସେଇ ରାସ୍ତାଦେଇ ପ୍ରତିଦିନ ଶହ ଶହ ବାଲି ବୋଝେଇ ଟ୍ରାକ୍ଟର ଯା'ଆସ କରୁଛନ୍ତି। ଏଣୁ ରାସ୍ତା ବେଶିଦିନ ଟିକିବା ଅସମ୍ଭବ ବୋଲି କହିଛନ୍ତି। ତେବେ, ଉକ୍ତ କେନାଲ ରାସ୍ତାର ମରାମତି ପାଇଁ ବିଭାଗ ପକ୍ଷରୁ ପ୍ରାୟ ୨ କୋଟି ଅର୍ଥ ଯୋଗାଇ ଦିଆଯାଇଥିଲା। ସେଥିରୁ ଶତକଡ଼ା ୫୦ ପ୍ରତିଶତ ତଥା ୧୧ ଶହ ମିଟରରୁ ଊର୍ଦ୍ଧ୍ୱ ସୁରକ୍ଷା ବାଡ଼ ନିର୍ମାଣରେ ବ୍ୟୟ କରାଯାଇଛି। ପ୍ରତ୍ୟେକ ଦୁଇ ଚାରି ବର୍ଷ ଅନ୍ତରରେ ମରାମତି ହେଉଥିବା ଏହି ରାସ୍ତାଟି ବେଶିଦିନ ଟିକି ରହୁନାହିଁ। ବାରମ୍ବାର ମରାମତି କରି ରାଜସ୍ୱ ନଷ୍ଟ କରିବା ପରିବର୍ତ୍ତେ ଏହି ରାସ୍ତାକୁ ପିଚୁ କରିବା ସହ ପ୍ରତ୍ୟେକ ଶହେ ମିଟର କିମ୍ବା ଗାଁ ମୁଣ୍ଡରେ ବ୍ରେକର ପିଲର ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ବ୍ରେକର ପିଲାର ଲାଗିଲେ ଟ୍ରାକ୍ଟର ସହ ଭାରୀଯାନ ଚଳାଚଳ ବନ୍ଦ ରହିବା ସହ ରାସ୍ତାଟି ଦୀର୍ଘଦିନ ଟିକି ରହିବ ବୋଲି କୁହାଯାଇଛି। ଯାହାଫଳରେ ବର୍ଷାଦିନେ ଲୋକେ ସୁରୁଖୁରୁରେ ଯାତାୟାତ କରିପାରିବେ ବୋଲି ମତ ପ୍ରକାଶ ପାଇଛି।

> ➤ ନିମ୍ନମାନର ମରାମତି ଯୋଗୁଁ ରାସ୍ତା ଅବସ୍ଥା ବେହାଲ୍
> ➤ ବିଭାଗୀୟ ଅଧିକାରୀଙ୍କ ତଦାରଖରେ ଅବହେଳା ଅଭିଯୋଗ

### ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବି

# ଘଟଗାଁ ମା'ତାରିଣୀ ପୀଠକୁ ସଂକୀର୍ତ୍ତନ ପଦଯାତ୍ରା

**ଆନନ୍ଦପୁର, ୧୧।୩ (ସମିସ):** କେନ୍ଦୁଝର ଜିଲ୍ଲାର ପ୍ରମୁଖ କେନ୍ଦ୍ରସ୍ଥଳ ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ବଜେଟରେ କେନ୍ଦ୍ର ସରକାର ଅଣଦେଖା କରିଥିବାରୁ ଦୀର୍ଘ ୧୫ ବର୍ଷ ଧରି ଚାଲିଥିବା ଆନ୍ଦୋଳନ ପୁଣି ମୁଣ୍ଡ ଟେକିଛି। ଡବଲ ଇଞ୍ଜିନ ବିଜେପି ସରକାରଙ୍କୁ ମା' ତାରିଣୀ ସଦବୁଦ୍ଧି ଦେବା ନିମନ୍ତେ ଆଜି ମା' ଧନେଇ ସେବା ସଂଘ ପକ୍ଷରୁ ସଂକୀର୍ତ୍ତନ ପଦଯାତ୍ରା ଘଟଗାଁ ପୀଠ ପର୍ଯ୍ୟନ୍ତ ଆରମ୍ଭ ହୋଇଛି। ସଂଘର ସଭାପତି ବିଷ୍ଣୁପ୍ରସାଦ ବାରିକଙ୍କ ସଂଯୋଜନାରେ ନାରାୟଣ ସାହୁ, ଦୁର୍ଯ୍ୟୋଧନ ସେଠୀ, ଶତ୍ରୁଘ୍ନ ସେଠୀ, ଚନ୍ଦ୍ରମଣି ଜେନା, ମଧୁସୂଦନ ଜେନା, ଦୟାନିଧି ଜେନ. ବଳରାମ ସାହୁ, ନାରାୟଣ ଦେହୁରୀ, ବୀର ନାହାକ କେଶରୀ ନାହାକ ରାମଚନ୍ଦ୍ର ଦେହୁରୀ ନୃସିଂହ ଦେହୁରୀ ରମାକାନ୍ତ ଜେନା ମାୟାଧର ଜେନା ଭବାନୀ ଜେନା ବିଶ୍ୱଜିତ୍ ସାହୁ ପ୍ରଶାନ୍ତ ଜେନା ନରେଶ କୁମାର ସାହୁ ଦୟାନିଧି ବାରିକ ଚିନ୍ମୟ ସାହୁ ଶତାଧିକ ଜନତା ପଦଯାତ୍ରାରେ ସାମିଲ ହୋଇଥିଲେ।



ପୂର୍ବରୁ ପ୍ରାୟ ୧୦ ହଜାର ପୋଷ୍ଟକାର୍ଡରେ ଏହିଦାବି କେନ୍ଦ୍ର ସରକାରଙ୍କ ରେଳବିଭାଗ ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପ୍ରେରଣ କରାଯାଇଥିଲା। ଦୀର୍ଘ ୧୫ ବର୍ଷ ହେଲା ଏହି ଦାବି ପୂରଣ ପାଇଁ ସଂଗ୍ରାମ ଚାଲିଥିଲେ ହେଁ କେନ୍ଦ୍ର ସରକାର ଏହି ପ୍ରକଳ୍ପ ପାଇଁ ମୋହର ମାରିନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦୁଝର ସାଂସଦ ଅନନ୍ତ ନାୟକ ସାଂସଦରେ ଏହି ଦାବି ଉପରେ ୩ ଥର ଆଲୋଚନା କରିଥିଲେ ମଧ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେନ୍ଦୁଝର ଜିଲ୍ଲାରେ ମୋଟ୍ ୧୬୪ ୮୨ କିମି ରେଳପଥ ରହିଛି। ସମସ୍ତ ରେଳପଥ କେନ୍ଦୁଝର ଓ ଚମ୍ପୁଆ ଉପଖଣ୍ଡରେ ଅଛି। ଆନନ୍ଦପୁରବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡ ଲୋକେ ଯାଜପୁର ରୋଡ ଭଦ୍ରକ ରେଳଷ୍ଟେସନ୍ ଉପରେ ନିର୍ଭର କରୁଛନ୍ତି। ୨୦୦୫ରେ ଯାଜପୁରରୋଡରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼କୁ ରେଳ ସଂଯୋଗ କରିବାକୁ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାଛଡ଼ା ଭଦ୍ରକରୁ ଭାୟା ଆନନ୍ଦପୁର, ଘଟଗାଁ ଦେଇ ସୀତାବିଞ୍ଜି ଷ୍ଟେସନକୁ ରେଳପଥ ସଂଯୋଗ ପାଇଁ ଅନ୍ୟ ଏକ ପ୍ରସ୍ତାବ ଦିଆଯାଇଥିଲା। ୨୦୧୩-୧୪ ଆର୍ଥିକ ବର୍ଷରେ ଜେକେରୋଡ ଷ୍ଟେସନଠାରୁ ଆନନ୍ଦପୁର ଦେଇ ମୟୂରଭଞ୍ଜ ଜିଲ୍ଲାର ଯଶିପୁରକୁ ରେଳପଥ ସଂଯୋଗ ପାଇଁ ପ୍ରସ୍ତାବ ଆସି ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯାଇଥିଲା; ଯାହା ନାଲିଫିତା ତଳେ ରହିଯାଇଛି। କେନ୍ଦୁଝର ଜିଲ୍ଲାର ଟାଙ୍ଗିରିଆପାଳ ଷ୍ଟେସନରୁ ଆନନ୍ଦପୁର ଦେଇ ଭଦ୍ରକ ଓ ଧାମରା ବନ୍ଦରକୁ ରେଳସଂଯୋଗ ହେଲେ ଉଭୟ ବ୍ୟବସାୟ ଓ ଯାତ୍ରୀଙ୍କ ପାଇଁ ସୁବିଧା ହୋଇପାରିବ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦୁଝରରୁ ସାଂସଦ ଅନନ୍ତ ନାୟକ ନିର୍ବାଚିତ ହେବାପରେ ରେଳପଥ ସଂଯୋଗ ପାଇଁ ପ୍ରତିଶ୍ରୁତି ଦେବାସହ ଲୋକସଭାରେ ଦାବି ଉପସ୍ଥାପନା କରିଥିଲେ। ହେଲେ ରେଳବିଭାଗ ପକ୍ଷରୁ ଏନେଇ କୌଣସି ଘୋଷଣା କରାଯାଉ ନଥିବାରୁ ଅସନ୍ତୋଷ ଉଗ୍ରରୂପ ଧାରଣ କରୁଥିବା ଜଣାଯାଇଛି।

# ବ୍ୟାଙ୍କ ଡକାୟତି ଘଟଣାରେ ବିହାରରୁ ଆଉ ଜଣେ ଗିରଫ

**ବଡ଼ବିଲ,୧୧।୩(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ସହରରେ ଥିବା ବ୍ୟାଙ୍କ୍ ଅଫ ମହାରାଷ୍ଟ୍ରରୁ ଗତ ଜାନୁଆରୀ ୧୯ ତାରିଖରେ ହୋଇଥିବା ଡ଼କାୟତି ଘଟଣାରେ ସ୍ଥାନୀୟ ପୁଲିସ ଦ୍ୱାରା ଆଉ ଜଣେ ଗିରଫ ହୋଇଛି। ପୂର୍ବରୁ ଏହି ଘଟଣାରେ ଛ' ଜଣ ଗିରଫ ହୋଇଥିବା ବେଳେ ଆଜି ଗିରଫ ସଂଖ୍ୟା ସାତରେ ପହଞ୍ଚିଛି। ସୂଚନା ମୁତାବକ, ବିହାର ରାଜ୍ୟ ଜାମୁଇ ଜିଲ୍ଲା, ସିଦରୀ ଅଞ୍ଚଳର ଜିତେନ୍ଦ୍ର କୁମାର (୫୩ବର୍ଷ)କୁ ଗିରଫ କରାଯାଇଛି। ପୂର୍ବରୁ ଗିରଫ ଅଭିଯୁକ୍ତଙ୍କଠାରୁ ଗୋଟିଏ ସୁନା



ଚେନ, ଗୋଟିଏ ସୁନା ମୁଦି, ଦୁଇଟି ମୋବାଇଲ ଫୋନ୍, ଦୁଇଟି ସ୍କୋର୍ପିଓ ଗାଡି, ଗୋଟିଏ ମଟର ସାଇକଲ ଜବତ କରାଯାଇଛି। ସୂଚନାଯୋଗ୍ୟ, ପ୍ରାୟ ୭ କେଜି ସୁନା ଅଳଙ୍କାର ଏବଂ ୪-୫ ଲକ୍ଷ ନଗଦ ଟଙ୍କା ଲୁଟ୍ ହୋଇଥିବା ବେଳେ ଝାଡ଼ଖଣ୍ଡ ଓ ବିହାର ପ୍ରଦେଶର ଲୁଟେରାମାନେ ସଂପୃକ୍ତ ଥିବା ନେଇ ପ୍ରାଥମିକ ତଦନ୍ତ ପରେ ପୁଲିସ ସ୍ପଷ୍ଟ କରିଥିଲା। ତଦନୁଯାୟୀ ତନାଘନା କରାଯାଇ ପ୍ରାଥମିକ ସଫଳତା ସ୍ୱରୂପ ଜାନୁଆରୀ ୨୪ ତାରିଖରେ ଝାଡଖଣ୍ଡ ଧାନବାଦ ସହରରୁ ୨ ଜଣଙ୍କୁ ଗିରଫ କରାଯାଇଥିଲା। ଏହାର ତିନି ଦିନ ପରେ ବିଲେଇପଦାରୁ ଜଣକୁ ଗିରଫ କରା ଯାଇଥିଲା। ଏହାର ପ୍ରାୟ ଏକ ସପ୍ତାହ ପରେ ବିହାର ପ୍ରଦେଶରୁ ସିପୁ କୁମାରକୁ ଗିରଫ କରାଯାଇଥିଲା। ସେ ପୁଲିସ ପଞ୍ଝାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାକୁ ମୁକାବିଲା କରାଯାଇ ଗୁଳି ମାଡ଼ କରାଯାଇଥିଲା। ଏହି ଡ଼କାୟତି ଘଟଣାରେ ବିହାର ପାଟନାର ପ୍ରାୟ ୪ ଜଣ ସଂପୃକ୍ତ ଥିବାର ଜଣା ଯାଇଛି। ଆହୁରି କିଛି ଡକାୟତଙ୍କୁ ଧରିବାକୁ ପ୍ରୟାସ ଜାରି ରହିଛି ବୋଲି ଥାନାଧିକାରୀ ଅଶୋକ ନାୟକ ପ୍ରକାଶ କରିଛନ୍ତି। ଗିରଫ ଜିତେନ୍ଦ୍ରକୁ ଅଦାଲତ ଚାଲାଣ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ୩୮ ଲକ୍ଷର ଟୁଙ୍କୁଣା-ପଞ୍ଝୁପଲ୍ଲୀ ରାସ୍ତା କାମରେ ଅନିୟମିତତା



**ଆନନ୍ଦପୁର, ୧୧।୩(ସମିସ):** ବିଗତ ଦିନରେ ପ୍ରାୟ ୩୮ ଲକ୍ଷ ଟଙ୍କା ବ୍ୟୟବରାଦ ସତ୍ତ୍ୱେ ଟୁଙ୍କୁଣାଠାରୁ ପଞ୍ଝୁପଲ୍ଲୀ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ନିର୍ମାଣରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଚଳିତ ବର୍ଷ ହେଉଥିବା ପିଚୁକାର୍ଯ୍ୟ ପରେ ରାସ୍ତାକଡ଼ରେ ପର୍ଯ୍ୟାପ୍ତ ପରିମାଣର ମୋରମ ପକାଇବା ପରିବର୍ତ୍ତେ କେବଳ ମୋରମ ଗାରରେ ଛିଞ୍ଚି ଦିଆଯାଉଥିବା ଦେଖିବାକୁ ମିଳୁଛି। ଶାଳପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ଟୁଙ୍କୁଣା-ପଞ୍ଝୁପଲ୍ଲୀ ରାସ୍ତାରେ ପ୍ରତିବର୍ଷ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ୨୦୧୬ରେ ଖପରାଖାଇରୁ ପଞ୍ଝୁପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ପାଇଁ ୧୬କୋଟି, ୨୦୨୦ରେ ୨୦କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ନିମ୍ନମାନର କାମ ଯୋଗୁଁ ରାସ୍ତା ଶୋଚନୀୟ ହୋଇଥିଲା। ୨୦୨୪ ଅକ୍ଟୋବରରେ ଟୁଙ୍କୁଣାଠାରୁ ପଞ୍ଝୁପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨କୋଟି ୫୬ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୦୨୫ ଜାନୁଆରିରୁ କାମ ଆରମ୍ଭ ହୋଇଛି। ପୂର୍ବରୁ ଥିବା ପିଚୁକୁ ଉଠାଯାଇ ମେଟାଲ ପକାଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବିଲମାଟି ପକାଯାଇଥିଲା। ପ୍ରବଳ ଧୂଳି ଉଡ଼ିବା ଯୋଗୁଁ ସ୍ଥାନୀୟ ଲୋକ ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। କିଛିଦିନ ତଳେ ରାସ୍ତାରେ ପିଚୁ ପକାଯାଇଛି। ପିଚୁ କାମ ପରେ ରାସ୍ତାକଡ଼ରେ ମୋରମ ପକାଯିବା କଥା। କିଛିଦିନ ହେଲା ଆନନ୍ଦପୁର ପୌରାଞ୍ଚଳର ୧୩ ନମ୍ବର ୱାର୍ଡର ଏକ ସରକାରୀ ଜମିରୁ ମୋରମ ଉଠାଯାଇ ରାସ୍ତାକଡ଼ରେ ପକାଯାଉଛି। ପର୍ଯ୍ୟାପ୍ତ ପରିମାଣର ମୋରମ ପକାଯାଉ ନଥିବା ଅଭିଯୋଗ ହୋଇଛି। ଅତ୍ୟନ୍ତ ତରବରିଆ କାମ କରାଯାଉଥିବା ସ୍ଥାନୀୟ ବାସିନ୍ଦା ସତ୍ୟବାନ ଜେନା ଅଭିଯୋଗ କରିଛନ୍ତିଛି ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଞ୍ଝୋରେ ଜଣ୍ଡିସ୍ ରୋଗ ଆତଙ୍କ

**ହାଟଡ଼ିହୀ,୧୧।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ବଞ୍ଝୋ ପଞ୍ଚାୟତ ନାଇକସାହି ଓ ବଞ୍ଝୋ ଗ୍ରାମର ବିଭିନ୍ନ ୱାର୍ଡ଼କୁ ଜଣ୍ଡିସ ରୋଗ ବ୍ୟାପିବାରେ ଲାଗିଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ଏହି ରୋଗରେ ଆକ୍ରାନ୍ତ ହୋଇ ୯ବର୍ଷୀୟ ବାଳକ ଅନୀଲ ଧନଞ୍ଜୟ ନାଇକଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଁର ଅନେକ ଶିଶୁ ଏବେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ସାହିର ୱାର୍ଡସଭ୍ୟ ମାଗୁଣି ନାଇକଙ୍କ ୯ବର୍ଷୀୟ ପୁଅ ଅନୀଲ ପ୍ରାୟ ୨୨ ଦିନ ଧରି ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ଗୁରୁବାର ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ପରିବାର ପକ୍ଷରୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କ ଅଭିଯୋଗନୁସାରେ, ଗ୍ରାମରେ ଥିବା ନଳକୂଅର ଦୂଷିତପାଣି ପିଇବା କିମ୍ବା ଭିନ୍ନ ଭିନ୍ନ ଜଳଖିଆ ଦୋକାନରେ ଖାଇବା ଦ୍ୱାରା ଏହି ରୋଗ ବ୍ୟାପିଥିବା ସନ୍ଦେହ କରାଯାଉଛି। ରାଜା ନାଇକ, ଶିବାନନ୍ଦ ନାଇକ ସହ ଅନ୍ୟାନ୍ୟ କିଛି ନାବାଳକ ମଧ୍ୟ ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଛନ୍ତି। ସରକାର ପକ୍ଷରୁ ବସୁଧା ଯୋଜନା ଅଧୀନରେ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ଘୋଷଣା ହୋଇଥିଲେ ମଧ୍ୟ ବଞ୍ଝୋ ପଞ୍ଚାୟତରେ ସେହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଲୋକମାନେ ନଳକୂଅର ପାଣି ପିଇବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହାକୁ ନେଇ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ମୃତ ଛାତ୍ରଙ୍କ ପରିବାରକୁ ସରକାରଙ୍କ ପାଣ୍ଠିରୁ ଅନୁକମ୍ପା ରାଶି ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି। ଘଟଣା ପରେ ଏକ ଡାକ୍ତରୀ ଦଳ ଓ ପାନୀୟଜଳ ବିଭାଗର କର୍ମଚାରୀ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନଳକୂଅର ପାଣିର ନମୁନା ସଂଗ୍ରହ କରି ଲାବ୍‌ରୋଟାରୀକୁ ପଠାଇଛନ୍ତି। ତେବେ ଏପର୍ଯ୍ୟନ୍ତ ରୋଗ ବ୍ୟାପିବାର ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ଏହି ପରିସ୍ଥିତିରେ ବଞ୍ଝୋ ଗ୍ରାମବାସୀ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ପଠାଇ ପ୍ରକୃତ କାରଣ ଖୋଜିବା ସହ ତୁରନ୍ତ ସ୍ୱାସ୍ଥ୍ୟସେବା ଓ ପାନୀୟଜଳ ବ୍ୟବସ୍ଥା ସୁଦୃଢ଼ କରିବାକୁ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।



> ➤ ୯ ବର୍ଷୀୟ ବାଳକର ମୃତ୍ୟୁ
> ➤ ଉଚ୍ଚସ୍ତରୀୟ ଡାକ୍ତରୀ ଟିମ୍‌ର ତଦନ୍ତ ଦାବି

### ● ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ଦିବାଲୋକରେ ତାଲା ଭାଙ୍ଗି ୨.୬ ଲକ୍ଷ ଲୁଟ୍

**କେନ୍ଦୁଝର,୧୧।୩(ସମିସ):** କେନ୍ଦୁଝର କମାରଗୋଡ଼ା ଭଡ଼ା ଘରେ ରହୁଥିବା ବାଦାମ ବ୍ୟବସାୟୀ ଅଭୟ କୁମାର ପୃଷ୍ଟିଙ୍କ ଘର ତାଲା ଭାଙ୍ଗି ଦୁଇ ଲକ୍ଷ ୬୦ ହଜାର ଟଙ୍କା ଲୁଟ୍ ହୋଇଛି। ଏନେଇ ଆଜି ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତକାଲି ଦିନ ୧୦ଟା ବେଳେ ଘରେ କେହି ନଥିବାବେଳେ ଘର ମୁଖ୍ୟ ଫାଟକ କବାଟ ଭାଙ୍ଗି ଘରେ ପଶି ଆଲମିରା ତାଡ଼ି ୨ ଲକ୍ଷ ୬୦ ହଜାର ଟଙ୍କା ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡିଛି। ଅଭୟ ବାଦାମ ବ୍ୟବସାୟ କରିବାକୁ ବଜାରକୁ ଯାଇଥିବାବେଳେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ସେ ଭଡ଼ା ଘରେ ୧୪ ବର୍ଷ ହେବ ରହୁଥିବା ବେଳେ ତାଙ୍କ ପାଖ ଭଡାଘରେ ଜିତୁ ମହାକୁଡ଼ ସପରିବାର ରହୁଥିଲେ। ତେବେ ଜିତୁ ଏହି ଚୋରି ଘଣାରେ ସଂପୃକ୍ତ ବୋଲି ଅଭୟ ଅଭିଯୋଗ କରିଛନ୍ତି। ତାଙ୍କୁ ଫୋନ କରାଯାଉଥିଲେ ହେଁ ରିସିଭ କରୁ ନଥିବାରୁ ସନ୍ଦେହ ବଢିବାରେ ଲାଗିଛି। ପୁଲିସ ଏହି ଚୋରି ଘଟଣାର ତଦନ୍ତ ଜାରି ରଖିଛି।

# ମୃତକଙ୍କ ପରିବାରକୁ ସହାୟତା



**ଯୋଡ଼ା, ୧୧।୩(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନ ଯଜାଙ୍ଗ ପାଟେରି ସାହିର ଲେମନ୍ତି ମାଝୀ ରବିବାର ଏକ ଗୋଠ ଛଡ଼ା ଦନ୍ତା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥଲେ। ନିକଟ ବୈତରଣୀ ନଦୀରୁ ଗାଧୋଇ ଫେରୁଥିବା ବେଳେ ହାତୀ ଆକ୍ରମଣ କରିଥିଲା। ଆଜି ବନ ବିଭାଗ ପକ୍ଷରୁ ଲେମନ୍ତିଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଏକ ଲକ୍ଷ ଟଙ୍କାର ଅର୍ଥରାଶି ସାଙ୍ଗକୁ ଶସ୍ୟ ପ୍ରଦାନ କରାଯାଇଛି। ଉକ୍ତ ରାଶି ପ୍ରଦାନ ବେଳେ ଜଜାଙ୍ଗ ସରପଞ୍ଚ ପ୍ରିୟଙ୍କା ମାଝୀ, ୱାର୍ଡମେମ୍ବର, ବନପାଳ ତ୍ରିନାଥ ଜେନା, ବନରକ୍ଷୀ ସୁରଜ୍ କୁମାର ଦାସ ଏବଂ ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ।

# ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ



**ଆନନ୍ଦପୁର, ୧୧।୩ (ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଭାରତୀ ସାହୁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଛାତ୍ରୀ ଜାଗୃତି ମିଶ୍ର ସଂଯୋଜନା କରିଥିବା ବେ ରେଖାଞ୍ଜଳି ତ୍ରିପାଠୀ ବାର୍ଷିକ ବିବରଣୀ ପାଠ ଓ ଦେବାଙ୍ଗିନି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁବ୍ରତ ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ, ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ପୁଷ୍ପଲତା ରାମ, ଅନିତା ଦାସ, ନରେଶ ସାହା, ସୁରୁଚୀ ସ୍ୱାଇଁ, ମନୋଜ ନାୟକ ଓ ମୁଖ୍ୟବକ୍ତା ଭାବେ ନର୍ଥ ଜୋନ ବାରିପଦା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡକ୍ଟର ରାଜେଶ ପ୍ରଧାନ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭାଗର ବୁଲେଟିନ ବନାନୀକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଅଧ୍ୟାପିକା ଶ୍ରୀଲେଖା ସାହୁ, ସଂଘମିତ୍ରା ରାଉତ, ହେମା ଗୁପ୍ତା, ଶବିନା ଆର ବେଗମ୍, ଆଦ୍ୟାଦେବ ମହାନ୍ତି ତଥା ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ଉ; ମଦ ଜବତ, ଗାଡ଼ି ସହ ୨ ଗିରଫ



**ଯୋଡ଼ା, ୧୧।୩(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବାଂଶପାଣି ନିକଟରେ ଅବକାରୀ ବିଭାଗର ଚଢ଼ଉ କରି କାରରୁ ୩୦୦ ଲିଟର ମହୁଲି ଜବତ କରିବା ସହ ଜଣେ ମହିଳା ଏବଂ ଜଣେ ପୁରୁଷକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୁରୁଡି ଅଞ୍ଚଳର ଅଜିତ ହେମ୍ବ୍ରମ (୨୦) ଏବଂ ଜଣେ ମହିଳା ଜ୍ୟୋତ୍ସ୍ନା ସାହୁ (୩୮)। ଅବକାରୀ ବିଭାଗର ସ୍ୱତନ୍ତ୍ର ଡ୍ରାଇଭ ଚାଲୁଥିବା ବେଳେ ବାଂଶପାଣି ନିକଟରେ ମଦ କାରବାର ନେଇ ବିଶେଷ ସୂତ୍ରରୁ ଖବର ପାଇ ଏସଆଇ ଶୁଭମ ବିଶ୍ୱାଳ, ଏଏସଆଇ ପ୍ରଶାନ୍ତ ପରିଡା ଏବଂ ସହକର୍ମୀଙ୍କ ଏକ ମିଳିତ ଟିମ ଗାଡ଼ି ନମ୍ବର ଓ.ଆର.୦୨-ଏ-ଏସ-୫୫୬୦ରେ ମହୁଲି ମଦ ଚାଲାଣ ବେଳେ ଚଢ଼ଉ କରିଥିଲେ। ଏହି ଚଢ଼ାଉରେ ଗାଡ଼ିରୁ ୩୦୦ ଲିଟର ମହୁଲି ଜବତ କରି ଗାଡିକୁ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ବଡ଼ବିଲ କୋର୍ଟ ଚାଲାଣ କରାଯାଇଛି।

# ମିଳୁନି ରନ୍ଧନ ଗ୍ୟାସ୍; ଗୃହିଣୀ ହନ୍ତସନ୍ତ

### ● ଚଢ଼ା ଦରରେ ଗ୍ୟାସ ଭର୍ତ୍ତି ସିଲିଣ୍ଡର

**ହାଟଡ଼ିହୀ,୧୧।୩(ସମିସ):** ହାଟଡ଼ିହୀ ଅଞ୍ଚଳରେ ଗତ ଦୁଇଦିନଠାରୁ ରନ୍ଧନ ଗ୍ୟାସର ଅଭାବ ପରିଲକ୍ଷିତ ହୋଇଛି। ବିଦ୍ୟାଧରପୁର, ଶାଳଣିଆଁ, ପୁରୁଣାପାଣି ଭଳି ତିନୋଟି ସ୍ଥାନରେ ରନ୍ଧନ ଗ୍ୟାସ ଏଜେନ୍ସି କାଉଣ୍ଟର ଥିଲା ବେଳେ ଆନନ୍ଦପୁରରୁ ଏଚପି ଗାଡ଼ି ମଧ୍ୟ ରନ୍ଧନ ଗ୍ୟାସ ଯୋଗାଇଥାଏ। ଏଭଳି ଇନ୍ଧନ ଅଭାବୀ ନେଇ ବିଦ୍ୟାଧରପୁର ଏଜେନ୍ସି ମାଲିକଙ୍କୁ ପଚାରିବାରେ, ଷ୍ଟକୟାର୍ଡ଼ରୁ ସପ୍ଲାଇ ବନ୍ଦ ହେବାରୁ ଗ୍ୟାସ ସିଲିଣ୍ଡର ଯୋଗାଇ ହେଉନାହିଁ ବୋଲି କହିଥିଲେ। ଏପରିସ୍ଥଳେ ଶାଳଣିଆଁ ଏଜେନ୍ସି ମାଲିକଙ୍କୁ ପଚାରିବାରୁ, ଗ୍ରାହକଙ୍କ ପାଇଁ ପୂର୍ଣ୍ଣମାତ୍ରାରେ ଗ୍ୟାସ ଅଛି, କୌଣସି ପ୍ରକାରରେ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ଯିଏ ବୁକିଂ କରିବ ସେ ନିଶ୍ଚୟ ପାଇବ ବୋଲି କହିବା ସହ କେବଳ ଆଜି ବୁକିଂ କରିବାରେ ଯାହା ଟିକେ ସମସ୍ୟା ରହିଛି ତାହା ଖୁବ୍ ଶୀଘ୍ର ସମାଧାନ ହୋଇଯିବ ବୋଲି କହିଛନ୍ତି। ତେବେ, ହାଟଡ଼ିହୀ ଅଞ୍ଚଳରେ ଗ୍ୟାସର ଅଭାବ ଖବର ପାଇବା ପରେ କିଛି ଅସାଧୁ ବେପାରୀ ମୋଟା ଟଙ୍କାର ମୁନଫା ଆଶାରେ ତତ୍ପର ହୋଇ ଜିଲ୍ଲା ବାହାରୁ ଏଠାରେ ଏଜେନ୍ସି ନଥିବା ଅଲଗା କମ୍ପାନୀର ଗ୍ୟାସ ଆଣି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଯାହାଫଳରେ ଗ୍ରାହକମାନେ ସିଧାସଳଖ ଲୁଟର ଶିକାର ହେଉଥିବା ଦେଖାଯାଇଛି। ଏପରି ଅସାଧୁ କଳାବଜାରୀ ପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବାବାତିଲକା ୟୁଥ୍ ଆସୋସିଏସନ୍ ଫୁଟ୍‌ବଲ: ଶାମୁକାନେଣ୍ଡି ଚାମ୍ପିଅନ୍



**ଆନନ୍ଦପୁର, ୧୧।୩(ସମିସ):** ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ କାଶୀବେଡ଼ାରେ ବାବା ତିଲକା ୟୁଥ୍ ଆସୋସିଏସନ୍ ଆନୁକୂଲ୍ୟରେ ୩ୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ଶାମୁକାନେଣ୍ଡିର ଆରକେ ଷ୍ଟାର କ୍ଲବ ୨-୧ ଗୋଲରେ ଦିଗିପଶିର ସୂର୍ଯ୍ୟବଂଶୀ କ୍ଲବକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଢେଙ୍କାନାଳ କଙ୍କଡ଼ାହାଡ଼ର ରଙ୍ଗିଲା ପାହାଡ଼ ଟିମ୍ ତୃତୀୟ, ଖାଲିଆମେଣ୍ଟା ଜାମୁବାହାଲି ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ରେଫରୀ ଭୀମସେନ ମାଣ୍ଡି ମ୍ୟାଚ୍ ପରିଚାଳନା କରିଥିବାବେଳେ ମାନସ ଟୁଡୁ, ରବି ଲୋହାର, ନରେନ୍ଦ୍ର ମୁର୍ମୁ ଲାଇନ୍ସମ୍ୟାନରେ ସହଯୋଗ କରିଥିଲେ। କ୍ଲବର ସଭାପତି ଭଗବାନ ଟୁଡୁଙ୍କ ସଂଯୋଜନାରେ ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ପ୍ରସନ୍ନ ପାତ୍ର ସମ୍ମାନିତଅତିଥି ଭାବେ ଚାମ୍ପିଅନ୍, ରନର୍ସ ଅପ୍ ଦଳ ଓ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ଫଗୁରାମ ହାଁସଦା ସଦସ୍ୟ କାଳନ୍ଦୀ ଟୁଡୁ, ବୀର ମାରାଣ୍ଡି, ସାଇବା ମୁର୍ମୁ, ଧରମା ମୁର୍ମୁ, ପାଣ୍ଡବ ମୁର୍ମୁ, ରାମ ମୁର୍ମୁ ଖେଳ ପରିଚାଳନାରେ ସହାୟତା କରିଥିଲେ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନିଯୁକ୍ତିରେ ଉପେକ୍ଷା




**ଆନନ୍ଦପୁର, ୧୧।୩(ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ତୃଣମୂଳ ସ୍ତରରେ ପ୍ରଶାସନିକ ଅବ୍ୟବସ୍ଥା ପାଇଁ ନ୍ୟାୟ ମିଳୁ ନଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାର ଚାରି ଜଣ ଗ୍ରାମ୍ୟ କୃଷି କର୍ମଚାରୀ ପଦ ନିମନ୍ତେ ଦେଇଥିବା ଆଦେଶକୁ ସଠିକ ଭାବେ ପୁନର୍ବାର ବିଚାର କରି ମାର୍ଚ୍ଚ ୧୬ ତାରିଖ ଭିତରେ ନିଯୁକ୍ତିପତ୍ର ନଦେଲେ ୪ ଜଣ ପ୍ରାର୍ଥୀ ସପରିବାର ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଆମରଣ ଅନଶନ ସହ ଆତ୍ମାହୁତି ଦେବାକୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ଚାରିଜଣ ପ୍ରାର୍ଥୀ ନୀଳାମ୍ବର ପରିଡା, ବେଣୁଧର ସା, ମନମୋହନ ସା, ସନ୍ଧ୍ୟାରାଣୀ ସେଠୀ ସାମ୍ବାଦିକ ସମ୍ମିଳନୀରେ ପ୍ରତିକ୍ରିୟା ରଖିଛନ୍ତି ଯେ +୨ ଧନ୍ଦାମୂଳକ ଶିକ୍ଷାରେ କୃଷି ବିଭାଗରେ ତାଲିମ୍ ପ୍ରାପ୍ତ କରିଥିଲେ। ୨୦୦୮ ମସିହାରେ କେନ୍ଦୁଝର ଜିଲ୍ଲାରେ ଗ୍ରାମ୍ୟ କୃଷି କର୍ମଚାରୀ ପଦ ନିଯୁକ୍ତି ନିମନ୍ତେ ୩୬ଟି ପଦ ବାହାରିଥିଲା। ଏହା ଥିଲା ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି, କିନ୍ତୁ ପରିତାପର ବିଷୟ, ଏଥିରେ କେନ୍ଦୁଝର ଜିଲ୍ଲାର ପ୍ରାର୍ଥୀଙ୍କୁ ନିଯୁକ୍ତିର ସୁଯୋଗ ନଦେଇ ସରକାର ନୀତିନିୟମକୁ ଉଲଂଘନ କରି ୪ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯାଇଥିଲା। ୪ ଜଣ ପ୍ରାର୍ଥୀ ସରକାରଙ୍କ ବିରୋଧରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ। ମାନ୍ୟବର ଉଚ୍ଚନ୍ୟାୟାଳୟ ୨୪.୦୯.୨୦୨୪ରେ ତାଙ୍କ ରାୟ ରେ ପ୍ରକାଶ କରିଥିଲେ ଯେ ଯଦି ଜିଲ୍ଲାରେ ଗ୍ରାମ୍ୟ କୃଷି କର୍ମଚାରୀ ପଦ ଖାଲି ଅଛି ତେବେ ଏହି ଚାରିଜଣ ପ୍ରାର୍ଥୀଙ୍କ ଆବେଦନ ବିଚାର କରି ନିଯୁକ୍ତି ଦିଆଯାଉ। ଏନେଇ ବିଭାଗୀୟ ସଚିବକୁ ୫୭ ଥର ଅଭିଯୋଗ କରି ସାକ୍ଷାତ କରିବା ପରେ ବି ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ଉଦାସୀନତା ମନୋଭାବ ଯୋଗୁଁ ନିଯୁକ୍ତିରୁ ବଞ୍ଚିତ ହୋଇଥିବା ଚାରିଜଣ ଆଶାୟୀ ପ୍ରାର୍ଥୀ ପ୍ରକାଶ କରିଛନ୍ତି। ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଆମରଣ ଅନଶନ କରିବା ସହିତ ସଚିବ ଓ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ ମଧ୍ୟ ନ୍ୟାୟରୁ ବଞ୍ଚିତ ହୋଇଛନ୍ତି। ପ୍ରତିବାଦରେ ଆସନ୍ତା ମାର୍ଚ୍ଚ ୧୬ ତାରିଖ ଚାରିଜଣ ପ୍ରାର୍ଥୀ ସପରିବାର ସମୂହ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି।

### ଆମରଣ ଅନଶନ ଓ ସମୂହ ଆତ୍ମାହୁତି ଚେତାବନୀ

# ଚାଷୀଙ୍କ ହକ୍ ପାଇଁ ଭୁବନେଶ୍ୱର ପଦଯାତ୍ରା

ବାରିପଦା,୧୧।୩(ସମିସ):



ନବନିର୍ମାଣ କୃଷକ ସଂଗଠନର 'କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ' ଆସନ୍ତା ମାର୍ଚ୍ଚ ୨୨ରୁ ୩୧ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ଘଟଗାଁରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚାଷୀକୁଳର ଅଧିକାର, କୃଷି ଓ କୃଷକର ସୁରକ୍ଷା ନିମନ୍ତେ ଏହି ଆନ୍ଦୋଳନ କରାଯାଉଛି। ସଂଗଠନ ପକ୍ଷରୁ ୨୧ ଦଫା ଦାବି ଉପସ୍ଥାପିତ କରାଯାଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ମାସିକ ୫ହଜାର ଟଙ୍କା ପେନସନ, ଧାନର କ୍ୱିଣ୍ଟାଲ ପିଛା ସହାୟକ ମୂଲ୍ୟ (ଏମଏସପି) ୫ ହଜାର ଟଙ୍କାକୁ ବୃଦ୍ଧି ଏବଂ ଅନ୍ୟ ୨୩ ଟି ଫସଲରେ ଏମ୍ଏସ୍‌ପି ନିର୍ଦ୍ଧାରଣ, ଚାଷୀଙ୍କୁ ସମ୍ପୂର୍ଣ୍ଣ କୃଷି ଋଣମୁକ୍ତ କରିବା ଓ ବିନା ସୁଧରେ ଋଣ ପ୍ରଦାନ, ଚାଷୀଙ୍କୁ 'ରାଷ୍ଟ୍ରର ସେବକ' ମାନ୍ୟତା ସହ ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ସୁନିଶ୍ଚିତ କରିବା, ଓଡ଼ିଶାର ଖଣି, ଜମି, ଜଳ ଓ ଜଙ୍ଗଲକୁ କର୍ପୋରେଟ୍ ସଂସ୍ଥାଙ୍କ କବଳରୁ ରକ୍ଷା କରିବା, ଚାଷୀଙ୍କୁ ସମ୍ପୂର୍ଣ୍ଣ ମାଗଣା ବିଦ୍ୟୁତ୍ ଏବଂ ସାଧାରଣ ଗ୍ରାହକଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପ୍ରଦାନ କରିବା ଭଳି ଦାବି ରଖିଛନ୍ତି। ସଂଗଠନର ଆବାହକ ଅକ୍ଷୟ କୁମାର ସମସ୍ତ ଚାଷୀ, ମୂଲିଆ, ମହିଳା ଓ ଯୁବପିଢ଼ିଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି। ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ହେଉଛି ଚାଷୀଙ୍କ ଅର୍ଥନୈତିକ ସ୍ଥିତି ସୁଧାରିବା ଓ ଓଡ଼ିଶାକୁ ଏକ ସମୃଦ୍ଧ କୃଷିଭିତ୍ତିକ ରାଜ୍ୟରେ ପରିଣତ କରିବା। ଏହି ପରିପ୍ରେକ୍ଷୀରେ ବାରିପଦା ଠାରେ କୃଷକ ସଂଗଠନ ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ରଭାରୀ ଚିନୁ ଦାସ ଓ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ସୂଚନା ଦେଇଛନ୍ତି।

## 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ରେ ୨୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସାମିଲ୍

ବାରିପଦା,୧୧।୩(ସମିସ): ବରିଷ୍ଠ ନାଗରିକ ଓ ବିଧବାଙ୍କ ଆଧ୍ୟାତ୍ମିକ ଅଭିଳାଷକୁ ପୂରଣ କରିବା ପାଇଁ ଜିଲ୍ଲାରୁ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ରେ ୨୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ପୁରୀ ଯାତ୍ରା କରିଛନ୍ତି। ଫେବୃଆରୀ ୧୩ ତାରିଖରେ "ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ କରାଯାଇଛି। ବୟସ, ଦୂରତା କିମ୍ବା ଆର୍ଥିକ ଅଭାବ ଯେପରି ଭକ୍ତ



ଏବଂ ମହାପ୍ରଭୁଙ୍କ ମଧ୍ୟରେ ବାଧା ସାଜିବ ନାହିଁ, ସେଥିପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। ୬୦ ରୁ ୭୫ ବର୍ଷ ବୟସ୍କ ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକ ଏବଂ ୭୫ ବର୍ଷରୁ କମ୍ ବୟସର ବିଧବାମାନେ ଏହି ସୁବିଧା ପାଇପାରିବେ। ରାଜ୍ୟ ପର୍ଯ୍ୟଟନ ବିଭାଗ ମାଧ୍ୟମରେ ହିତାଧିକାରୀ ମାନଙ୍କୁ ସଂଗଠିତ, ନିରାପଦ ଏବଂ ଆରାମଦାୟକ ତୀର୍ଥଯାତ୍ରାର ସୁଯୋଗ ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାରୁ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରାଯାଇଛି। ଆଜି ୭ଟି ବସ୍ ଯୋଗେ ୨୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏହି ତୀର୍ଥଯାତ୍ରା କରିବାର ସୁଯୋଗ ପାଇଛନ୍ତି ବୋଲି ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ସୂଚନା ଦେଇଛନ୍ତି।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ




ବାରିପଦା,୧୧।୩(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ନିଜ ଅଭିଭାଷଣରେ ଓଡ଼ିଆ ଭାଷାର ସମୃଦ୍ଧି ଓ ପ୍ରାୟୋଗିକ ଦିଗର ବୃଦ୍ଧି ପ୍ରତିଟି ଓଡ଼ିଆଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେଉ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଦିବସ ପାଳନର ଆଭିମୁଖ୍ୟ ରଖିବା ସହ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ପ୍ରଶାସନିକ ମୁଖ୍ୟ ଡ. ପ୍ରିୟବ୍ରତ ବେହେରା, ଅର୍ଥନୀତି ବିଭାଗ ମୁଖ୍ୟ ଡ. ସିଦ୍ଧେଶ୍ୱର ପଣ୍ଡା ଯୋଗଦେଇଥିଲେ। ସ୍ନାତକ ଛାତ୍ରୀ ଗୀତାଞ୍ଜଳି ସେଠ ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସ୍ନାତକୋତ୍ତର ଛାତ୍ର ଧନଞ୍ଜୟ ସିଂ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଭାଷା ଦିବସ



ବାରିପଦା,୧୧।୩(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ତଥା ସହକାରୀ ପ୍ରଫେସର ଡକ୍ଟର ଚନ୍ଦ୍ରକାନ୍ତ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଲେ ଯେ, ଓଡ଼ିଆ ଭାଷାର ଏକ ସମୃଦ୍ଧ ପରମ୍ପରା ରହିଛି। ଅତୀତରେ କିଛି ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ ଫଳରେ ଆମ ଭାଷା ଦିନେ ହଜିଯିବାକୁ ବସିଥିଲା। ମାତ୍ର ଆମର କିଛି ମହାପୁରୁଷଙ୍କ ଉଦ୍ୟମରେ ଓଡ଼ିଆ ଭାଷାର ବିକାଶ ହୋଇଛି। ପୁଣି ଆମ ଭାଷାର ଦୁଇହଜାର ବର୍ଷର ଏକ ସୁଦୀର୍ଘ ଇତିହାସ ଅଛି। ସେହିପରି ବିଭାଗୀୟ ମୁଖ୍ୟ ଲମ୍ବୋଦର ନାୟକ ଓଡ଼ିଆ ଭାଷାର ଅତୀତ ସହିତ ବର୍ତ୍ତମାନକୁ ଓ ବର୍ତ୍ତମାନ ସହିତ ଭବିଷ୍ୟତକୁ ଯୋଡ଼ି ଦେବା ପାଇଁ ନିଜର ମାତୃଭାଷା ଓଡ଼ିଆକୁ ଦୈନନ୍ଦିନ ଜୀବନରେ ବହୁଳ ବ୍ୟବହାର କରିବା ଆବଶ୍ୟକ ବୋଲି ଛାତ୍ରୀଙ୍କୁ ନିଜ ବକ୍ତବ୍ୟରେ କହିଥିଲେ। ବିଭାଗୀୟ ଅଧ୍ୟାପକ ଡକ୍ଟର ଚନ୍ଦ୍ରଶେଖର ଦାସ ସ୍ୱାଗତ ଅଭିଭାଷଣରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାର ପ୍ରକ୍ରିୟା, ଇତିହାସ ଓ ସୁବିଧା ସୁଯୋଗ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ସେହିପରି ବିଭାଗର ଅନ୍ୟତମ ଅଧ୍ୟାପକ ଡକ୍ଟର ମନୋରଞ୍ଜନ ନାଏକ ଓଡ଼ିଆମାନଙ୍କ ପାଇଁ ଏହି ଦିନର ମହତ୍ତ୍ୱକୁ ହୃଦୟଙ୍ଗମ କରିବା ସହିତ ପ୍ରତ୍ୟେକ ଓଡ଼ିଆ ନିଜ ନିଜ ସ୍ତରରେ ଓଡ଼ିଆ ଭାଷାର ଯଥାସମ୍ଭବ ଉନ୍ନତିପାଇଁ ପ୍ରୟାସ କରିବା ପାଇଁ ଇଚ୍ଛାପ୍ରକାଶ କରିବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଭାଗର ପ୍ରଥମ ବର୍ଷର ଛାତ୍ରୀ ମଇନା ସିଂ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତି ଗିରଫ

ବାରିପଦା,୧୧।୩(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନେଦାମ ଅଞ୍ଚଳରେ ଜଙ୍ଗଲରେ ନିଆଁ ଲଗାଇବାକୁ ଉଦ୍ୟମ କରୁଥିବା ଜଣେ ଅଭିଯୁକ୍ତକୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବାଙ୍ଗିରିପୋଷି ଥାନା ବଡନେଦାମ ଅଞ୍ଚଳର ଦୁର୍ଯ୍ୟୋଧନ ହାଁସଦାଃ(୫୬)। ଏ ସଂକ୍ରାନ୍ତରେ ବନବିଭାଗ ପକ୍ଷରୁ ବନ୍ୟଜନ୍ତୁ ସୁରକ୍ଷା ଆଇନକୁ ନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଜଣାଇଛନ୍ତି। ସୂଚନାଯୋଗ୍ୟ, ବନକର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ତିନିଜଣ ଜଙ୍ଗଲ ମଧ୍ୟରେ ପ୍ରବେଶ କରି ନିଆଁ ଲଗାଇବାକୁ ଉଦ୍ୟମ କରୁଥିଲେ। ଯାହାକୁ ନେଇ କର୍ମଚାରୀମାନେ



ଜଣକୁ କାବୁ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଥିଲେ। ତେବେ ବନାଗ୍ନି ରୋକିବା ପାଇଁ ବନବିଭାଗର ଉଦ୍ୟମ ଜାରି ରହିଥିବା ବେଳେ ଏଭଳି କାର୍ଯ୍ୟକରୁଥିବା ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## କଥା ଦେଇ କଥା ରଖିଲେ ରାଷ୍ଟ୍ରପତି

ରାସଗୋବିନ୍ଦପୁର,୧୧।୩(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାର କୈବର୍ତ୍ତ ଜାତି ଏବଂ ଚିଲିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ପଦକ୍ଷେପ ନେଇଛନ୍ତି। ଫେବୃୟାରୀ ୨୦୨୪ରେ କୈବର୍ତ୍ତ ମହାସଭାର ଏକ (୫) ଜଣିଆ ପ୍ରତିନିଧି ଦଳ ରାଜ୍ୟ ସଭାପତି ଯୋଗେନ୍ଦ୍ର ବେହେରାଙ୍କ ପ୍ରତିନିଧିତ୍ୱରେ ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ମହୋଦୟାଙ୍କୁ ଭେଟି ଲିଖିତ ଭାବେ ଦରଖାସ୍ତ ଦେଇଥିଲେ। ଦୁଇ ବର୍ଷ ପରେ ରାଷ୍ଟ୍ରପତିଙ୍କ ସୁପାରିଶକୁ ଭାରତ ସରକାର ମତ୍ସ୍ୟଜୀବୀ କଲ୍ୟାଣ ପାଣ୍ଠି ଗଠନ ଏବଂ ଚିଲିକା ସୁରକ୍ଷା ପାଇଁ ପାଣ୍ଠି ଗଠନ କରିଛନ୍ତି। କଥା ଦେଇ କଥା ରଖିଥିବାରୁ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଗତ ୮ ତାରିଖ ରବିବାର ଦିନ ଭୁବନେଶ୍ୱରସ୍ଥିତ ଭିଆଇପି କଲୋନୀରେ ଥିବା ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସ୍ଥାୟୀ ଗୃହରେ ରାଜ୍ୟ କାର୍ଯ୍ୟକାରିଣୀର କର୍ମକର୍ତ୍ତାଙ୍କ ସ୍ୱତନ୍ତ୍ର ବୈଠକ ରାଜ୍ୟ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ମନୋଜ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଖଣ୍ଡା ଏବଂ ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ବିଶିଷ୍ଟ ଶିଳ୍ପପତି ପ୍ରହ୍ଲାଦ ବେହେରା, ଦିଲ୍ଲୀପ ବେହେରା, ଉପସଭାପତି ପ୍ରସନ୍ନ ବେହେରା, ହୀନ ବେହେରା ମୟୂରଭଞ୍ଜ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ଦଲେଇ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକର ପ୍ରଥମାର୍ଦ୍ଧରେ ଦିବଂଗତ ଜାତିର ନେତ୍ରୀ ତଥା ସଭାପତି ଯୋଗେନ୍ଦ୍ର ବେହେରାଙ୍କ ଧର୍ମପତ୍ନୀ ଶୋଭାଗିନୀ ବେହେରା ଏବଂ ଘୋଡ଼ାନାଚ ଗାୟକ ତଥା ପଦ୍ମଶ୍ରୀ ସ୍ୱର୍ଗତ ଉତ୍ସବ ଚରଣ ବେହେରାଙ୍କ ଦେହାନ୍ତରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶାର ୩୦ ଜିଲ୍ଲାରେ ସଂଗଠନକୁ ମଜବୁତ୍ କରିବା ପାଇଁ ସଭାପତି ଯୋଗେନ୍ଦ୍ର ବେହେରା ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରହ୍ଲାଦ ବେହେରାଙ୍କୁ ଦାୟିତ୍ୱ ଦେଇଥିଲେ। ସଭାପତିଙ୍କ ଅଗୋଚରରେ ମହାସଭାର କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯାଇ ପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

**୨୮ ରେ ଜିଲ୍ଲା ଓକିଲ ସଂଘ ନିର୍ବାଚନ, ୨୪ ପ୍ରାର୍ଥୀଙ୍କ ନାମାଙ୍କନ**

## ସଭାପତି ଦୌଡ଼ରେ ପ୍ରବୀର, ଶାନ୍ତନୁ ଓ ଜ୍ୟୋତିପ୍ରକାଶ

ବାରିପଦା,୧୧।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ୨୪ଜଣ ନାମାନଙ୍କ ପତ୍ର ଦାଖଲ କରିଛନ୍ତି। ୮ଜଣ କାର୍ଯ୍ୟକାରୀ ସଦସ୍ୟ ଓ ଅନ୍ୟ ୭ଟି ପଦବୀ ପାଇଁ ମୋଟ ୨୪ଜଣ ପାର୍ଥୀ ରହିଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତି କହିଛନ୍ତି। ସଭାପତି ପଦ ପାଇଁ ଜ୍ୟୋତିପ୍ରକାଶ ରଥ, ଶାନ୍ତନୁ ପାଲ ଓ ପ୍ରବୀର କୁମାର ବସା ଆଶାୟୀ ରହିଛନ୍ତି। ସେହିପରି ଉପସଭାପତି ପାଇଁ ସତ୍ୟବ୍ରତ ଦାସ ଜଣେମାତ୍ର ରହିଥିବାବେଳେ ସମ୍ପାଦକ ପଦ ପାଇଁ ଜ୍ଞାନରଞ୍ଜନ ଜେନା ଓ ବିପ୍ଳବ ବାରିକ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଯୁଗ୍ମ ସମ୍ପାଦକ (କଲ୍ୟାଣ) ପାଇଁ ସ୍ୱରୂପ କୁମାର ମିଶ୍ର ଓ ରତିକାନ୍ତ ସାହୁ, ଯୁଗ୍ମ ସମ୍ପାଦକ (ପ୍ରଶାସନ) ପାଇଁ ପଙ୍କଜ କୁମାର ମହାକୁଡ଼ ଓ ମନୋଜ କୁମାର ମହାନ୍ତ, ଯୁଗ୍ମ ସମ୍ପାଦକ (ପାଠାଗାର) ପାଇଁ କୃଷ୍ଣଚନ୍ଦ୍ର ମହାନ୍ତି ଓ ସତ୍ୟନାରାୟଣ ବେହେରା ଏବଂ କୋଷାଧ୍ୟକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ଏକମାତ୍ର ଆଶାୟୀ ରହିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି (ଅଣସଂରକ୍ଷିତ) ୩ଟି ପଦ ପାଇଁ ଗିରିଶ୍ଚନ୍ଦ୍ର ମହାପାତ୍ର, ବୈଦ ପ୍ରକାଶ ପାରିକ, ଅନ୍ତର୍ଯ୍ୟାମୀ ବେହେରା, ଦେବରାଜ ମିଶ୍ର, ଗୌତମ ଶଙ୍କର ରାୟ ଓ ବିଶାଳ କୁମାର ରାମ ରହିଛନ୍ତି। କାଯ୍ୟକାରୀ କମିଟି ମହିଳା ପାଇଁ ସଂରକ୍ଷିତ ୫ଟି ପଦ ପାଇଁ ସ୍ୱପ୍ନା ମହାନ୍ତି, ମଧୁସ୍ମିତା ସେଠୀ, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ରହିଛନ୍ତି।

ଜିଲ୍ଲା ଓକିଲ ସଂଘର ୬୯୬ଜଣ ବୈଧ ଭୋଟର ରହିଛନ୍ତି। ନିର୍ବାଚନ ନେଇ ମାର୍ଚ୍ଚ ୭ତାରିଖରୁ ପ୍ରାର୍ଥିପତ୍ର ଦାଖଲ ପରେ ୧୦ ତାରିଖରେ ଦାଖଲ ପ୍ରାର୍ଥିପତ୍ରର ତାଲିକା ପ୍ରକାଶ ପାଇଛି। ୧୧ରେ ଯାଞ୍ଚ, ୧୨ରେ ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ, ୧୩ ରେ ପ୍ରତ୍ୟାହାର ଓ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ କରାଯିବ। ମାର୍ଚ୍ଚ ୨୮ ତାରିଖ ପୂର୍ବାହ୍ନ ସାଢ଼େ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାପରେ ଅପରାହ୍ଣ ୪ଟାରୁ ଭୋଟ ଗଣନା ହୋଇ ଫଳାଫଳ ପ୍ରକାଶ ପାଇବ।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଭୂତତ୍ତ୍ୱ ବିଭାଗର ଆଲୋଚନାଚକ୍ର

ଉଦଳା,୧୧।୩(ସମିସ): କୁଣ୍ଡାବାଇ ସ୍ଥିତ ଆର୍. ଡି. ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ଭୂତ୍ତ୍ୱତ ବିଜ୍ଞାନ ବିଭାଗ ତରଫରୁ "ପ୍ରୋସ୍ପେକ୍ଟସ୍ ଆଣ୍ଡ ଆପ୍ଲିକେସନ୍ସ ଅଫ୍ ରିମୋଟ୍ ସେନ୍ସିଙ୍ଗ୍ ଇନ୍ ଜିଓସାଇନ୍ସ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହବିଦ୍ୟାଳୟର ଅଧକ୍ଷ୍ୟ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଜିଓ




ସାଇନ୍ସ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ଭାବେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ପ୍ରାକ୍ତନ ସହକାରୀ ପ୍ରଫେସର ଡ. ଦେବବ୍ରତ ନନ୍ଦି ଯୋଗ ଦେଇ "ପ୍ରୋସ୍ପେକ୍ଟସ୍ ଆଣ୍ଡ ଆପ୍ଲିକେସନ୍ସ ଅଫ୍ ରିମୋଟ୍ ସେନ୍ସିଙ୍ଗ୍ ଇନ୍ ଜିଓସାଇନ୍ସ' ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭୂତ୍ତ୍ୱତ୍ ବିଜ୍ଞାନ ବିଭାଗର ମୁଖ୍ୟ ଦିବ୍ୟ ଶଙ୍କର ଦାସବାବୁ ଆଲୋଚ୍ୟ ବିଷୟ ବସ୍ତୁର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହିତ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆଲୋଚନାଚକ୍ରରେ ସ୍ନାତକ ବିଭାଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୁଭଙ୍କର ପାତ୍ର, କ୍ରିଷ୍ଣା ମହାନ୍ତ, ଆୟୁଷ୍ମାନ ପାଢ଼ୀ, ବବିତା ହେମ୍ବ୍ରମ, ଆରତୀ ସୋରେନ, ଅମନ କୁମାର ଭଗତ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ପ୍ରୀତମ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ବିଜେଡି ନେତାଙ୍କ ବିୟୋଗରେ ଶୋକ



ବଡ଼ସାହି,୧୧।୩(ସମିସ): ବଡ଼ସାହି ବ୍ଲକ ସୁହାଗପୁର ପଞ୍ଚାୟତ ଗୁହାଳଡିହି ଗ୍ରାମର ବରିଷ୍ଠ ବିଜେଡି ନେତା କରୁଣାକର ଦାସ (୭୦) ଙ୍କର ପରଲୋକ ଘଟିଯାଇଛି। ମଙ୍ଗଳବାର ସେ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ନେଇ ବାରିପଦା ପିଆର୍‌ଏମ୍ ହସପିଟାଲରେ ଭର୍ତ୍ତି କରିଥିଲେ। ବୁଧବାର ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। କଟକ ଯାଉଥିବାବେଳେ ବୈଶିଙ୍ଗା ପରେ ପରେ ସେ ମୃତ୍ୟୁବରଣ କରିଥିଲେ। ଜଣାଯାଇଛି। ତାଙ୍କର ପତ୍ନୀ,୨ ପୁଅ, ବୋହୁ ଓ ନାତିନାତୁଣୀ ଅଛନ୍ତି। ନିଜ ଗ୍ରାମ ସମେତ ନିକଟସ୍ଥ ଗ୍ରାମର ବିଭିନ୍ନ ଧର୍ମାନୁଷ୍ଠାନ ସହିତ ସେ ସଂଶ୍ଳିଷ୍ଟ ଥିଲେ। ସେ ଜଣେ ସଂଗଠକ, ଧର୍ମ ପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଗାଁରେ ଗଭୀର ଶୋକ ପ୍ରକାଶ ପାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତି।

## ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାରିପଦା,୧୧।୩(ସମିସ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ପ୍ରଥମ ମ୍ୟାଚରେ ଝାଡ଼ଖଣ୍ଡର ବ୍ଲାକ ପେନ୍ଥାର ଏଫସି ୧-୦ ଗୋଲରେ ପିଆର୍‌ଏମ୍ ଏଫ୍‌ସିକୁ ପରାସ୍ତ କରିଛି। ରାଜେନ ମୁର୍ମୁ ଏକ ମାତ୍ର ଗୋଲ ସ୍କୋର କରିଥିଲେ। ସନ୍ତୋଷ କୁମାର ରାଉତ, ଦିଲ୍ଲୀପ କୁମାର ପ୍ରଧାନ ଓ ରାଜୀବ କୁମାର ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ୨ୟ ମ୍ୟାଚ କଟକର ବାବା ପିଲଚୁ ୟୁଥ କ୍ଲବ ଓ ମୟୂରଭଞ୍ଜର ସାମଦିହି ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ସୁପ୍ରିମ କୋର୍ଟ ପେନାଲ ବରିଷ୍ଠ ଆଇନଜୀବୀ ଜୀବନ କୁମାର ସାହୁ, ଡଃ ଅଶୋକ ତ୍ରିପାଠୀ, ଉତ୍ତରା ତ୍ରିପାଠୀ, ସମାଜସେବୀ ସୌରଭ ମୋଦି, ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠୀଙ୍କ ସମେତ ବରିଷ୍ଠ ସଦସ୍ୟ ବଂଶୀଧର ପାଲବାବୁ, କୁମାର ରଞ୍ଜନ ପଣ୍ଡା, ପ୍ରଦୀପ ମିସ୍ତ୍ରୀ, ପ୍ରଦୀପ ବେହେରା, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ବିଶ୍ୱଜିତ ନାୟକ, ବନବିହାରୀ ମଣ୍ଡଗଜ, ସୋନୁ ରାମ, କପିଳ ଖଣ୍ଡେଲୱାଲ, ମହେନ୍ଦ୍ର ପଲେଇ, ହରିହର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ଥ ରୋଜଗାର ଲୋଭ ଦେଖାଇ ନେଇଗଲେ ୮ ଲକ୍ଷ

ବାରିପଦା,୧୧।୩(ସମିସ): ଅଦୃଶ୍ୟ ସାଇବର ଠକଙ୍କ ପ୍ରାଦୁର୍ଭାବ ପୁଣି ଦେଖିବାକୁ ମିଳିଛି। ଅନ୍‌ଲାଇନ୍ ଜରିଆରେ ଅଧିକ ଅର୍ଥ ରୋଜଗାର କରିବାର ପ୍ରଲୋଭନ ଦେଖାଇ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଶିକାର ନେଇ ଅଭିଯୋଗ ହୋଇଛି। ଏ ନେଇ ବାରିପଦା ଟାଉନ ଥାନା ଅନ୍ତର୍ଗତ ମହାରାଜାପୁର ଗ୍ରାମର ହେମନ୍ତ କୁମାର ନାଏକ ଠକାମୀର ଶିକାର ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଇ-କମର୍ସ ଜରିଆରେ ଅଧିକ ଟଙ୍କା କମାଇବାର ପ୍ରଲୋଭନ ଦେଖାଇଥିଲେ। ଯାହାକୁ ନେଇ ଠକଙ୍କ କହିବା ଅନୁଯାୟୀ ସେ କାର୍ଯ୍ୟ କରିଥିଲେ। ୫ଟି ପୃଥକ୍ ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୮ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରଲୋଭିତ କରିବା ନିମନ୍ତେ ପ୍ରଥମେ କିଛି ଅର୍ଥ ରାଶି ପ୍ରଦାନ କରିଥିଲେ। କିନ୍ତୁ ଟଙ୍କା ଉଠାଣ କରିବାକୁ ପ୍ରଚେଷ୍ଟା କରିବାରୁ ଉଠାଣ ହୋଇନଥିଲା। ଯାହାକୁ ନେଇ ସେ ସଂସ୍ଥା ସହ ଯୋଗାଯୋଗ କରିବାକୁ ପ୍ରଚେଷ୍ଟା କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରିନଥିଲା। ଯାହାକୁ ନେଇ ଦୁର୍ବୃତ୍ତଙ୍କ ଦ୍ୱାରା ଅନଲାଇନ ଠକାମୀର ସେ ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ତେନ୍ତୁଳି ଗଛରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଠାକୁରମୁଣ୍ଡା,୧୧।୩(ସମିସ):

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଠାକୁରମୁଣ୍ଡା ବଜାର ନିକଟରେ ଥିବା ସର୍ବପୁରାତନ ତେନ୍ତୁଳି ଗଛକୁ ଗତ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବହୁ ବର୍ଷ ପୁରୁଣା ଏହି ତେନ୍ତୁଳି ଗଛଟି ଠାକୁରମୁଣ୍ଡା ବଜାର ଅଞ୍ଚଳର ଏକ ପରିଚିତ ଓ ପୁରାତନ ଚିହ୍ନ ଭାବେ ପରିଚିତ ଥିଲା। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଗଛରୁ ନିଆଁ ଓ ଧୂଆଁ ଉଠୁଥିବା ଦେଖି ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ। ପରେ ସେମାନେ ତୁରନ୍ତ ଠାକୁରମୁଣ୍ଡା ଅଗ୍ନିଶମ




ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଚେଷ୍ଟା କରି ନିଆଁକୁ ଆୟତ୍ତ କରିଥିଲେ।

ଉଲ୍ଲେଖ ଯେ, ଏହି ତେନ୍ତୁଳି ଗଛଟିରୁ ପ୍ରାୟ ୫୦ ମିଟର ଦୂରତାରେ ଇଣ୍ଡେନ ଗ୍ୟାସର ଏକ ଡିପୋ ରହିଛି। ଯଦି ନିଆଁ ଆଉ କିଛି ସମୟ ଜଳିଥାନ୍ତା, ତେବେ ଏକ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ଥିଲା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ସୌଭାଗ୍ୟବଶତଃ ଠିକ୍ ସମୟରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିବାରୁ ଏକ ବଡ଼ ବିପଦ ଟଳିଯାଇଛି। ଏହା ସହିତ, ଘଟଣାସ୍ଥଳରୁ ପ୍ରାୟ ୧୦୦ ମିଟର ଦୂରରେ ଠାକୁରମୁଣ୍ଡା ଥାନା ଓ ପ୍ରାୟ ୧୫୦ ମିଟର ଦୂରରେ ସ୍ଥାନୀୟ ମେଡିକାଲ ମଧ୍ୟ ରହିଛି। ଏତେ ସମ୍ବେଦନଶୀଳ ସ୍ଥାନ ନିକଟରେ ଏପରି ଘଟଣା ଘଟିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବୃଦ୍ଧି ପାଇଛି। ଘଟଣାଟି କିପରି ଘଟିଲା ଓ କେହି ଦୁର୍ବୃତ୍ତ ଏହି ନିଆଁ ଲଗାଇଥିଲା ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

ସକାଳ
THE SAKALA

# ସମ୍ପାଦକୀୟ



ବର୍ଷରେ ଏମିତି ଦୁଇଟି ଦିନ ଅଛି, ଯେଉଁ ଦିନ ଆମେ କୌଣସି କାମ କରିପାରିବା ନାହିଁ, ଗତକାଲି ଏବଂ ଆସନ୍ତା କାଲି !
-ମହାତ୍ମା ଗାନ୍ଧୀ

## ରାଜ୍ୟପାଳ ଓ ରାଜନୀତି

ସଂଘୀୟ ଢାଞ୍ଚା ଓ କ୍ଷମତାକେନ୍ଦ୍ର ସାମ୍ବିଧାନିକ ବ୍ୟବସ୍ଥା ଦୃଷ୍ଟିରୁ ଏକ ବୃହତ୍ତର ଦିଗକୁ ଇଙ୍ଗିତ କରୁଥିଲେ ମଧ୍ୟ ଆବଶ୍ୟକତା ଦୃଷ୍ଟିରୁ କର୍ତ୍ତୃତ୍ୱ ଓ ସ୍ୱାୟତ୍ତତା ପ୍ରୟୋଗ କରିଆସିଛି। ତେବେ ଏ କ୍ଷେତ୍ରରେ କ୍ଷମତାର କ୍ଷଣଭଙ୍ଗୁରତାକୁ ଦୃଷ୍ଟିରେ ରଖି ସନ୍ତୁଳନ ରକ୍ଷା କରିନପାରିଲେ ସଂଘୀୟ ବ୍ୟବସ୍ଥା ଭୁଷୁଡ଼ି ପଡ଼ିବାର ସମ୍ଭାବନା ମଧ୍ୟ ଅଛି। ସେ ଦୃଷ୍ଟିରୁ କେନ୍ଦ୍ରରେ କ୍ଷମତାସୀନ ଦଳ ବିରୋଧୀ ଶାସିତ ରାଜ୍ୟ ସରକାରଙ୍କ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବାରେ ତୃତୀୟ କ୍ଷମତା କେନ୍ଦ୍ରକୁ ପ୍ରୟୋଗ କରିଥାନ୍ତି। ସମ୍ବିଧାନିକ ବ୍ୟବସ୍ଥା ଦୃଷ୍ଟିରୁ ରାଜ୍ୟପାଳଙ୍କ ସୀମିତ କ୍ଷମତା ସତ୍ତ୍ୱେ ତାଙ୍କ ପଦ ମର୍ଯ୍ୟାଦାର ଦୁରୂପଯୋଗ ଏକାଧିକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ରାଜ୍ୟବାସୀଙ୍କ ବହୁମତରେ ନିର୍ବାଚିତ ସରକାରଙ୍କ ଉପରେ ଅଙ୍କୁଶ ପ୍ରୟୋଗ ପ୍ରସଙ୍ଗ ଅଦାଲତି ହସ୍ତକ୍ଷେପ ପର୍ଯ୍ୟନ୍ତ କଥା ଯାଇଥିଲେ ମଧ୍ୟ ରାଜ୍ୟପାଳଙ୍କ ରାଜନୀତି ଉପରେ କଟକଣା ଲାଗିପାରିନି। ନିକଟରେ ରାଷ୍ଟ୍ରପତି ୭ଟି ରାଜ୍ୟରେ ରାଜ୍ୟପାଳ ନିଯୁକ୍ତି ଓ ଅଦଳବଦଳ କରିଛନ୍ତି। ଏକ୍ଷେତ୍ରରେ ରାଜ୍ୟରେ କ୍ଷମତାସୀନ ସରକାରଙ୍କ ସହ ପରାମର୍ଶ କରିବାର ଆବଶ୍ୟକତାକୁ ମଧ୍ୟ ଏଡ଼ାଇ ଦିଆଯାଇଛି। ରାଜ୍ୟପାଳଙ୍କ ନିଯୁକ୍ତି ଓ କ୍ଷମତା ପ୍ରୟୋଗ ଏବଂ କେନ୍ଦ୍ରର ଭୂମିକା ନେଇ ଯେତେ ଯାହା ବିତର୍କ ହେଉନା କାହିଁକି ଏକ୍ଷେତ୍ରରେ ସମ୍ବିଧାନିକ ବ୍ୟବସ୍ଥା ଅସ୍ୱଷ୍ଟ, ବରଂ ପ୍ରଚଳିତ ବ୍ୟବସ୍ଥା ପ୍ରତି ନିରବ ସମର୍ଥନ ରହିଛି। ଆମକୁ ଏଠାରେ କହିବାକୁ ହେଉଛି ଯେ ବ୍ୟବସ୍ଥା ଓ ପରମ୍ପରାକୁ ସଂପୂର୍ଣ୍ଣ ରୂପେ ଅଣଦେଖା କରାଯାଇନଥିବାରୁ ଏନେଇ ଉଠୁଥିବା ଆପତ୍ତି ଅର୍ଥହୀନ ହୋଇପଡ଼ିଛି।

ଯେକୌଣସି ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ରାଜନୈତିକ ଦୃଶ୍ୟପଟ୍ଟରେ ରାଜ୍ୟପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସଂଖ୍ୟା ଗରିଷ୍ଠ ଦଳ ବା ମେଣ୍ଟରେ ନେତାଙ୍କୁ ସେ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଥାନ୍ତି। ବହୁ ଦଳୀୟ ମେଣ୍ଟରେ କ୍ଷମତା ରାଜନୀତିକୁ ନେଇ ଅସନ୍ତୋଷ ଥିଲେ ସେଭଳି କ୍ଷେତ୍ରରେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗର ସୁଯୋଗ ରହିଛି। ଏସବୁ ବାଦ ସରକାର ଗଢିବାର ସୁଯୋଗ ପାଇଥିବା ବହୁଦଳୀୟ ମେଣ୍ଟକୁ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ଅଧିକ ଦିନ ସେ ସମୟ ଦେଇପାରିବେ। ଏହି ସୁଯୋଗ କ୍ଷମତା କେନ୍ଦ୍ରକୁ ରାଜନୈତିକ ସ୍ଥିରତା ସୃଷ୍ଟି ପାଇଁ ସହାୟକ ହୋଇଥାଏ। ସେହିଭଳି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କ୍ଷେତ୍ରରେ ମଧ୍ୟ ରାଜ୍ୟପାଳଙ୍କ ରିପୋର୍ଟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ସୀମିତ ଭୂମିକା ସତ୍ତ୍ୱେ ବିଧାନସଭାରେ ଗୃହୀତ ବିଲ୍‌କୁ ଦୀର୍ଘଦିନ ଧରି ଅଟକ ରଖି ସରକାରଙ୍କୁ ସାଧାରଣରେ ଅପଦସ୍ଥ କରିବା ମଧ୍ୟ ଅନ୍ୟ ଏକ ଦିଗ। ରାଜ୍ୟପାଳଙ୍କ ସରକାର ବିରୋଧୀ ଅଭିମୁଖ୍ୟର ସୁଯୋଗ ନେଇଥାଏ ରାଜ୍ୟର ବିରୋଧୀ ଦଳ। ଏକାଧିକ କ୍ଷେତ୍ରରେ ସେମାନେ ଉତ୍ସାହିତ ହୋଇ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି କରିଥାନ୍ତି। ତାମିଲନାଡୁ ଓ କେରଳ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣକୁ ନେଇ ମଧ୍ୟ ନୂଆ ବିବାଦ ସୃଷ୍ଟି ହୋଇଥିଲା। ପରମ୍ପରା ଅନୁଯାୟୀ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣକୁ ରାଜ୍ୟପାଳ ପାଠ କରିବାର ଥିଲେ ମଧ୍ୟ ସେଥିରେ ଆପତ୍ତି ଉଠାଇ ଗୃହତ୍ୟାଗ କରିବା ଘଟଣା ମଧ୍ୟ ଆଲୋଚନା ପରିସରକୁ ଆସିଛି।

ନିକଟରେ ତାମିଲନାଡୁ ରାଜ୍ୟପାଳ ଆର.ଏନ.ରବିଙ୍କୁ ପଶ୍ଚିମ ବଙ୍ଗରେ ଅବସ୍ଥାପିତ କରାଯାଇଛି। ସେଠାରେ ଥିବା ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ଇସ୍ତଫା ଦେଇଛନ୍ତି। ତାମିଲନାଡୁ ଭଳି ପଶ୍ଚିମବଙ୍ଗରେ ଆଗକୁ ବିଧାନସଭା ନିର୍ବାଚନ ହେଉଥିବାରୁ ରବିଙ୍କ ନୂତନ ଦାୟିତ୍ୱ ବିଭିନ୍ନ ମହଲରେ ଘୋର ସନ୍ଦେହର ବାତାବରଣ ସୃଷ୍ଟି କରିଛି। ରାଷ୍ଟ୍ରପତି ଶାସନ ଜାରି କରି ପଶ୍ଚିମବଙ୍ଗରେ ନିର୍ବାଚନ ପରିଚାଳନା କରାଯିବାର ସମ୍ଭାବନା ନେଇ ଚାଲିଥିବା ବିଚାର ବିମର୍ଷ ପଛରେ ସେଭଳି ଯଥେଷ୍ଟ ଯୁକ୍ତିଥିବା ଭଳି ମନେ ହେଉନି। ତଥାପି ଆର.ଏନ.ରବି ଅବସ୍ଥାପିତ କରି ତାଙ୍କ ମାଧ୍ୟମରେ କେହି କିଛି ନୂଆ ଖେଳ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ରାଜେନ୍ଦ୍ର ଆଲେକରଙ୍କୁ କେରଳ ସହ ତାମିଲନାଡୁ ରାଜ୍ୟପାଳ ଦାୟିତ୍ୱ ଆପତତଃ ତୁଲାଇବାକୁ ପଡ଼ିବ। ବିହାର ବିଧାନସଭା ନିର୍ବାଚନ ବେଳେ କେରଳ ରାଜ୍ୟପାଳ ଅରିଫମହମ୍ମଦ ଖାଁଙ୍କୁ ଅବସ୍ଥାପିତ କରାଯାଇଥିଲା। ସେ ଅବ୍ୟାହତି ନେଇଥିବାରୁ ତାଙ୍କ ସ୍ଥାନରେ ଲେଫ୍ଟନେଣ୍ଟ ଜେନେରାଲ ସୟଦ ଆତା ହାସଦେନଙ୍କୁ ନୂତନ ନିଯୁକ୍ତି ମିଳିଛି। ସେହିଭଳି ବିହାରରେ ବରିଷ୍ଠ ବିଜେପି ନେତା ନନ୍ଦ କିଶୋର ଯାଦବଙ୍କୁ ନାଗାଲାଣ୍ଡ ରାଜ୍ୟପାଳ ପଦରେ ଅବସ୍ଥାପିତ କରାଯାଇଛି। ତେଲେଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମାଙ୍କୁ ମହାରାଷ୍ଟ୍ରରେ, ଶିବ ପ୍ରସାଦ ଶୁକ୍ଳଙ୍କୁ ହିମାଚଳ ପ୍ରଦେଶରୁ ତେଲେଙ୍ଗାନା ଏବଂ କବିନ୍ଦ୍ର ଗୁପ୍ତାଙ୍କୁ ହିମାଚଳରେ ରାଜ୍ୟପାଳ ରୂପେ ଅବସ୍ଥାପିତ କରାଯାଇଛି। ଏହି ଅଦଳ ବଦଳ ଓ ନୂତନ ନିଯୁକ୍ତି ପଛରେ ଯେ କେନ୍ଦ୍ରର ଦୂରଦୃଷ୍ଟି ନ ରହିଛି ଏକଥା ନୁହେଁ। ବିଶେଷ କରି ଆର.ଏନ. ରବିଙ୍କ ଭୂମିକା ଏବଂ ମମତାଙ୍କ ପ୍ରାଧାନ୍ୟ ଆଗାମୀ ଦିନରେ କ'ଣ ହେବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି।

କେନ୍ଦ୍ରରେ କ୍ଷମତାସୀନ ସରକାର ଦଳପ୍ରତି ଆନୁଗତ୍ୟକୁ ବିଚାର କରି ସକ୍ରିୟ ରାଜନୀତିରୁ ଓହରି ଯାଇଥିବା ବରିଷ୍ଠ ନେତାଙ୍କୁ ସାଧାରଣତଃ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଯାଇଥାଏ। କଂଗ୍ରେସ ସମୟରୁ ପ୍ରଚଳିତ ଏହି ବ୍ୟବସ୍ଥାକୁ ବିଜେପି ମଧ୍ୟ ଗ୍ରହଣ କରିଆସିଛି। ବିଶେଷ କରି ସଂଘ ପରିବାର ସହ ସଂପୃକ୍ତ କିମ୍ବା ଆଦର୍ଶ ଓ ବିଚାରଗତ ଆନୁଗତ୍ୟକୁ ଏ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଇଛି। ସମୟକ୍ରମେ ସରକାରଙ୍କ ଅଧୀନରେ କାର୍ଯ୍ୟକରିଥିବା ଅବସରପ୍ରାପ୍ତ ପ୍ରଶାସକ ଓ ସେନା ଅଧିକାରୀଙ୍କୁ ରାଜ୍ୟପାଳ ପଦ ପାଇଁ ମନୋନୀତ କରାଗଲା। ଏପରିକି ଅବସର ନେଇଥିବା ବିଚାରପତି ମଧ୍ୟ ଏହି ନିଯୁକ୍ତି ପରିସରକୁ ଆସିଛନ୍ତି। ସଂସଦର କ୍ଷମତାକେନ୍ଦ୍ର ଯେ ଦେଶର ସବୁ ରାଜ୍ୟରେ ପ୍ରାଧାନ୍ୟ ଜାହିର କରିପାରିବ ଏକଥା ନୁହେଁ। ଏବେ ବି ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳର ପ୍ରାଧାନ୍ୟ ଓ ପତିଆରା ରହିଛି। ସେଠାରେ ଦଳ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଥିବା ବିରୋଧୀଙ୍କୁ କେନ୍ଦ୍ର ସମସ୍ତ ସୁବିଧା ଓ ସୁଯୋଗ ପ୍ରଦାନ କରୁଥିଲେ ହେଁ ରାଜ୍ୟପାଳଙ୍କ ଭୂମିକା ଏ ଦିଗରେ ସହାୟକ ହେଉଥିବା ସଂପର୍କରେ ବିଭିନ୍ନ ମହଲରୁ ଅଭିଯୋଗ କରାଯାଇଛି। ଏପ୍ରକାର ପରମ୍ପରା ଯେ ନୂଆ ଏକଥା ନୁହେଁ। କେନ୍ଦ୍ର ସରକାର ରାଜ୍ୟପାଳଙ୍କୁ ନିଜ ହିସାବରେ ପ୍ରୟୋଗ କରୁଥିବା ଘଟଣା ଇନ୍ଦିରାଙ୍କ ସମୟରୁ ପ୍ରଚଳିତ। ତେବେ ଏବର ପରିସ୍ଥିତି ସ୍ଥଳ ବିଶେଷରେ ମାତ୍ରାଧିକ ହେଉଥିବାର ପରିଲକ୍ଷିତ ହୋଇଛି।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ସଂଘୀୟ ଢାଞ୍ଚା ଅବକ୍ଷୟ ସ୍ଥିତିରେ ପହଞ୍ଚିଥିବା ନେଇ ହେଉଥିବା ସ୍ୱର ଉତ୍ତୋଳନ ଯେ ସଂପୂର୍ଣ୍ଣ ଭୁଲ ଏକଥା ନୁହେଁ। ସ୍ଥଳ ବିଶେଷରେ କିଛିଟା ମାତ୍ରାଧିକ କାର୍ଯ୍ୟ ପ୍ରଚଳିତ ବ୍ୟବସ୍ଥାର ପରିପନ୍ଥୀ। କେନ୍ଦ୍ର ରାଜ୍ୟ ସଂପର୍କକୁ ନେଇ ବିବାଦ ଉପୁଜୁଥିଲେ ମଧ୍ୟ ଏବେବି କିଛିଟା ସଂଯମତା ରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ରାଜ୍ୟର ସାମ୍ବିଧାନିକ କ୍ଷମତା ଏବେ ମଧ୍ୟ ଅତୁଟ ରହିଛି। ରାଜ୍ୟପାଳଙ୍କ ସୀମିତ କ୍ଷମତା ମଧ୍ୟରେ ରାଜ୍ୟ ସରକାରଙ୍କୁ ଓପାଡ଼ି ଫୋପାଡ଼ି ଦିଆଯିବା ସମ୍ଭବ ନୁହେଁ। ସୃଷ୍ଟି ହେଉଥିବା ତଥାକଥିତ ବିଭ୍ରାଟକୁ ରାଜନୈତିକ ଉପାୟରେ ମୁକାବିଲା କରାଯାଇପାରିବ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ବିଶ୍ୱ ତୈଳ ବଜାରରେ ଅସ୍ଥିରତା

ଡ. ରଜନୀକାନ୍ତ ଖୁଣ୍ଟିଆ

ଆଧୁନିକ ବିଶ୍ୱ ଅର୍ଥନୀତିରେ କଚ୍ଚା ପେଟ୍ରୋଲିୟମ ତୈଳକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉର୍ଜା ସମ୍ପଦ ଭାବେ ବିବେଚନା କରାଯାଏ । ଯାତାୟାତ, ଶିଳ୍ପ, କୃଷି, ପେଟ୍ରୋକେମିକାଲ୍ ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ, ଆନ୍ତର୍ଜାତୀୟ ବ୍ୟବସାୟ ଆଦି ସବୁଠି ପେଟ୍ରୋଲିୟମ ତୈଳ ଉତ୍ପାଦନର ଭୂମିକା ଅପରିହାର୍ଯ୍ୟ। ଯଦିଓ ବିଶ୍ୱରେ ନବୀକରଣ ଉର୍ଜାର ବ୍ୟବହାର ଦ୍ରୁତ ଭାବରେ ବଢ଼ୁଛି, ତଥାପି ବିଶ୍ୱ ଅର୍ଥନୀତି ଏପର୍ଯ୍ୟନ୍ତ ଏହା ଉପରେ ଗଭୀର ଭାବରେ ନିର୍ଭରଶୀଳ। ଆଜି ବିଶ୍ୱରେ ପ୍ରତିଦିନ ପ୍ରାୟ ୧୦୦ରୁ ୧୦୨ ମିଲିୟନ ବ୍ୟାରେଲ ତୈଳ ଉପଯୋଗ ହୁଏ। ବିଶ୍ୱ ଅର୍ଥନୀତିର ବୃଦ୍ଧି, ଶିଳ୍ପୀକରଣ ଓ ଯାନବାହନ ସଂଖ୍ୟା ବଢ଼ିବା ସହିତ ଏହି ଚାହିଦା ଦିନକୁ ଦିନ ବଢ଼ୁଛି। ତୈଳ ଉତ୍ପାଦନ ଓ ଚାହିଦା ପ୍ରାୟ ସମାନ ଥିବାରୁ ବଜାରରେ ଅତିରିକ୍ତ ମହଜୁଦ ବହୁତ କମ୍। ଏହି ପରିସ୍ଥିତିରେ ଯଦି ବିଶ୍ୱ ଯୋଗାଣରେ କେବଳ ୧ କିମ୍ବା ୨ ମିଲିୟନ ବ୍ୟାରେଲ ହ୍ରାସ ହୁଏ, ତେବେ ମଧ୍ୟ ତୈଳ ମୂଲ୍ୟ ହଠାତ୍ ବଢ଼ିଯାଏ। ଏହି କାରଣରୁ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ପ୍ରଭାବ କେବଳ ଉର୍ଜା ବଜାରରେ ସୀମିତ ରହେନାହିଁ, ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ତାହାର ଗଭୀର ପ୍ରଭାବ ପଡ଼େ। ବର୍ତ୍ତମାନ ଇରାନ–ଇସ୍ରାଏଲ୍ ଓ ଆମେରିକା ମଧ୍ୟରେ ବଢ଼ୁଥିବା ସଂଘର୍ଷ ଓ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାର ପରିସ୍ଥିତି ବିଶ୍ୱ ତୈଳ ବଜାରକୁ ପୁଣିଥରେ ଅନିଶ୍ଚିତତାର ମୁହଁକୁ ଠେଲି ଦେଇଛି। ବର୍ତ୍ତମାନ ବିଶ୍ୱ ତୈଳ ବଜାର ଅତ୍ୟନ୍ତ ସଂବେଦନଶୀଳ ଓ ଅସ୍ଥିର ଅବସ୍ଥାରେ ରହିଛି। ଭୂ-ରାଜନୈତିକ ଉତ୍ତେଜନା, ଯୁଦ୍ଧ, ଉତ୍ପାଦନ ହ୍ରାସ, ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ କିମ୍ବା ତୈଳ ଯାତାୟାତ ପଥରେ ବାଧା ଆଦି ଏହି ସମସ୍ତ କାରଣ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି କରୁଛି। ସମ୍ପ୍ରତି ଇରାନ–ଇସ୍ରାଏଲ୍ ଓ ଆମେରିକା ମଧ୍ୟରେ ସଂଘର୍ଷ ଏହି ଅସ୍ଥିରତାକୁ ଆହୁରି ଗଭୀର କରିଦେଇଛି ଓ ବିଶ୍ୱ ଉର୍ଜା ସୁରକ୍ଷା ପାଇଁ ଗୁରୁତର ଚିନ୍ତା ସୃଷ୍ଟି କରିଛି।

ବିଶ୍ୱ ତୈଳ ଉତ୍ପାଦନ କେତେକ ଦେଶରେ ଅଧିକ କେନ୍ଦ୍ରୀଭୂତ। ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିଦିନ ପ୍ରାୟ ୨୦ ମିଲିୟନ ବ୍ୟାରେଲ ପେଟ୍ରୋଲିୟମ ଉତ୍ପାଦନ କରି ସର୍ବାଧିକ ଉତ୍ପାଦକ ଭାବେ ରହିଛି। ସେହିପରି ସୌଦି ଆରବ ଓ ରୁଷ ପ୍ରତିଦିନ ପ୍ରାୟ ୧୦–୧୧ ମିଲିୟନ ବ୍ୟାରେଲ ତେଲ ଉତ୍ପାଦନ କରୁଛନ୍ତି। କାନାଡା, ଇରାକ, ଚୀନ ଓ ଯୁକ୍ତ ଆରବ ଏମିରେଟ୍ସ ପରି ଦେଶମାନେ ମଧ୍ୟ ତେଲ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ବିଶ୍ୱର ଶୀର୍ଷ ୧୦ ଦେଶ ମିଶି ମୋଟ ତେଲ ଉତ୍ପାଦନର ପ୍ରାୟ ୭୦ ପ୍ରତିଶତ ଯୋଗାଣ କରନ୍ତି। ତେଣୁ ଏହି ଦେଶମାନଙ୍କର ରାଜନୀତିକ ଓ ଆର୍ଥିକ ପରିସ୍ଥିତି ବିଶ୍ୱ ତେଲ ବଜାରରେ ଅତ୍ୟଧିକ ପ୍ରଭାବ ପକାଏ। ଏହା ସହିତ ଓ.ପି.ଇ.ସି (Organization of Petroleum Exporting Countries) ଏବଂ ଓ.ପି.ଇ.ସି ପ୍ଲସ ଗୋଷ୍ଠୀଗୁଡିକ ତେଲ ଉତ୍ପାଦନ ଓ ମୂଲ୍ୟ ନିୟନ୍ତ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଓ.ପି.ଇ.ସି ଦେଶମାନେ ପ୍ରାୟ ୩୫ ପ୍ରତିଶତ ବିଶ୍ୱ ତେଲ ଉତ୍ପାଦନ କରୁଥିବାବେଳେ ଓ.ପି.ଇ.ସି ପ୍ଲସ ମିଶି ପ୍ରାୟ ୬୦ ପ୍ରତିଶତ ବିଶ୍ୱ ଯୋଗାଣକୁ ନିୟନ୍ତ୍ରଣ କରନ୍ତି ।

ବିଶ୍ୱ ଇତିହାସରେ ଅନେକ ସମୟରେ ତେଲ ଯୋଗାଣ ସଙ୍କଟ ଗଭୀର ଆର୍ଥିକ ପରିଣାମ ସୃଷ୍ଟି କରିଛି। ୧୯୭୩ ମସିହାର ତେଲ ସଙ୍କଟ ସେଥିରେ ସବୁଠାରୁ ଚର୍ଚ୍ଚିତ ଉଦାହରଣ। ଆରବ–ଇସ୍ରାଏଲ୍ ଯୁଦ୍ଧ ପରେ ଆରବ ତେଲ ଉତ୍ପାଦକ ଦେଶମାନେ ଆମେରିକା ଓ ପଶ୍ଚିମ ଦେଶମାନଙ୍କ ଉପରେ ତୈଳ ନିଷେଧ ଲାଗୁ କରିଥିଲେ। ତାହାର ପରିଣାମରେ କେବଳ କିଛି ମାସ ମଧ୍ୟରେ ତେଲ ମୂଲ୍ୟ ପ୍ରାୟ ଚାରିଗୁଣା ବଢ଼ିଗଲା। ୧୯୭୯ ମସିହାର ଇରାନ ବିପ୍ଳବ ସମୟରେ ମଧ୍ୟ ବିଶ୍ୱ ତେଲ ବଜାରରେ ଭୟଙ୍କର ଅସ୍ଥିରତା ଦେଖାଦେଇଥିଲା। ଇରାନର ରାଜନୀତିକ ଅସ୍ଥିରତା କାରଣରୁ ତେଲ ଉତ୍ପାଦନ ହ୍ରାସ ପାଇଥିଲା ଓ ବିଶ୍ୱ ବଜାରରେ ତେଲ ମୂଲ୍ୟ ବଢ଼ିଗଲା। ଏହି ଦୁଇଟି ଘଟଣା ପ୍ରମାଣ କରିଦେଇଛି ଯେ ତୈଳ ଯୋଗାଣରେ ପ୍ରତିବନ୍ଧକ ସମଗ୍ର ବିଶ୍ୱ ଅର୍ଥନୀତିକୁ କିପରି ଗଭୀର ଭାବରେ ପ୍ରଭାବ ପକାଇପାରେ।

ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ବିଶ୍ୱ ବଜାରରେ କଚ୍ଚା ତୈଳର ମୂଲ୍ୟ ତୁଳନାମୂଳକ ଭାବେ ସ୍ଥିର ଥିଲା। ୨୦୨୫ ମସିହାର ଶେଷ ଭାଗ ଓ ୨୦୨୬ ମସିହାର ଆରମ୍ଭ ସମୟରେ ବ୍ରେଣ୍ଟ କଚ୍ଚା ତୈଳର ମୂଲ୍ୟ ପ୍ରାୟ ୬୫ ରୁ ୭୦ ଡଲାର ପ୍ରତି ବ୍ୟାରେଲ ମଧ୍ୟରେ ରହିଥିଲା। ସେହିପରି



ଆମେରିକାର ଡବ୍ଲୁ.ଟି.ଆଇ (West Texas Intermediate) କଚ୍ଚା ତୈଳର ମୂଲ୍ୟ ମଧ୍ୟ ପ୍ରାୟ ୬୩ରୁ ୬୭ ଡଲାର ପ୍ରତି ବ୍ୟାରେଲ ମଧ୍ୟରେ ରହିଥିଲା। ଏହି ସମୟରେ ବିଶ୍ୱ ତୈଳ ବଜାରରେ ଯୋଗାଣ ଓ ଚାହିଦା ମଧ୍ୟରେ ଏକ ପ୍ରକାର ସନ୍ତୁଳନ ରହିଥିଲା। ଓ.ପି.ଇ.ସି ଏବଂ ଓ.ପି.ଇ.ସି ପ୍ଲସ୍ ଦେଶମାନଙ୍କ ଉତ୍ପାଦନ ନୀତି, ଆମେରିକାର ଉତ୍ପାଦନ ଓ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଆଦି କାରଣରୁ ତୈଳ ମୂଲ୍ୟ ବହୁତ ବେଶି ଉପରକୁ ଯାଇ ନ ଥିଲା। କିନ୍ତୁ ୨୦୨୬ ମସିହାରେ ମଧ୍ୟପ୍ରାଚ୍ୟରେ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା ବଢ଼ିବା ଆରମ୍ଭ ହେବା ସହିତ ବିଶ୍ୱ ତୈଳ ବଜାରରେ ଚିନ୍ତା ଦେଖାଦେଲା। ଯୁଦ୍ଧର ସମ୍ଭାବନା ବଢ଼ିବା ସହିତ ତୈଳ ଯୋଗାଣ ବାଧା ହେବାର ଆଶଙ୍କା ବଢ଼ିଗଲା। ଏହାର ପ୍ରଥମ ପ୍ରଭାବ ତୈଳ ମୂଲ୍ୟ ଉପରେ ପଡ଼ିଲା। ବଜାରରେ ଅନିଶ୍ଚିତତା ବଢ଼ିବା ସହିତ କଚ୍ଚା ତୈଳର ମୂଲ୍ୟ ଦ୍ରୁତ ଭାବରେ ୮୦ ରୁ ୯୦ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ବଢ଼ିଗଲା। ପରବର୍ତ୍ତୀ ସମୟରେ ଇରାନ–ଇସ୍ରାଏଲ୍ ସଂଘର୍ଷ ମଧ୍ୟରେ ଆମେରିକାର ଯୋଗଦାନ ଓ ମଧ୍ୟପ୍ରାଚ୍ୟରେ ସାମରିକ କାର୍ଯ୍ୟକଳାପ ବୃଦ୍ଧି ସହ ବିଶ୍ୱ ବଜାରରେ କଚ୍ଚା ତୈଳର ମୂଲ୍ୟ ୧୦୦ ଡଲାର ପ୍ରତି ବ୍ୟାରେଲ ଉପରେ ପହଞ୍ଚିଗଲା। କେତେକ ସମୟରେ ବ୍ରେଣ୍ଟ କଚ୍ଚା ତୈଳର ମୂଲ୍ୟ ପ୍ରାୟ ୧୧୫ ରୁ ୧୧୮ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ବଢ଼ିଥିବା ଦେଖାଗଲା। ଯଦି ସଂଘର୍ଷ ଦୀର୍ଘସ୍ଥାୟୀ ହୁଏ, ତେବେ ତୈଳ ମୂଲ୍ୟ ୧୩୦ ରୁ ୧୫୦ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏହି ଆକସ୍ମିକ ମୂଲ୍ୟ ବୃଦ୍ଧିର ଅନେକ କାରଣ ରହିଛି । ପ୍ରଥମତଃ ସୌଦି ଆରବ, ଇରାକ, କୁଏତ, ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ) ଓ ଇରାନ ପରି ଦେଶମାନେ ବିଶ୍ୱ ତୈଳ ଯୋଗାଣର ଏକ ବଡ଼ ଅଂଶ ପ୍ରଦାନ କରନ୍ତି। ଏହି ଅଞ୍ଚଳରେ ଯଦି ଯୁଦ୍ଧ ହୁଏ କିମ୍ବା ତୈଳ ଉତ୍ପାଦନ ଭିତ୍ତିଭୂମି ଉପରେ ଆକ୍ରମଣ ହୁଏ, ତେବେ ବିଶ୍ୱ ତୈଳ ଯୋଗାଣ ତୁରନ୍ତ ପ୍ରଭାବିତ ହୋଇପାରେ। ଦ୍ୱିତୀୟତଃ, ଇରାନର ଭୌଗୋଳିକ ସ୍ଥିତି ବିଶ୍ୱ ତୈଳ ବଜାର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ନିକଟରେ ଅବସ୍ଥିତ, ଯାହା ବିଶ୍ୱର ସର୍ବପ୍ରମୁଖ ତୈଳ ଯାତାୟାତ ପଥମାନଙ୍କ ମଧ୍ୟରୁ ଗୋଟିଏ। ପର୍ସିଆ ଉପସାଗରରୁ ବିଶ୍ୱ ବଜାରକୁ ଯାଉଥିବା ତୈଳର ମୁଖ୍ୟ ମାର୍ଗ ହେଉଛି ଏହି ସଙ୍କୀର୍ଣ୍ଣ ସମୁଦ୍ରପଥ। ପ୍ରତିଦିନ ପ୍ରାୟ ୨୦ ରୁ ୨୧ ମିଲିୟନ ବ୍ୟାରେଲ ତୈଳ ଏହି ପଥ ଦ୍ୱାରା ଯାତାୟାତ ହୁଏ, ଯାହା ବିଶ୍ୱ ତୈଳ ଯୋଗାଣର ପ୍ରାୟ ୨୦ ପ୍ରତିଶତ। ତେଣୁ ଯଦି ଏହି ମାର୍ଗରେ ଯୁଦ୍ଧ, ନୌସେନା ମୁକାବିଲା କିମ୍ବା ଅବରୋଧ ସୃଷ୍ଟି ହୁଏ, ତେବେ ବିଶ୍ୱ ତୈଳ ବଜାରରେ ଗଭୀର ସଙ୍କଟ ସୃଷ୍ଟି ହୋଇପାରେ। ତୃତୀୟତଃ, ମଧ୍ୟପ୍ରାଚ୍ୟର କେତେକ ତୈଳ କ୍ଷେତ୍ର ଓ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ ଘଟିଥିବା ଖବର ମଧ୍ୟ ତୈଳ ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ କାରଣ ହୋଇଥିଲା। ଡ୍ରୋନ ଓ ମିସାଇଲ ଆକ୍ରମଣର ଭୟରୁ କେତେକ ତୈଳ କୂପ, ପାଇପଲାଇନ୍ ଓ ଶୋଧନାଳୟର କାର୍ଯ୍ୟକଳାପ ସମୟିକ ଭାବରେ ବନ୍ଦ କିମ୍ବା କମାଇ ଦିଆଯାଇଥିଲା। ଏହାର ପରିଣାମରେ କେତେକ ଅଞ୍ଚଳର ତୈଳ ଉତ୍ପାଦନ ହ୍ରାସ ପାଇଥିଲା। ଏପରି ହ୍ରାସ ବିଶ୍ୱ ତୈଳ ଯୋଗାଣକୁ ସିଧାସଳଖ ପ୍ରଭାବିତ କରେ ଓ ବଜାରରେ ଭୟ ସୃଷ୍ଟି କରେ। ଏହା ସହିତ ତୈଳ ଟ୍ୟାଙ୍କର ଯାତାୟାତ ଉପରେ ମଧ୍ୟ ପ୍ରଭାବ ପଡ଼ିଥିଲା। ମଧ୍ୟପ୍ରାଚ୍ୟରେ ସୁରକ୍ଷା ସମସ୍ୟା ବଢ଼ିବା ସହିତ ଅନେକ ଆନ୍ତର୍ଜାତୀୟ ଜାହାଜ କମ୍ପାନୀ ଏହି ଅଞ୍ଚଳରେ ଚଳାଚଳ କରିବାରେ ସତର୍କ ହୋଇପଡ଼ିଥିଲେ। କେତେକ ଜାହାଜ ବିକଳ୍ପ ମାର୍ଗ ବ୍ୟବହାର କରୁଥିବାରୁ ଯାତ୍ରା ସମୟ ଓ ଖର୍ଚ୍ଚ ଦୁହେଁ ବଢ଼ିଯାଇଥିଲା। ଏହି ସମସ୍ତ କାରଣ ବିଶ୍ୱ ତୈଳ ବଜାରରେ ଅସ୍ଥିରତାକୁ ଆହୁରି ବୃଦ୍ଧି କରିଛି ।

ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବ କେବଳ ଉର୍ଜା ବଜାରରେ ସୀମିତ ରହେନାହିଁ। ତୈଳ ମୂଲ୍ୟ ବଢ଼ିଲେ ପରିବହନ ଖର୍ଚ୍ଚ ବଢ଼ିଯାଏ, ଶିଳ୍ପ ଉତ୍ପାଦନ ମହଙ୍ଗା ହୋଇଯାଏ ଓ ସାଧାରଣ ଲୋକଙ୍କ ଉପରେ ମହଙ୍ଗାଇର ଭାର ପଡ଼େ। ବିମାନ ସେବା, ଜାହାଜ ଯାତାୟାତ, ପେଟ୍ରୋକେମିକାଲ୍ ଶିଳ୍ପ, ପ୍ଲାଷ୍ଟିକ ଓ ସାର ଶିଳ୍ପ ପରି ଅନେକ କ୍ଷେତ୍ର ଏହାର ପ୍ରଭାବରେ ପଡ଼ନ୍ତି। ଏହି ପ୍ରଭାବ ଏସିଆ ଦେଶମାନଙ୍କ ଉପରେ ଅଧିକ ପଡ଼ିପାରେ। କାରଣ ପର୍ସିଆ ଉପସାଗରରୁ ରପ୍ତାନି ହେଉଥିବା ତୈଳର ପ୍ରାୟ ୭୫ ଶତଂଶ ଏସିଆ ଦେଶମାନଙ୍କୁ ଯାଏ। ଚୀନ, ଭାରତ, ଜାପାନ ଓ ଦକ୍ଷିଣ କୋରିଆ ପରି ଦେଶ ଏହି ଅଞ୍ଚଳର ତୈଳ ଉପରେ ଅଧିକ ନିର୍ଭର କରନ୍ତି।

ଭାରତ ପାଇଁ ଏହି ସ୍ଥିତି ଆହୁରି ଗୁରୁତର। ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ତୈଳ ଉପଭୋକ୍ତା ଦେଶ। ଦେଶର ଦୈନିକ ତୈଳ ଚାହିଦା ପ୍ରାୟ ୫.୪ ମିଲିୟନ ବ୍ୟାରେଲ ଥିବାବେଳେ ଦେଶୀୟ ଉତ୍ପାଦନ କେବଳ ୦.୭ ମିଲିୟନ ବ୍ୟାରେଲ ପ୍ରତିଦିନ ହୋଇଥାଏ। ତେଣୁ ଭାରତ ନିଜର ଆବଶ୍ୟକ ତୈଳର ପ୍ରାୟ ୮୫ ଶତଂଶ ବିଦେଶରୁ ଆମଦାନି କରେ। ତୈଳ ମୂଲ୍ୟ ବଢ଼ିଲେ ଭାରତର ଆମଦାନି ମୂଲ୍ୟ ବହୁତ ବଢ଼ିଯାଏ ଓ ଦେଶର ଅର୍ଥନୀତି ଉପରେ ଚାପ ପଡ଼େ। ଭାରତକୁ ଆସୁଥିବା ତୈଳର ପ୍ରାୟ ୪୦ ପ୍ରତିଶତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ମାର୍ଗରେ ଆସେ। ତେଣୁ ଏହି ଅଞ୍ଚଳରେ ଯଦି ଯୁଦ୍ଧ ବଢ଼ିଯାଏ, ତେବେ ଭାରତର ତୈଳ ଯୋଗାଣ ଓ ଅର୍ଥନୀତି ଉପରେ ସିଧା ପ୍ରଭାବ ପଡ଼ିପାରେ। ଏହି ପ୍ରକାରର ସଙ୍କଟକୁ ମୁକାବିଲା କରିବା ପାଇଁ ଭାରତ ଏସ.ପି.ଆର (Strategic Petroleum Reserve) ସୃଷ୍ଟି କରିଛି। ବିଶାଖାପଟ୍ଟଣମ, ମାଂଗାଲୋର ଓ ପାଦୁରରେ ଥିବା ଏହି ଭଣ୍ଡାରଗୁଡ଼ିକରେ ପ୍ରାୟ ୫.୩ ମିଲିୟନ ଟନ୍ କଚ୍ଚା ତୈଳ ମହଜୁଦ ରଖାଯାଇପାରେ। ତୈଳ କମ୍ପାନୀମାନଙ୍କର ମହଜୁଦ ମିଶି ଭାରତ ପ୍ରାୟ ୭୦ ଦିନର ତୈଳ ଆବଶ୍ୟକତା ପାଇଁ ସଂଚୟ ରଖିପାରେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯଦି ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୁଏ, ତେବେ ଏହି ମହଜୁଦ ମଧ୍ୟ ପର୍ଯ୍ୟାପ୍ତ ହେବ ନାହିଁ।


ଦୀର୍ଘମିଆଦି ସମାଧାନ ଭାବେ ବିଶ୍ୱ ଓ ଭାରତ ଉଭୟଙ୍କୁ ଉର୍ଜାର ବିବିଧୀକରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସୌର ଶକ୍ତି, ଜଳ ଶକ୍ତି, ବାୟୁ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ ପରି ନବୀକରଣ ଯୋଗ୍ୟ ଉର୍ଜାର ବିକାଶ ଦ୍ୱାରା ତୈଳ ଉପରେ ନିର୍ଭରତା କମାଇହେବ। ବିଶ୍ୱ ତୈଳ ବଜାରର ଅସ୍ଥିରତା କେବଳ ଏକ ଆର୍ଥିକ ପ୍ରସଙ୍ଗ ନୁହେଁ; ଏହା ଭୌଗୋଳିକ ରାଜନୀତି, ଯୁଦ୍ଧ ଓ ଉର୍ଜା ସୁରକ୍ଷା ସହିତ ଗଭୀର ଭାବରେ ସଂପୃକ୍ତ। ଇରାନ–ଇସ୍ରାଏଲ୍ ସଂଘର୍ଷ ଆମକୁ ପୁଣିଥରେ ସ୍ମରଣ କରାଉଛି ଯେ ବିଶ୍ୱ ଅର୍ଥନୀତି ଏପର୍ଯ୍ୟନ୍ତ ତୈଳ ଉପରେ କେତେ ନିର୍ଭରଶୀଳ। ଯଦି ଉର୍ଜା ବ୍ୟବସ୍ଥାକୁ ଆହୁରି ସୁସ୍ଥିର ଓ ବିବିଧ କରାଯିବ ନାହିଁ, ତେବେ ଏପରି ତୈଳ ଝଟକା ଆଗାମୀ ଦିନରେ ମଧ୍ୟ ବିଶ୍ୱ ଅର୍ଥନୀତିକୁ କମ୍ପିତ କରିବ।

ସହକାରୀ ପ୍ରଫେସର,
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,
ମୋ- ୯୯୩୭୨୮୫୬୭୨

## ଯୁବପିଢ଼ିଙ୍କ ଅବସାଦ

ପ୍ରବୀର କୁମାର ସାହୁ

ଯୁବପିଢ଼ିଙ୍କ ମଧ୍ୟରେ ଦେଖାଯାଉଥିବା ସବୁଠାରୁ ବଡ଼ ସମସ୍ୟା ହେଉଛି ମାନସିକ ଅବସାଦ। କୋଭିଡ୍ ପରବର୍ତ୍ତୀ ସମୟରେ ମାନସିକ ଅବସାଦ ଦ୍ରୁତ ଗତିରେ ବୃଦ୍ଧି ପାଇବାକୁ ଲାଗିଛି। ଲକ୍ଷ୍ୟ କଲେ ଜଣା ଯାଏ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଯୁବପିଢି ଯେତେ ମାତ୍ରାରେ ସଚେତନ,



ମାନସିକ ସ୍ୱାସ୍ଥ୍ୟ ପ୍ରତି ସେତେ ସଚେତନ ନୁହନ୍ତି। ମାନସିକ ଅବସାଦ ଯେ ଅନେକଗୁଡ଼ିଏ ରୋଗ ସହ ବ୍ୟକ୍ତିତ୍ୱ ବିପଥଗାମୀର ମୁଖ୍ୟ କାରଣ ତାହା ଜାଣନ୍ତି ନାହିଁ। ଫଳ ସ୍ୱରୂପ ମାନସିକ ଚାପ ଏବଂ ଅବସାଦର ସଠିକ୍ ପରିଚାଳନା କିମ୍ବା ଚିକିତ୍ସା ନ ଦ୍ୱାରା ଆତ୍ମହତ୍ୟା ପ୍ରବଣତା ମାତ୍ରାଧିକ ବୃଦ୍ଧି ଘଟି ଚାଲିଛି। ଅନେକ କ୍ଷେତ୍ରରେ ନିଶା ସେବନ ମଧ୍ୟ ମାନସିକ ଚାପ କିମ୍ବା ଅବସାଦ ପାଖରୁ ଆରମ୍ଭ ହୋଇ ଥାଏ। ବିଦ୍ୟାର୍ଥୀ ହୋଇଥିଲେ ପାଠପଢ଼ାରେ କୁପ୍ରଭାବ ପଡ଼େ। ତତ୍ ସହିତ କର୍ମ କ୍ଷେତ୍ରରେ ନକାରାତ୍ମକ ପ୍ରଭାବକୁ ମଧ୍ୟ ଏଡାଇ ଦିଆ ଯାଇ ନ ପାରେ।

ଯେଉଁ କେତୋଟି ମୁଖ୍ୟ କାରଣ ଯାହା ମାନସିକ ଚାପ ସହ ଅବସାଦ ସୃଷ୍ଟି କରାଏ ତାହା ପାଠପଢ଼ା ଜନିତ, ନିଯୁକ୍ତି ଜନିତ କିମ୍ବା ପ୍ରେମ ସମ୍ପର୍କ ଜନିତ। ପାଠପଢା ଜନିତ ଚାପ ମୁଖ୍ୟତଃ ଅଧ୍ୟୟନରତ ଯୁବପିଢିଙ୍କ ଭିତରେ ଦେଖିବାକୁ ମିଳେ। ପାଠଜନିତ ଜନିତ ଚାପର ମୁଖ୍ୟ ଅଂଶ ପ୍ରାକ୍ ପରୀକ୍ଷା ଜନିତ, ପରୀକ୍ଷା ଫଳାଫଳ ଜନିତ ଇତ୍ୟାଦି। ନିଯୁକ୍ତି ଜନିତ ସମସ୍ୟା ହିଁ ମାନସିକ ଅବସାଦର ଅନ୍ୟ ଏକ ପ୍ରମୁଖ କାରଣ। ଭାରତରେ ବୃଦ୍ଧି ଘଟୁଥିବା ବେକାରୀ ସମସ୍ୟା ହିଁ ଅନେକ କ୍ଷେତ୍ରରେ ଯୁବପିଢ଼ିଙ୍କ ମାନସିକ ଅବସାଦକୁ ଦ୍ୱିଗୁଣିତ କରୁଛି। ସମାଜରେ ମୁଖ୍ୟତଃ ଏଇ ଦୁଇ ପ୍ରକାର ଅବସାଦ ସମସ୍ତଙ୍କ ନଜରରେ ସହଜରେ ଦୃଶ୍ୟମାନ ହୁଏ। କିନ୍ତୁ ପ୍ରେମ ସମ୍ପର୍କ ଜନିତ ମାନସିକ ଅବସାଦର କୁପରିଣାମ ସୁଦୂର ପ୍ରସାରି। ଯୁବପିଢ଼ିଙ୍କ ମଧ୍ୟରେ ଦେଖା ଯାଉଥିବା ଆତ୍ମହତ୍ୟାର କାରଣ ଅଧିକାଂଶରେ ପ୍ରେମ ସମ୍ପର୍କ ଜନିତ। ଏ ସମ୍ପର୍କ ଜନିତ ମାନସିକ ସ୍ଥିତି ସହଜରେ ଯୁବପିଢ଼ି ପ୍ରକାଶ କରି ପାରନ୍ତି ନାହିଁ।

ଯୁବପିଢ଼ିଙ୍କ ମଧ୍ୟରେ ଏକଲାପଣ ମଧ୍ୟ ଅନୁରୂପ ଭାବେ ବୃଦ୍ଧି ଘଟିଛି। ଯାହା ଦ୍ୱାରା ସେମାନଙ୍କ ଜୀବନରେ ଘଟୁଥିବା ସମସ୍ୟା ଏବଂ ଚାପକୁ ସହଜରେ ପ୍ରକାଶ କରି ପାରନ୍ତି ନାହିଁ। ଖୁବ୍ କମ୍ ଲୋକ ଅଥବା ଅତି ନିଜର ବ୍ୟକ୍ତି ମାନଙ୍କ ସହ ବ୍ୟକ୍ତିଗତ ମାନସିକ ସ୍ଥିତି ପରିପ୍ରକାଶ କରନ୍ତି। ଅଧିକାଂଶରେ ଅତି ନିଜର ବ୍ୟକ୍ତି ମାନଙ୍କ ଭିତରେ ପ୍ରକାଶ କରନ୍ତି। ଅନେକ ସମୟରେ ପରିବାର ମଧ୍ୟରେ ପ୍ରକାଶ କରି ପାରି ନଥାନ୍ତି , କାରଣ ଏ ସମୟରେ ଅନେକ କିଛି ସମସ୍ୟା ଥାଏ ଯାହା ପରିବାର ସହ କଥା ହେବାକୁ ଯୁବପିଢ଼ି ସଙ୍କୋଚ ଲାଭ କରନ୍ତି। ଅନେକ ମାତ୍ରାରେ ମଧ୍ୟ ଏହା ମଧ୍ୟ ଏକ ଭୟ, ହୁଏତ ନିଜ ଅସୁବିଧା ବା ସମସ୍ୟା ଜଣାଇଲେ ଅପର ବ୍ୟକ୍ତି ଆମକୁ ଭୁଲ ବୁଝି ପାରେ। ଏ ପ୍ରକାରାନ୍ତ କାରଣ ଯୋଗୁଁ ସେମାନେ ଏକୁଟିଆ ମାନସିକ ଚାପ ଏବଂ ଅବସାଦ ସହ ଲଢ଼ନ୍ତି। ଏ ଲଢ଼େଇରେ ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟେ। ସୀମିତ ସମୟ ପାଇଁ ମାନସିକ ଚାପ ଠାରୁ ଦୂରେଇ ରହିବା ପାଇଁ ନିଶାର ସାହାଯ୍ୟ ନିଅନ୍ତି। ଯାହା ପରବର୍ତ୍ତୀ ମୁହୂର୍ତ୍ତରେ ଅଭ୍ୟାସରେ ପରିବର୍ତ୍ତନ ହୋଇ ଯାଏ।

ମାନସିକ ଅବସାଦର ଲକ୍ଷଣ ଅନେକ କ୍ଷେତ୍ରରେ ଯୁବପିଢ଼ିଙ୍କ ଦ୍ୱାରା ଅବହେଳା ହୁଏ। ମାନସିକ ଅବସାଦର ଲକ୍ଷଣ ଭାବନାତ୍ମକ, ଆଚରଣ ସମ୍ବନ୍ଧୀୟ ,ଚିନ୍ତା ଓ ବୁଦ୍ଧିଗତ, ଶାରୀରିକ ଭାବରେ ପ୍ରକାଶ ପାଏ। ଭାବନାତ୍ମକ ଭାବରେ ଦୀର୍ଘ ସମୟ ଧରି ଦୁଃଖୀ ଅନୁଭବ କରିବା, ଆଶାହୀନତା, ହୀନ ବୋଧ କରିବା, ପୂର୍ବରୁ ପସନ୍ଦ କରୁଥିବା କାମରେ ଆଗ୍ରହ ହ୍ରାସ ଏବଂ ଆଚରଣ ସମ୍ବନ୍ଧୀୟ ଲକ୍ଷଣଗୁଡ଼ିକ ମଧ୍ୟରେ ସାମାଜିକ କାର୍ଯ୍ୟରୁ ଦୂରେଇ ରହିବା, କାର୍ଯ୍ୟଦକ୍ଷତାର ହ୍ରାସ,ମାଦକ ଦ୍ରବ୍ୟ ଦିଗକୁ ଆକର୍ଷଣ ଇତ୍ୟାଦି ପ୍ରକାଶ ପାଏ। ତତ୍ସହିତ ନିଷ୍ପତ୍ତି ନେବାରେ ସମସ୍ୟା, ନିଜ ଜୀବନ ଓ ଭବିଷ୍ୟତ ପ୍ରତି ନକାରାତ୍ମକ ଚିନ୍ତା କିମ୍ବା ଆତ୍ମହତ୍ୟା ବିଷୟରେ ବାରମ୍ବାର ଭାବନା ପ୍ରକାଶ ପାଏ। ଭବିଷ୍ୟତ ଗଢୁଥିବା ବୟସ ଭିତରେ ଯୁବପିଢ଼ିମାନେ ମାନସିକ ଅବସାଦ ଏବଂ ଚାପକୁ ଅବରୋଧ କରିବା ଜରୁରୀ। ଜୀବନଶୈଳୀରେ ପରିବର୍ତ୍ତନ, ଚାପବିହୀନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାରେ ଆବଶ୍ୟକତା ରହିଛି। ତତ୍‌ସହିତ ପରିବାରର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ସମସ୍ୟା ଶୁଣିବା ସହିତ ମାନସିକ ସମର୍ଥନ ଦେବା ଦରକାର। ସବୁ ସମସ୍ୟାର ସମାଧାନ ସମ୍ଭବ। ଏବଂ ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ। ଏହା ହିଁ ମାନସିକ ଅବସାଦ ଲଢ଼ିବାର ମନ୍ତ୍ର ହେବା ଉଚିତ୍। ଯୁବପିଢିଙ୍କ ଭିତରେ ବୃଦ୍ଧି ଘଟୁଥିବା ମାନସିକ ଅବସାଦ, ଭାରତରେ ନୂତନ ଯୁବଶକ୍ତି ଅଭ୍ୟୁଦୟ ପାଇଁ ଏକ ଅବରୋଧ। ଶାରୀରିକ ସ୍ୱାସ୍ଥ୍ୟ ସହ ମାନସିକ ସ୍ୱାସ୍ଥ୍ୟ ବି ଜରୁରୀ, ଏ ସମ୍ପର୍କିତ ଶିକ୍ଷା ଏବଂ ସଚେତନତା ବର୍ତ୍ତମାନ ସମୟରେ ନିତ୍ୟାନ୍ତ ଆବଶ୍ୟକ। ଯୁବପିଢ଼ିମାନଙ୍କ ମଧ୍ୟରେ ବୁଝାଇବାକୁ ହେବ ଯେ ସାହାଯ୍ୟ ମାଗିବା ଦୁର୍ବଳତାର ଲକ୍ଷଣ ନୁହେଁ, ବରଂ ଏହା ଏକ ଜୀବନ ଜିଇବାର ଶକ୍ତି ।

କଣିପାଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ- ୯୮୬୨୦୬୮୪୫୬



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦ୍ରୁତ ଓ ସୁନିଶ୍ଚିତ ନ୍ୟାୟ ପ୍ରଦାନ କରୁଛି ବିଏନ୍ଏସ୍: ଡିଜିପି

ଭୁବନେଶ୍ୱର, ୧୧।୩ (ସମିସ): ସମ୍ବିଧାନ ସଂଶୋଧନ ପ୍ରକ୍ରିୟାରେ ଶତାବ୍ଦୀ ପୁରୁଣା ଆଇନକୁ ହଟାଯାଇ ଅଣାଯାଇଥିବା ତିନି ନୂତନ ଆପରାଧିକ ଆଇନ ବ୍ୟବସ୍ଥାରେ ପୀଡ଼ିତଙ୍କୁ ଦ୍ରୁତ ଓ ସୁନିଶ୍ଚିତ

## ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲିଲେ ଗଣମାଧ୍ୟମ ସମ୍ପାଦକ

ନ୍ୟାୟ ପ୍ରଦାନ କରାଯିବା ସହିତ ତଦନ୍ତ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପ୍ରଯୁକ୍ତି ନିର୍ଭର ଓ ପ୍ରଭାବଶାଳୀ କରାଯାଇଛି ବୋଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମତବ୍ୟକ୍ତ କରିଛନ୍ତି। ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ନ୍ୟାୟ ସଂହିତା ପ୍ରଦର୍ଶନୀ' ପରିଦର୍ଶନ ଅବସରରେ ଗଣମାଧ୍ୟମ ସଂପାଦକମାନଙ୍କ ସହ ଆଲୋଚନା ବେଳେ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି, ଆପରାଧିକ ତଦନ୍ତ



ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ ଓ ପ୍ରଭାବୀ କରିବା ଲକ୍ଷ୍ୟରେ ଫୋରେନ୍‌ସିକ ତଦନ୍ତ, ଡିଜିଟାଲ୍ ପ୍ରମାଣର ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ଶେଷ କରିବାକୁ ଏହି ଆଇନର ପରିସରଭୁକ୍ତ କରାଯାଇଛି।

'ନ୍ୟାୟ ସଂହିତା ପ୍ରଦର୍ଶନୀ'ର ଷଷ୍ଠ ଦିନରେ ବୁଧବାର ରାଜ୍ୟର ବିଭିନ୍ନ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକ ଓ ବ୍ୟୁରୋ ଚିଫ୍‌ମାନେ ପ୍ରଦର୍ଶନୀ ବୁଲିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। ଏଥିସହିତ ଭିନ୍ନ ଭିନ୍ନ ସମୟରେ ନ୍ୟାୟିକ ବିଭାଗର ଅଧିକାରୀ ଓ କର୍ମଚାରୀ, ଗୃହ ବିଭାଗର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର କ୍ରୀଡ଼ାବିତମାନେ ପ୍ରଦର୍ଶନୀକୁ ପରିଦର୍ଶନ କରି ଭାରତର ନୂତନ ଆପରାଧିକ ଆଇନ ସମ୍ପର୍କରେ ଅବଗତ ହୋଇଛନ୍ତି।

ପ୍ରଦର୍ଶନୀରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ନୂତନ ଆପରାଧିକ ଆଇନରେ ତଦନ୍ତ ପ୍ରକ୍ରିୟା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ କୌଶଳ ପ୍ରୟୋଗ ଓ ଶୀଘ୍ର ନ୍ୟାୟ ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ ସଚେତନ କରାଯାଉଛି। କଳାକାରମାନେ 'ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ' ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶୈକ୍ଷିକ ଶୈଳୀରେ ପ୍ରଦର୍ଶିତ କରୁଛନ୍ତି। ଅପରାଧ ଘଟଣାରୁ ଆରମ୍ଭ କରି ପୁଲିସ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ସମଗ୍ର ଘଟଣାକୁ ନାଟକ ମାଧ୍ୟମରେ ଦେଖାଯାଉଥିବାରୁ ଦର୍ଶକମାନେ ସହଜରେ ନୂତନ ଆଇନର ବିଭିନ୍ନ ପ୍ରାସଙ୍ଗିକତା ବୁଝିପାରୁଛନ୍ତି।

# ଖୁଡ଼ିକୁ ଟାଙ୍ଗିଆରେ ହାଣି ହତ୍ୟାକଲା ପୁତୁରା

କୋଇଡ଼ା,୧୧।୩(ସମିସ): କୋଇଡ଼ା ଥାନା ସଣୁଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ପୁତୁରା ନିଜ ଖୁଡ଼ିକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି। ସୂଚନା ଅନୁସାରେ, ରାଜେଶ ସେଠୀ ( ୩୨) କିଛି ମାସ ହେଲା ଜେଲରୁ ବାହାରିଥିଲା। ରାଜେଶ ବାରମ୍ବାର ଖୁଡ଼ି ଘରକୁ ଯାଉଥିଲା। ଏମିତିକି ଖୁଡ଼ି ତପସ୍ୱିନୀ ସେଠୀ(୩୮)ଙ୍କ ସହିତ ଅନୈତିକ ସମ୍ପର୍କ ରଖୁଥିଲା। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହାବାପରେ ରାଜେଶ ଟାଙ୍ଗିଆରେ ହାଣି ଖୁଡ଼ିକୁ ହତ୍ୟା କରିବା ପରେ ଫେରାର ହୋଇଯାଇଥିଲା। ଏନେଇ କୋଇଡ଼ା ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ରାଉରକେଲା ସାଇଣ୍ଟିଫିକ୍ ଟିମ୍ ହତ୍ୟାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲା। ଶବ ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା।

ପ୍ରକାଶ ଥାଉକି, ମହିଳାଙ୍କ ସ୍ୱାମୀ ସହଦେବ ସେଠୀଙ୍କ ପତ୍ତା ମିଳୁନି।

# ଲୋକନାଥ ରାଉତ ସୋର ବିଜେଡି ନଗର କାର୍ଯ୍ୟକାରୀ ସଭାପତି

ଭୁବନେଶ୍ୱର,୧୧।୩(ସମିସ): ପୁରୀ ମ୍ୟୁନସିପାଲଟି ପାଇଁ ନଗର ସଭାପତି ଭାବେ ରମେଶ ପ୍ରହରାଜଙ୍କୁ ଦାୟିତ୍ୱ ଦେଇଛି ବିଜେଡି। ଏହାସହିତ ବାଲେଶ୍ୱର ଜିଲ୍ଲାର ସୋର ମ୍ୟୁନସିପାଲଟିର ନଗର କାର୍ଯ୍ୟକାରୀ ସଭାପତି ଭାବେ ଲୋକନାଥ ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ବିଜେଡି ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଏହି ସୂଚନା ଜାରି କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ନେଇ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କ୍ଷେପଣାସ୍ତ୍ର ମାଡ଼ରେ...

ଦେଇଛି। ଓମାନ ଦେଇ ଆସୁଥିବା ଏହି ଜାହାଜର ପ୍ରୋଜେକ୍ଟାଇଲକୁ ନିଶାଣ କରାଯାଇଛି। ଥାଇଲାଣ୍ଡ ପରିବହନ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଜାହାଜରେ ଥିବା ୨୩ରୁ ୨୦ କ୍ର୍ୟୁ ସଦସ୍ୟଙ୍କୁ ଓମାନ ନୌସେନା ଉଦ୍ଧାର କରିଛି। ମାତ୍ର ଆଉ ତିନି ଜଣ ନିଖୋଜ ଅଛନ୍ତି। ଏହି ଜାହାଜର ନାମ 'ମୟୁରୀ ନାରୀ'। ଏହା ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରୁ ଭାରତ ଅଭିମୁଖେ ବାହାରି ଥିଲା। ହର୍ମୁଜ ଦେଇ ଆସିବା ସମୟରେ ଜାହାଜର ପଛ ଭାଗରୁ ଆକ୍ରମଣ ହୋଇଥିଲା। ଏହାଦ୍ୱାରା ଇଞ୍ଜିନ ରୁମରେ ନିଆଁ ଲାଗିଯାଇଥିଲା। ନିଖୋଜ ହୋଇଥିବା ତିନି କ୍ର୍ୟୁ ସଦସ୍ୟ ଏହି ଇଞ୍ଜିନ ରୁମ୍‌ରେ ଥିଲେ। କ୍ୟାପ୍ଟେନଙ୍କ ନିର୍ଦ୍ଦେଶରେ ଅନ୍ୟ କ୍ର୍ୟୁ ସଦସ୍ୟ ଏହି ଜାହାଜକୁ ଛାଡ଼ି ଦେଇଥିଲେ। ସେମାନେ ଲାଇଫବୋଟରେ ବାହାରି ପଳାଇ ଆସିଥିଲେ। ଓମାନ ନୌସେନା ସମସ୍ତଙ୍କୁ ଉଦ୍ଧାର କରି ଖସାବ ସହରକୁ ଆଣିଥିଲା। ଥାଇଲାଣ୍ଡ ଅଧିକାରୀଙ୍କ ଅନୁଯାୟୀ, ଥାଇ ନୌସେନା ଏବେ ସ୍ଥିତି ଉପରେ ନଜର ରଖିଛି। ଉଦ୍ଧାରକାର୍ଯ୍ୟ ପାଇଁ ଅନ୍ତର୍ଜାତୀୟ ଏଜେନ୍ସି ସହ ମିଶି କାମ କରାଯାଉଛି। ଏହି ଆକ୍ରମଣ ପାଇଁ ଇରାନ ନିଜକୁ ଦାୟୀ କରିଛି। ଏହା ପୂର୍ବରୁ ବ୍ରିଟେନର ସାମୁଦ୍ରିକ ବାଣିଜ୍ୟ କେନ୍ଦ୍ର ପକ୍ଷରୁ କୁହାଯାଇଥିଲା ଯେ ହର୍ମୁଜରେ ମଙ୍ଗଳବାର ତିନି ଜାହାଜ ଉପରେ ଆକ୍ରମଣ ହୋଇଥିଲା। ମାତ୍ର ଏଥିରେ ମୟୁରୀ ନାରୀ ସାମିଲ ଥିଲା କି ନାହିଁ ତାହା ଜଣାପଡ଼ିନି। ଥାଇ ନୌସେନା ଅନୁଯାୟୀ, ଏହି ଜାହାଜର ଲମ୍ବ ୧୭୮ ମିଟର। ଏଥିରେ ୩୦ ହଜାର ଟନ୍‌ର ସାମଗ୍ରୀ ଥିଲା।

ଉପସାଗରୀୟ ଅଞ୍ଚଳରୁ ତୈଳ ପରିବହନ ପାଇଁ ହର୍ମୁଜ ଗୁରୁତ୍ୱପୂର୍ଣ୍ଣ ସମୁଦ୍ରପଥ ହୋଇଥିବାରୁ ଜାହାଜ ଉପରେ ଇରାନର ଆକ୍ରମଣ ଯୁଦ୍ଧ ପରିସ୍ଥିତିକୁ ଆହୁରି ଭୟଙ୍କର କରିଛି। ବିନା ଅନୁମତି ଏହି ପଥ ଯାଉଥିବା ଜାହାଜ ଉପରେ ଆକ୍ରମଣ ପାଇଁ ଇରାନ ଧମକ ଦେଇଥିବା ବେଳେ ଏଭଳି ଜାହାଜକୁ ସୁରକ୍ଷା ଦେବାଲାଗି ଆମେରିକା ଘୋଷଣା କରିଛି। ତେଣୁ ହର୍ମୁଜ ଏବେ ଇରାନ ଓ ଆମେରିକା ପାଇଁ ରଣକ୍ଷେତ୍ର ପାଲଟିବା ନିଶ୍ଚିତ ବୋଲି କୁହାଯାଉଛି।

## ରନ୍ଧନ ଗ୍ୟାସ୍‌କୁ...

ଅନେକ ରାଜ୍ୟ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଯୋଗାଣ ବନ୍ଦ କରିଦେଇଛନ୍ତି, ଯାହା ଫଳରେ ହୋଟେଲ ଏବଂ ରେଷ୍ଟୋରାଁଗୁଡ଼ିକ ବନ୍ଦ ହେବାରେ ଲାଗିଛି। ସମୟରେ, ଏଲପିଜି ସିଲିଣ୍ଡର ଅଭାବ ଯୋଗୁଁ ଅଯୋଧ୍ୟାର ରାମ ରସୋଇ ବନ୍ଦ ହୋଇଯାଇଛି। ଆଠ ବର୍ଷ ମଧ୍ୟରେ ଅଯୋଧ୍ୟାସ୍ଥିତ ରାମ ମନ୍ଦିରର ରୋଷଶାଳାକୁ ବନ୍ଦ କରିଦିଆଯାଇଛି। ଏଭଳିସ୍ଥିତିରେ ଟ୍ରେନରେ ଖାଦ୍ୟ ସେବାକୁ ରେଳବାଇ ବନ୍ଦ କରିଦେବାର ଆଶଙ୍କା ଦେଖାଦେଇଛି। ଆହୁରିମଧ୍ୟ ଦିଲ୍ଲୀ ହାଇକୋର୍ଟ କ୍ୟାଣ୍ଟିନରେ ମେନ୍‌କୋର୍ସକୁ ବନ୍ଦ କରିଦିଆଯାଇଛି। ଏଭଳି ସମୟରେ ସରକାର ଦେଶରେ ରନ୍ଧନ ଗ୍ୟାସ ଅଭାବ ସମ୍ପର୍କିତ ରିପୋର୍ଟକୁ ନକଲି ବୋଲି କହି ଖାରଜ କରିଦେଇଛନ୍ତି। ଏତେ ସବୁ ପରେ ବୁକିଂର ଅଢ଼େଇ ଦିନ ମଧ୍ୟରେ ଗ୍ରାହକଙ୍କୁ ଗ୍ୟାସ୍ ଯୋଗାଇଦେବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

ମଧ୍ୟପ୍ରାଚ୍ୟରେ ସଙ୍କଟ କାରଣରୁ ଏଲପିଜି ଗ୍ୟାସ୍ ଅଭାବକୁ ନେଇ ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ସମୟରେ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲାଗୁ କରିବା ସହ ରିଫାଇନାରୀ ଗୁଡ଼ିକୁ ଏଲପିଜି ଉତ୍ପାଦନ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସମୟରେ ଭାରତ ସରକାର ବିକଳ୍ପ ମାର୍ଗ ଦେଇ ଏଲପିଜି ଏବଂ ଏଲଏନଜି ଯୋଗାଣ ସୁନିଶ୍ଚିତ କରିବା ଉପରେ ଜୋର ଦେଉଥିବା କହିଛନ୍ତି। ଏଥିସହ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ଘରୋଇ ଏଲପିଜି ଉତ୍ପାଦନ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ଜଣାପଡିଛି। ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବାନୁଯାୟୀ, ଆଗାମୀ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଦୁଇଟି ବଡ଼ ଏଲ୍‌ଏନ୍‌ଜି ଜାହାଜ ଭାରତରେ ପହଞ୍ଚିବାର ଯୋଜନା ରହିଛି। ଗ୍ୟାସ ଯୋଗାଣକୁ ନିୟନ୍ତ୍ରଣ କରିବା ପାଇଁ, କେନ୍ଦ୍ର ସରକାର ସାରା ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ 1955 ଲାଗୁ କରିଛନ୍ତି। ରନ୍ଧନ ଗ୍ୟାସ୍‌ର ଅଭାବ ଏବେ ରେଳଯାତ୍ରୀଙ୍କ ଉପରେ ମଧ୍ୟ ପଡିଛି। ରେଳବାଇ ପକ୍ଷରୁ ଟ୍ରେନରେ ଖାଦ୍ୟ ସେବା ବନ୍ଦ କରିଦିଆଯାଇଛି। ଆଇଆର୍‌ସିଟିସି ଏହାର କ୍ୟାଟରିଂରେ ଖାଦ୍ୟ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇପାରେ। ଟିକଟ ସହିତ ଖାଦ୍ୟ ବୁକ୍ କରିଥିବା ଯାତ୍ରୀମାନଙ୍କୁ ଟଙ୍କା ଫେରସ୍ତ କରାଯାଇପାରେ। ଆଇଆର୍‌ସିଟିସି ମଧ୍ୟ ସମ୍ଭାବ୍ୟ ଏଲ୍‌ପିଜି ଅଭାବର ମୁକାବିଲା ପାଇଁ କ୍ୟାଟରିଂ ୟୁନିଟଗୁଡ଼ିକୁ ମାଇକ୍ରୋୱେଭ୍ ଏବଂ ଇଣ୍ଡକ୍ସନ୍ କୁକ୍‌ଟପ୍ ବ୍ୟବହାର କରିବାକୁ କହିଛି।

ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଯୋଗାଣରେ ବାଧା ସୃଷ୍ଟି ହେବା ଯୋଗୁଁ ଓଡ଼ିଶାର ବିଶେଷ କରି ଭୁବନେଶ୍ୱର, ପୁରୀ ଏବଂ କଟକରେ ଛୋଟ ଛୋଟ ହୋଟେଲ ଏବଂ ରେଷ୍ଟୋରାଁ ବନ୍ଦ ହୋଇଯାଇଛି। ରାସ୍ତାକଡ଼ରେ ଠେଲା ଲଗାଇ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ଇତିମଧ୍ୟରେ ତାଙ୍କର ବେପାର ବନ୍ଦ କରିଦେଇଛନ୍ତି। ଗ୍ୟାସ୍ ସିଲିଣ୍ଡର ମିଳିବା ଆଶଙ୍କାରେ ଗ୍ୟାସ ଏଜେନ୍ସି ବାହାରେ ଦିନକୁ ଦିନ ଗ୍ରାହକଙ୍କ ଲମ୍ବା ଧାଡ଼ି ବଢ଼ିବାରେ ଲାଗିଛି। ଦିଲ୍ଲୀ ହାଇକୋର୍ଟରେ ଓକିଲଙ୍କ କ୍ୟାଣ୍ଟିନରେ ଏଲପିଜି ସିଲିଣ୍ଡର ଅଭାବ ଯୋଗୁଁ ମେନ୍ କୋର୍ସ ଖାଦ୍ୟ ପରିବେଷଣକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି। କ୍ୟାଣ୍ଟିନ ପରିଚାଳନାକାରୀ କହିଛି ଯେ ସେମାନଙ୍କ ପାଖରେ ଏଲପିଜି ସିଲିଣ୍ଡର ନାହିଁ ଏବଂ ଗ୍ୟାସ ଯୋଗାଣ କେବେ ପୁନଃସ୍ଥାପିତ ହେବ ତାହା ସ୍ପଷ୍ଟ ନୁହେଁ।

ରନ୍ଧନ ଗ୍ୟାସ୍‌ର ସଙ୍କଟକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଯୋଗାଣ ସ୍ଥିତି ସମୀକ୍ଷା କରିବା ପାଇଁ ତିନୋଟି ତୈଳ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛି। ଘରୋଇ ସିଲିଣ୍ଡର ବୁକିଂ ପାଇଁ ନିୟମରେ ପରିବର୍ତ୍ତନ କରାଯାଇଛି। ଗ୍ରାହକମାନେ ଗୋଟିଏ ସିଲିଣ୍ଡର ପାଇବାର ୨୫ ଦିନ ପରେ ହିଁ ପରବର୍ତ୍ତୀ ସିଲିଣ୍ଡର ବୁକ୍ କରିପାରିବେ। ଡେଲିଭରି ଏଜେଣ୍ଟମାନଙ୍କ କଡ଼ାକଡ଼ି ଓଟିପି କିମ୍ବା ବାୟୋମେଟ୍ରିକ୍ ଯାଞ୍ଚ ବାଧ୍ୟତାମୂଳକ କରାଯାଇଛି।

## ବିଧାନସଭା କମ୍ପାଇଲେ...

ମାନସିକତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ; ତେଣୁ ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା ନେଇ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ବିଜେଡି ସଦସ୍ୟ ଦାବି କରିଛି। କଂଗ୍ରେସ ମଧ୍ୟ ଏହି ଘଟଣାକୁ ନେଇ ଗୃହରେ ଉଦବେଗ ପ୍ରକାଶ କରିବା ସହ ବାଚସ୍ପତିଙ୍କ କାର୍ଯ୍ୟାନୁଷ୍ଠାନ ପାଇ ଦାବି ରଖିଛି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ରାଜ୍ୟରେ ଜନପ୍ରତିନିଧିଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଗତକାଲି ଶେରଗଡ଼ ବ୍ଲକ୍ ଅଧକ୍ଷଙ୍କ ଉପରେ ଆକ୍ରମଣ ହୋଇଛି। ୨୦ ଜଣ ସରକାରୀ ଦଳର ଗୁଣ୍ଡା ତାଙ୍କ କାର୍ଯ୍ୟାଳୟରେ ପଶି ମାଡ ମାରିଛନ୍ତି। ତାଙ୍କ ଚେତା ବୁଡ଼ିବା ପରେ ଛାଡ଼ି ପଳାଇଥିଲେ। ଯଦି ସରକାରୀ ଦଳ ଏପରି ଆତଙ୍କରାଜ କରିବ, ତାହେଲେ ଜନ ପ୍ରତିନିଧି ନିଜ କାର୍ଯ୍ୟାଳୟକୁ ଆସିବେ ନାହିଁ ବୋଲି ସରକାର କହିଦିଅନ୍ତୁ। ତେଣୁ ଏ ପ୍ରସଙ୍ଗରେ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ବିଧାୟକ ସାରଦା ପ୍ରସନ୍ନ ଜେନା କହିଥିଲେ ଯେ ଏ ସରକାରରେ ଯେ ଜନ ପ୍ରତିନିଧିମାନେ ଅସୁରକ୍ଷିତ, ତାହା ଶେରଗଡ଼ ଘଟଣାରୁ ସ୍ପଷ୍ଟ। ଶାସକ ଦଳର ଲୋକ ଗୁଣ୍ଡା ଲଗାଇ ଧମକ ଦେଉଛନ୍ତି। ଶେରଗଡ଼ ବ୍ଲକ ଅଧକ୍ଷ ନିଜ କାର୍ଯ୍ୟାଳୟରେ ଥିବାବେଳେ ଜଣେ ସରପଞ୍ଚ ଓ ନିରଞ୍ଜନ ଜେନା ନାମକ ଜଣେ ଗ୍ୟାଙ୍ଗଷ୍ଟାର୍ ଏହି ଆକ୍ରମଣରେ ସାମିଲ ଅଛନ୍ତି। ଏହି ଘଟଣାରେ ବିଜେପି ମଣ୍ଡଳ ସଭାପତିଙ୍କୁ ଗିରଫ କରାଯାଇଛି। ବାଚସ୍ପତି ଏନେଇ ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ ଘଟଣାକୁ ନିନ୍ଦା କରିବା ବଦଳରେ ବିଜେପି ବିଧାୟକମାନେ ବିଜେଡି ସମୟରେ କେତେ ଅପରାଧ ହୋଇଥିଲା ବଖାଣୁଛନ୍ତି। ଏହା ଦୁର୍ଭାଗ୍ୟଜନକ; ବିଏମସି ଅଧିକାରୀଙ୍କୁ ମାଡ଼ ମାରିଲେ। ରାଜନଗର ବିଡିଓଙ୍କୁ ବିଜେପି ନେତା ମାଡ଼ ମାରିଲେ। କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଓଲଟି ବିଡିଓଙ୍କ ବଦଳି କରିଦେଲେ। ଏହା ହେଉଛି ସରକାରଙ୍କ ନ୍ୟାୟ। ଶେରଗଡ଼ ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ ସରକାରଙ୍କୁ ବୋଲି ସେ ଦାବି କରିଥିଲେ। ଦଳର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା କହିଥିଲେ ଯେ ଜନପ୍ରତିନିଧିଙ୍କ ସୁରକ୍ଷା ବଦଳରେ ଗୃହରେ ଅପରାଧିକ ଘଟଣାକୁ ନେଇ ବାଦ ବିବାଦ ଚାଲିଛି। ଅତୀତରେ ହୋଇଛି, ମାନେ ଏବେ ବି ହବ? ସରକାର ଏଭଳି ଘଟଣାକୁ ନିନ୍ଦା କରିବା କଥା। ଶେରଗଡ଼ ଘଟଣା ପାଇଁ ସରକାର ଦୁଃଖ ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ ଜଣାଇ ବାଚସ୍ପତିଙ୍କ ରୁଲିଙ୍ଗ ଦାବି କରିଥିଲେ। ଅଶୋକ ଦାସ ମଧ୍ୟ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ସରକାର ଉତ୍ତରଦାୟୀ ବୋଲି କହିଥିଲେ।

ଅପରପକ୍ଷେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ ଶେରଗଡ଼ରେ ଘଟିଥିବା ଘଟଣା ନିନ୍ଦନୀୟ। ଏଥିପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଜେଡି ସରକାର ସମୟରେ ଜଣେ ପୂର୍ବତନ ବିଧାୟକ ଥାନାରେ ପଶି ପୁଲିସଙ୍କୁ ମାଡ ମାରିଥିଲେ, ମାତ୍ର ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଶାସକ ଦଳର ଅନ୍ୟତମ ବିଧାୟକ ବିଧାୟକ ସନାତନ ବିଜୁଳି ଓ ବାବୁ ସିଂ ମଧ୍ୟ ପୂର୍ବ ସରକାରଙ୍କୁ ସମାଲୋଚନା କରିବା ସହ ବିଜେପି ସରକାରରେ ଲୋକ ନ୍ୟାୟ ପାଉଛନ୍ତି। ଏ ସରକାରରେ ଉଭୟ ଅପରାଧ ଓ ଅପରାଧୀଙ୍କୁ ଆଦୌ ସୁରକ୍ଷା ଦିଆଯାଉ ନାହିଁ ବୋଲି କହିଥିଲେ।

## କୃଷ୍ଣଚନ୍ଦ୍ରଙ୍କୁ ଦେଖିବାକୁ...

ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ମୋ ନିର୍ବାଚନମଣ୍ଡଳୀର ଜଣେ ବ୍ଲକ ଅଧକ୍ଷ ବିଜେପି ଗୁଣ୍ଡାଙ୍କ ଦ୍ୱାରା ଆକ୍ରମଣ ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି; ଏପରି ଖବର ମୋତେ ଚକିତ କରିଛି। ବିରୋଧୀ ଦଳ ନେତାଙ୍କ ନିର୍ବାଚନମଣ୍ଡଳୀରେ ଯଦି ଏପରି ଅବସ୍ଥା ହେଉଛି, ତାହେଲେ ରାଜ୍ୟବ୍ୟାପୀ କଣ ଘଟୁଛି ଆପଣ ଏଥିରୁ ସହଜରେ ଅନୁମାନ କରିପାରିବେ।

ମଧ୍ୟପ୍ରାଚ୍ୟରେ ଲକ୍ଷ ଲକ୍ଷ ଓଡ଼ିଆ ଯୁଦ୍ଧରେ ଫସିରହିଥିବା ବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମୁଁ ଅନୁରୋଧ କରିଥିଲି। ମାତ୍ର ସରକାର ଏହାକୁ ଗୁରୁତ୍ୱ ଦେଲେ ନାହିଁ । ଓଲଟି ଆଗାମୀ ରାଜ୍ୟସଭା ନିର୍ବାଚନରେ ବିଜୟ ପାଇଁ ବିଜେପି ଘୋଡ଼ା ବେପାର ଉପରେ ଧ୍ୟାନ କେନ୍ଦ୍ରୀତ କରିଛି। ରାଜ୍ୟର ସ୍ଥିତି କେତେ ଖରାପ ହୋଇପଡ଼ିଛି, ଆପଣ ମାନେ ଏଥିରୁ ଦେଖିପାରୁଥିବେ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମୟରେ ନବୀନଙ୍କ ସହ ଗଞ୍ଜାମ ଜିଲ୍ଲା ବିଜେଡିର ବହୁ ନେତା ଉପସ୍ଥିତ ଥିଲେ।

## ଲୋକସଭା ବାଚସ୍ପତି...

କୌଣସି ମାମୁଲି କଥା ନୁହେଁ। ବାଚସ୍ପତିଙ୍କ ସଚ୍ଚୋଟତା ଉପରେ ବିରୋଧୀ ପ୍ରଶ୍ନ ଉଠାଇବା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ବାଚସ୍ପତିଙ୍କ ସଚ୍ଚୋଟତା ପ୍ରତି ପ୍ରଶ୍ନ ଉଠାଇବା ହେଉଛି ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ପ୍ରଶ୍ନ ଉଠାଇବା ସହ ସମାନ। ବିଜେପି ଦୀର୍ଘ ବର୍ଷ ଧରି ବିରୋଧୀ ଦଳରେ ଥିଲେ ମଧ୍ୟ କେବେହେଲେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିନଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ତାଙ୍କ ଭାଷଣରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ସଂସଦରେ ତାଙ୍କର ଅନୁପସ୍ଥିତି ଜାତୀୟ ହାର ଠାରୁ ବି କମ୍ ବୋଲି କହିଥିଲେ। ସଂସଦ ଅଧିବେଶନ ବେଳେ ରାହୁଲଙ୍କ ବିଦେଶ ଗସ୍ତକୁ ସେ ସମାଲୋଚନା କରିଥିଲେ।

ତେବେ ଶାହଙ୍କର କିଛି ମନ୍ତବ୍ୟକୁ ବିରୋଧୀ ଦଳ ବିରୋଧ କରିବା ସହିତ ତାଙ୍କ ଠାରୁ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ଏହାକୁ ନେଇ ଗୃହରେ ହଟ୍ଟଗୋଳ ଚାଲିଥିବା ବେଳେ ଗୃହରେ ଅଧକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ସଭ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯିବା ଲାଗି କହିଥିଲେ। ଏହାପରେ ଅନାସ୍ଥା ଉପରେ ମତଦାନ କରାଯିବ। କିନ୍ତୁ ବିରୋଧୀ ଦଳ ହଟ୍ଟଗୋଳ ଜାରି ରଖିବାରୁ ବାଚନିକ ଭୋଟ ଦ୍ୱାରା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଗଲା ବୋଲି ସେ ଘୋଷଣା କରିଥିଲେ।

ଅନାସ୍ଥା ଉପରେ ଆଲୋଚନା ଏବଂ ମତଦାନ ବେଳେ ବାଚସ୍ପତି ଓମ୍ ବିର୍ଲା ଗୃହରେ ଉପସ୍ଥିତ ନଥିଲେ।

## ଇଚ୍ଛାମୃତ୍ୟୁ ପାଇଁ...

ସେବେଠାରୁ ସେ କୋମାରେ ଅଛନ୍ତି। ତାଙ୍କ ଶରୀରର ନିମ୍ନ ଅଂଶ ପକ୍ଷାଘାତ ଦ୍ୱାରା ଆକ୍ରାନ୍ତ। ସେ କିଛି କହିପାରିନ୍ତି ନାହିଁ କିମ୍ବା ଅନୁଭବ କରିପାରନ୍ତି ନାହିଁ। ଖାଦ୍ୟ ନଳୀ ଓ ଭେଣ୍ଟିଲେଟର ଉପରେ ସେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ହରିଶଙ୍କ ବାପା ଅଶୋକ ରାଣା ଓ ମା ନିର୍ମଳା ରାଣା ପୁଅର ଚିକିତ୍ସା ପାଇଁ ସବୁ ସମ୍ପତ୍ତି ବିକ୍ରି କରିସାରିଛନ୍ତି। ପୁଅର ଯନ୍ତ୍ରଣା ଦେଖି ନପାରି ଓ ଆର୍ଥିକ ଅଭାବ ଯୋଗୁଁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଜେବି ପାର୍ଦିୱାଲା ଓ ଜଷ୍ଟିସ୍ କେଭି ବିଶ୍ୱନାଥଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଏମ୍ସକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ହରିଶଙ୍କ ଲାଇଫ୍ ସପୋର୍ଟ ସିଷ୍ଟମକୁ ପର୍ଯ୍ୟାୟକ୍ରମେ ହଟାଯାଉ ଓ ଏହି ପ୍ରକ୍ରିୟା ସମୟରେ ରୋଗୀର ଅର୍ଥାତ ହରିସଙ୍କ ମର୍ଯ୍ୟାଦା ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଉ। ନ୍ୟାୟାଧିଶ ସେକ୍ସପିୟରଙ୍କ ପ୍ରସିଦ୍ଧ ନାଟକ 'ହାମଲେଟ୍'ର ପଂକ୍ତି 'ଟୁ ବି ଅନ ନଟ୍ ଟୁ ବି'ର ଉଦାହରଣ ଦେଇ କହିଛନ୍ତି ଯେ, ଯେତେବେଳେ ରୋଗୀ ସୁସ୍ଥ ହେବାର କୌଣସି ଆଶା ନଥାଏ, ସେତେବେଳେ ତାଙ୍କୁ କଷ୍ଟରୁ ମୁକ୍ତି ଦେବା ଏବଂ ସମ୍ମାନର ସହ ମୃତ୍ୟୁବରଣ କରିବା ତାଙ୍କର ଅଧିକାର ରହିଛି ଅର୍ଥାତ ଜୀବନ ରକ୍ଷାକାରୀ ଚିକିତ୍ସା ବନ୍ଦ କରିବା ରୋଗୀର ସର୍ବୋତ୍ତମ ସ୍ୱାର୍ଥ ହୋଇପାରେ। ଏହି କ୍ରମରେ ସୁପ୍ରିମକୋର୍ଟ ସମ୍ବିଧାନର ଧାରା ୨୧କୁ ଉଲ୍ଲେଖ କରିଛନ୍ତି। କୋର୍ଟଙ୍କ ଅନୁଯାୟୀ, ସମ୍ମାନର ସହ ବଞ୍ଚିବା ଭଳି ସମ୍ମାନର ସହ ମରିବା ମଧ୍ୟ ସମ୍ବିଧାନର ଧାରା ୨୧ର ଅନ୍ତର୍ଗତ ଏକ ମୌଳିକ ଅଧିକାର। ଇଚ୍ଛାମୃତ୍ୟୁକୁ ନେଇ ଭାରତରେ କୌଣସି ଆଇନ ନାହିଁ। ତେବେ ଏସଂପର୍କରେ ଆବଶ୍ୟକ ଆଇନ ଆଣିବା ଲାଗି କୋର୍ଟ ଭାରତ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୮ରେ ସୁପ୍ରିମକୋର୍ଟ 'ଲିଭିଂ ଉଇଲ'କୁ ମାନ୍ୟତା ଦେଇଥିଲେ। ଯଦି ଜଣେ ବ୍ୟକ୍ତି ପୂର୍ବରୁ ଲେଖଥାନ୍ତି ଯେ, ଅସୁସ୍ଥତା ବେଳେ ତାଙ୍କୁ ମେସିନ ସାହାଯ୍ୟରେ ବଞ୍ଚାଯିବ ନାହିଁ, ତେବେ ତାହା କାର୍ଯ୍ୟକାରୀ ହୋଇପାରିବ।

## ୧୫ରୁ ବିଜୁଳି...

ହେଉଛି। ବୁଧବାର ୩୯ ଡିଗ୍ରୀ ସହ ଝାରସୁଗୁଡ଼ାରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଟିଟଲାଗଡ଼ରେ ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ତାଳଚେରରେ ତାପମାତ୍ରା ୩୮ ଡିଗ୍ରୀ, ନୂଆପଡ଼ାରେ ୩୮ ଓ ସୁନ୍ଦରଗଡ଼ରେ ମଧ୍ୟ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହୋଇଛି।


**AFFIDAVIT**

By virtue of an affidavit sworn before EXECUTIVE MAGISTRATE, DHAMNAGAR, BHADRAK, Affidavit No. 1421 dated 11-03-2026. **I SK NAWAB ALLI,** Address At- Habibnagar, PO- Dhamnagar, Bhadrak, Odisha, 756117 declare that I have changed my name from **SEK NABO to SK NAWAB ALLI.** Henceforth, I shall be known as **SK NAWAB ALLI** for all purposes.

**SK NAWAB ALLI**

**AFFIDAVIT**

I, Phul Singh, S/o- Bhuban Singh resident of Vill.- Dumadai, Po.- Kodinga, Ps.- Kodinga, Dist.- Nabarangpur state vide affidavit no. 26/2008 Dtd.05.01.2008 that, I want to change my name from **Phul Singh** to **Prafulla Singh**. Henceforth I shall be known as **Prafulla Singh** for all future purposes.

**AFFIDAVIT**

I, Sandip Guha Roy, aged about 59 years, S/o- Late Ashok Guha Roy, resident of Assotech World, Flat No: B1-1308, Avenue 01, Plot No.274, NH-16, Rudrapur, Bhubaneswar, Balianta, Khorda, Pin-752101, Odisha declared by this affidavit Sl No. 536, dtd- 09/03/2026 that now onwards I shall be known as **SANDEEP GUHA ROY** for all future purposes.

**AFFIDAVIT**

By virtue of an affidavit (CF No. 106, dtd. 12/01/2026) sworn before The Executive Magistrate, Sambalpur. I, **Dikhya Agrawal,** W/o- Atul Agrawal, permanent & current resident of At Flat No. 303, Block-D2-A, Green Park Residency, Opposite Mahila Thana, PO-Sambalpur, PS-Sadar, Dist- Sambalpur, State-Odisha, PIN- 768001 declare that I have changed my name from **Dikhya Balodia** to **Dikhya Agrawal.** Henceforth, I shall be known as **Dikhya Agrawal** (new name) for all purposes.

**Dikhya Agrawal**

**OFFICE OF THE MUNICIPAL COUNCIL: BALANGIR**

Address:-Office of the Municipal Council, Balangir, Opp of Rajendra Park, Balangir, Pin-767001, Ph. No.06652-232790 E-Mail id-bgrme1972@gmail.com

13001/576/2526

Letter No. 1527/BM Date. 07.03.2026

The Executive Officer, BALANGIR MUNICIPALITY, BALANGIR, (Odisha) on behalf of Balangir Municipality invites Expression of Interest (EOI) for "Conducting drone aided survey and preparation of orthomosaic drawings for storm water drainage master plan of BALANGIR MUNICIPALITY area" from the engineering consultants/Consulting registered architectural firms that have requisite experience in drone aided Arial survey and preparation of orthomosaic drawing for preparation of drainage/Sewerage network plan.

1. Intending bidders have to download the documents from the District Web portal i.e. https://balangir.odisha.gov.in or municipality Web portal i.e. http://www.balangirmunicipality.in. and submit their bids through regd. Post / speed post to the office of the undersigned.
2. The bid documents is to be submitted offline from 10.30 A.M of Dt. 07.03.2026 to 5.00 P.M of Dt. 17.03.2026 through Regd. Post/speed post to the office of the undersigned.
3. Bids received through offline mode will be opened at 11.00 A.M on Dt. 18.03.2026 in the office of the undersigned.

OIPR-13001/13169/1/25-26/0009

Executive Officer
Balangir Municipality

ସମଗ୍ର ଶିକ୍ଷା Samagra Shiksha

27001/35/2526

**DISTRICT PROJECT OFFICE**
**SAMAGRA SHIKSHA, KORAPUT, ODISHA, PIN-764020**
E-mal:- dpckoraputssa.opepa@nic.in

Letter No. 1311/2026 XII-PLG-09/26 Date. 10/03/2026

**SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders are invited in prescribed format from reputed firms / Individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools for the year 2025-26. The Quotation papers containing detailed specification with terms and conditions can only be downloaded from the district website i.e. https://koraput.odisha.gov.in and OPEPA website https://osepa.odisha.gov.in, The Firms/ Bidders are to submit their Bid documents in the prescribed format in the envelope duly superscribed "Tender for Printing and Supply of Identity Cards for Teachers and Students of PM-SHRI Schools (2025-26)" and must be sent to the District Project Coordinator, Samagra Shiksha, Koraput through Regd. Post / Speed Post/Courier on or before 25/03/2026 by 5:30 PM (No tender paper will be received by hand). Any tender received after the stipulated date & time shall not be entertained and the authority will not be held responsible for any type of delay, if any. in the delivery of the documents or non-receipt of the same. The Bid documents will be opened on 26/03/2026 at 11:00 AM in the Office chamber of the District Project Coordinator, Samagra Shiksha, Koraput in presence of the members of District Purchase Committee, Bidders or their authorized Agents /Representatives, for finalisation of bid. The authority reserves every right to accept/reject/cancel in full/part, this tender without assigning any reasons thereof.

OIPR-27001/27207/1/25-26/0007

Collector-cum-Chairman,
Samagra Shiksha, Koraput

ସମଗ୍ର ଶିକ୍ଷା Samagra Shiksha

27001/36/2526

**DISTRICT PROJECT OFFICE**
**SAMAGRA SHIKSHA, KORAPUT, ODISHA, PIN-764020**
E-mal:- dpckoraputssa.opepa@nic.in

Letter No. 1305/2026 XII-PLG-09/26 Date: 10/03/2026

**SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders are invited in prescribed format from reputed firms / Individuals having valid GST Registration No and valid PAN for printing and supply of PM SHRI Logo Badge for Teachers and Students of PM-SHRI Schools for the year 2025-26. The Quotation papers containing detailed specification with terms and conditions can only be downloaded from the district website i.e. https://koraput.odisha.gov.in and OPEPA website https://osepa.odisha.gov.in, The Firms/ Bidders are to submit their Bid documents in the prescribed format and to be submitted in shield envelop duly superscribed "Tender for Printing and Supply of PM SHRI Logo Badge for Teachers and Students of PM-SHRI Schools (2025-26)" and must be sent to the District Project Coordinator, Samagra Shiksha, Koraput through Regd. Post/Speed Post/Courier on or before 25/03/2026 by 5:30 PM (No tender paper will be received by hand). Any tender received after the stipulated date & time shall not be entertained and the authority will not be held responsible for the postal delay, if any, in the delivery of the documents or non-receipt of the same. The Bid documents will be opened on 26/03/2026 at 11:00 AM in the Office chamber of the District Project Coordinator, Samagra Shiksha, Koraput in presence of the members of District Purchase Committee, Bidders or their authorized Agents /Representatives, if they desire, for finalisation of bid. The authority reserves every right to accept/reject/cancel in full/part, this tender without assigning any reasons thereof.

OIPR-27001/27207/1/25-26/0008

Collector-cum-Chairman,
Samagra Shiksha, Koraput

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no- 471, dated. 09.03.2026 **I, AITI BHATRA,** W/o- Sanyasi Bhatra, Permanent Resident of Village - Dhanadangari, Po.- Mokiya, Ps.- Papadahandi , Dist- Nabarangpur, Odisha, Pin - 764071, declare that I have changed my name from **AYATI MAJHI to AITI BHATRA.** Henceforth, I shall be known as **AITI BHATRA** for all purposes.

**Sd/- Aiti Bhatra**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no- 496, dated. 11.03.2026 **I, BASANTA KUMAR SETHY,** S/o- Purna Chandra Sethy, Permanent Resident of - Balipada, Po.- Binayakpur, Ps.- Pipli, Dist- Puri, Odisha, Pin - 752104, declare that I have changed my name from **BASANTA SETHY to BASANTA KUMAR SETHY.** Henceforth, I shall be known as **BASANTA KUMAR SETHY** for all purposes.

**Sd/- Basanta Kumar Sethy**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 474, dated 09.03.2026 **I, BHISMA BISOI,** S/o - Lokanatha Bisoi, Permanent Resident of Village - Churahandi, Po- Chirma , Ps- Kodinga, Dist- Nabarangpur, Odisha, Pin - 754058, declare that I have changed the name of my Son from **SAHAM BISOI to NITENDRO BISOI.** Henceforth, he shall be known as **NITENDRO BISOI** for all purposes.

**Sd/- Bhisma Bisoi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 467, dated 09.03.2026 **I, CHANDINI RAO,** W/o - Subash Chandra Rao, Permanent Resident of Village - Padalguda, Po-Majhiguda , Ps- Nabarangpur, Dist- Nabarangpur, Odisha, Pin - 754059, declare that I have changed the name of my Son from **PRAKASH CHANDRA RAO to A PRAKASH RAO.** Henceforth, he shall be known as **A PRAKASH RAO** for all purposes.

**Sd/- Chandini Rao**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 477, dated 09.03.2026 **I, MADHURI RANI HIAL,** W/o - Mahesh Hial, Permanent Resident of - Tota Sahi, Nabarangpur, Po- Nabarangpur , Ps- Nabarangpur , Dist- Nabarangpur, Odisha, Pin - 754059, declare that I have changed the name of my Son from **JAMES HARIJAN to JAMES HIAL.** Henceforth, he shall be known as **JAMES HIAL** for all purposes.

**Sd/- Madhuri Rani Hial**

**AFFIDAVIT**

By virtue of an affidavit **No. 544, dtd. 05.03.2026** before the **Executive Magistrate, Danagadi,** I, Sanjaya Kumar Prusty, S/o Chaitan Charan Prusty, At- Tolkani, Po- Chitri, Ps- Tomka, Dist.- Jajpur-755019 hereby declare that my correct name as per my HSC Certificate Sanjaya Kumar Prusty but in my Aadhaar Card No.: 991378750612, wrongly recorded as Sanjay Kumar Prusty. Henceforth, I shall be known as **Sanjaya Kumar Prusty** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no- 972, dated. 06.11.2025 **I, SURYA PAIK,** W/o- Chandra Sekhar Paik, Permanent Resident of - Soura Street, Nabarangpur, Po.- Nabarangpur , Ps.- Nabarangpur, Dist- Nabarangpur, Odisha, Pin - 764059, declare that I have changed my name from **SURJYA PAIK to SURYA PAIK.** Henceforth, I shall be known as **SURYA PAIK** for all purposes.

**Sd/- Surya Paik**

**AFFIDAVIT**

By virtue of an affidavit sworn before the Executive Magistrate, Nimapara Affidavit No. 08, dated 10/03/2026, I **RAJESH MANGARAJ** S/o Prashan Kumar Mangaraj resident of Village At/Po- Garhchandapur, Ps- Balanga Dist- Puri, Odisha, declare that the name of my father has been denoted as **HARI MANGARAJ** S/o Jita Mangaraj in the R.O.R. Mouza Garhchandapur Khata No. 323 instead of **PRASHAN KUMAR MANGARAJ** S/o Jita Mangaraj. **HARI MANGARAJ & PRASHAN KUMAR MANGARAJ** S/o Jita Mangaraj of above noted address is one and same person.

**Sd- RAJESH MANGARAJ**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no- 458, dated. 06.03.2026 **I, P SIVA KESHAB RAO,** S/o- P S PATI RAO, Permanent Resident of - Dora Sahi, Nabarangpur, Po.- Nabarangpur , Ps.- Nabarangpur, Dist- Nabarangpur, Odisha, Pin - 764059, declare that I have changed my name from **P. SHIVAKESWAR RAO to P SIVA KESHAB RAO.** Henceforth, I shall be known as **P SIVA KESHAB RAO** for all purposes.

**Sd/- P Siva Keshab Rao**

## କର୍ମଚାରୀ ଅଭାବରୁ ବନ୍ଦ ହେବାକୁ ବସିଲାଣି କପ୍ତିପଦା ଟସର ସମବାୟ କେନ୍ଦ୍ର

# କୋଟିଏ ଟଙ୍କାରେ ନିର୍ମିତ ଗୃହ ଏବେ ଭୂତକୋଠି

କପ୍ତିପଦା, ୧୧।୩ (ସମିସ): କପ୍ତିପଦା ବ୍ଲକର ଜଡ଼ିଦାଠାରେ ଆନୁଷଙ୍ଗିକ ଭିତ୍ତିଭୂମିକୁ ଲକ୍ଷ୍ୟ କରି ୧୯୫୭ରେ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା କରାଯାଇଥିଲା କପ୍ତିପଦା ଟସର ସମବାୟ କେନ୍ଦ୍ର। ତେବେ ଏହି କେନ୍ଦ୍ର କର୍ମଚାରୀ ଅଭାବରୁ ବନ୍ଦ ହେବାକୁ ବସିଲାଣି। କୋଟିଏ ଟଙ୍କାରେ ନିର୍ମାଣ ଗୃହ ଏବେ ଭୂତକୋଠି ପାଲଟିଛି। ଏଥିସହ ପ୍ରୋତ୍ସାହନ ଅଭାବରୁ ଚାଷୀ ଟସର ଚାଷ

### ପ୍ରୋତ୍ସାହନ ଅଭାବରୁ ଚାଷୀ ବିମୁଖ

ପ୍ରତି ବିମୁଖ ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

କପ୍ତିପଦା ବ୍ଲକର ଜାମବଣି, ନେଦାମ, ଶାଳଚୁଆ, ଜଡ଼ିଦା, ସାପଘର, ଭେଜିଡ଼ିହା, ମହୁଲପଙ୍ଖା ଅଞ୍ଚଳର ୬୫୦ ଜଣ ଟସର ଚାଷୀଙ୍କୁ ନେଇ ଏହି ସମବାୟ ସମିତି ଗଠନ କରାଯାଇଥିଲା। ଟସର ସମବାୟ କେନ୍ଦ୍ର ପକ୍ଷରୁ ଚାଷୀଙ୍କୁ ଟସର ବିହନ ଯୋଗାଇ ଦିଆଯାଉଥିଲା। ସାଧାରଣତଃ ଜୁନ୍ ଓ ଜୁଲାଇ ମାସରୁ ଚାଷୀଙ୍କୁ ଟସର ବିହନ ଯୋଗାଇ ଦିଆଯାଇଥାଏ। ଚାଷୀ ଅକ୍ଟୋବର ଓ ନଭେମ୍ବର ମାସରେ ଏହି ପୋକକୁ ଅସନ ଓ ଅର୍ଜୁନ ଗଛରେ ଛାଡ଼ନ୍ତି। ସେମାନେ ଏହି ଗଛର ପତ୍ରକୁ ଖାଦ୍ୟ ଭାବେ ଗ୍ରହଣ କରି ଏକ କୋଷା ନିର୍ମାଣ କରନ୍ତି। ଜାନୁଆରୀ ମାସରେ ଏହି ଟସର କୋଷାକୁ ଚାଷୀ ସଂଗ୍ରହ କରିଥା'ନ୍ତି। ସ୍ଥାନୀୟ ଅଞ୍ଚଳର ବୁଣାକାର ଉକ୍ତ ଟସର କୋଷାରୁ ସୂତା ବାହାର କରି ସେଥିରୁ ପ୍ରସ୍ତୁତ କରୁଥିବା ଆକର୍ଷଣୀୟ ଧୋତି, ଜୋଡ଼, ଉତ୍ତରୀୟ, ଶାଢ଼ୀ, ଚଦର, ସାଲ୍ ଆଦି ମଠା ବସ୍ତ୍ରର ଚାହିଦା ସମଗ୍ର ଓଡ଼ିଶାରେ ଥିବା




ବେଶ୍ ଉତ୍ସାହଜନକ। କପ୍ତିପଦା ଉପଖଣ୍ଡର ଡିହିରାକୂଳ ଓ ବାଘମରା ଗ୍ରାମ ଏହି ଟସର ବସ୍ତ୍ର ପାଇଁ ଓଡ଼ିଶାରେ ପ୍ରସିଦ୍ଧ ଲାଭ କରିଥିଲା। ସେତେବେଳେ ଏହାର ଚାହିଦା ଦୃଷ୍ଟିରୁ କପ୍ତିପଦା ଟସର ସମବାୟ କେନ୍ଦ୍ର ଲାଭରେ ଚାଲିଥିଲା। ଚାଷୀ ମଧ ସମବାୟ କେନ୍ଦ୍ରକୁ ଟସର କୋଷା ଯୋଗାଇ ନିଜର ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରିପାରିଥିଲେ। ଏଥିପାଇଁ ଜଡ଼ିଦା, କଡ଼ାମ୍ବ, ଠାକୁରାସାହି ଓ ଜୁଆଳିଭଙ୍ଗା ଅଞ୍ଚଳରେ ଟସର ସମବାୟ କେନ୍ଦ୍ର ପକ୍ଷରୁ ୬୦ ହେକ୍ଟର ଜମିରେ ଅସନ ଓ ଅର୍ଜୁନ ଗଛ ଲଗାଯାଇଥିଲା। ପ୍ରତ୍ୟେକ ବର୍ଷ ଏହି ସମିତି ୩୦୦ କାହାଣରୁ ଅଧିକ ଟସର କୋଷା ସଂଗ୍ରହ କରିଥାଏ। ଯାହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଟସର ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବୁଣାକାର ନିଜର କୌଳିକ ବୃତ୍ତି ହରାଇବାକୁ ବସିଲେଣି। ୧୯୭୭ଠାରୁ ଏହି ସମବାୟ କେନ୍ଦ୍ର ପାଇଁ ନିର୍ମାଣ କରାଯାଇଥିବା ଅଫିସ୍ ଗୃହ, ଷ୍ଟାଫ୍ କ୍ୱାଟର ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯାଇଥିବାବେଳେ ୨୦୧୯ରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଟସର ମୌଳିକ ବିହନ ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯାଇଥିଲା। ଉକ୍ତ କେନ୍ଦ୍ରର ବୈଷୟିକ ନିରୀକ୍ଷକ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ଆଉଟ୍‌ସୋର୍ସିଂରେ ଦୈନିକ ମଜୁରି ପାଇ ଜଣେ ବ୍ୟକ୍ତି ଅଫିସ୍ ଜଗି ବସିଛନ୍ତି। ପୂର୍ବରୁ ଏହି କେନ୍ଦ୍ର ଅଧିନରେ ୬୫୦ରୁ ଉର୍ଦ୍ଧ୍ୱ ଚାଷୀ ଥିବାବେଳେ ଏବେ ପ୍ରୋତ୍ସାହନ ଅଭାବରୁ ଚାଷୀଙ୍କ ସଂଖ୍ୟା ୫୦ରେ ପହଞ୍ଚିଲାଣି। ଗତ ଅଗଷ୍ଟ ମାସ ଶେଷ ସପ୍ତାହରେ ୫୦ ଜଣଙ୍କୁ ମଦର ଟସର ଯୋଗାଇ ଦିଆଯାଇଛି। କେବଳ ସେତିକି ନୁହେଁ ଶରତଠାରେ ଥିବା ଟସର ସୋସାଇଟି କେନ୍ଦ୍ର ମଧ ଏବେ ରୁଗ୍‌ଣ ଅବସ୍ଥାରେ ରହିଛି। ଉକ୍ତ ସମବାୟ କେନ୍ଦ୍ର ଦାୟିତ୍ୱରେ ଥିବା ଫିଲ୍‌ଡ ଆସିଷ୍ଟାଣ୍ଟ ମଧୁସ୍ମିତା ସେଠୀ କହିଛନ୍ତି, କର୍ମଚାରୀ ଅଭାବରୁ ବାଙ୍ଗିରିପୋଷି, କପ୍ତିପଦା, ଶରତ, ନୀଳଗିରି ଅଫିସ୍ ବୁଝିବାକୁ ପଡୁଛି। ଏହାବ୍ୟତୀତ ଆମେ ଫିଲ୍‌ଡରେ କାମ କରୁଥିବାରୁ ଅଫିସ୍ ବନ୍ଦ ରହୁଛି। ଜଡ଼ିଦା କେନ୍ଦ୍ରରେ ୩୦୦ କାହାଣ ଖୋସା ମହଜୁଦ୍ ରହିଛି। ତେବେ ସମସ୍ତ ସୁବିଧା ଥାଇ ଜିଲ୍ଲାରେ ରୁଗ୍‌ଣ ଅବସ୍ଥାରେ ଥିବା କପ୍ତିପଦା ଟସର ସମବାୟ କେନ୍ଦ୍ରକୁ ପୁନର୍ଜୀବନ ଦେଇ ଯୁବକ ଯୁବତୀଙ୍କୁ ଏକ୍ଷେତ୍ରରେ ଉପଯୁକ୍ତ ତାଲିମ ପ୍ରଦାନ କଲେ ପାରମ୍ପରିକ ଟସର ଶିଳ୍ପର ପୁନରୁଦ୍ଧାର ହୋଇପାରନ୍ତା ବୋଲି ମତ ପ୍ରକାଶ ପାଉଛି।

## ଉଦଳା ହରିହରେଶ୍ୱର ମନ୍ଦିରରୁ ଲୁଟ୍



ଉଦଳା, ୧୧।୩(ସମିସ): ଉଦଳା ଥାନା ଏନ୍‌ଏସି ୨ ନମ୍ବର ୱାର୍ଡରେ ଥିବା ହରି ହରେଶ୍ୱର ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଲୁଟେରାମାନେ ମନ୍ଦିର ପଛ ପାଖ ଗେଟ୍ ଦେଇ ମନ୍ଦିର ଭିତରକୁ ପଶିବା ପରେ ଠାକୁରଙ୍କ ରୁପା ମୁକୁଟ ସହିତ ଅଳଙ୍କାର, ବଇଁଶୀ ଏବଂ ତମ୍ବା ଥାଳି ଓ ଅନ୍ୟ ସାମଗ୍ରୀ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଆଜି ମନ୍ଦିର ପୂଜକ ମନ୍ଦିରରେ ପହଞ୍ଚିବା ପରେ ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟେରାମାନେ ମନ୍ଦିରରେ ଥିବା ୩ ହଜାର ଦାନ ଟଙ୍କା ମଧ ଲୁଟି ନେଇଛନ୍ତି। ଖବର ପାଇ ଉଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଘଟଣା

# 'ମୋ ବିରୁଦ୍ଧରେ ଅଭିଯୋଗ ଭିତ୍ତିହୀନ ଓ ଷଡ଼ଯନ୍ତ୍ର'

ରାଇରଙ୍ଗପୁର, ୧୧।୩(ସମିସ): ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଘଟଣା ନେଇ ବ୍ଲକ ଅଧିକାରୀ ସ୍ପଷ୍ଟୀକରଣ ଦେଇଛନ୍ତି। ହଷ୍ଟେଲରେ ଚାନ୍ଦା ଆଦାୟକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ହୋଇଥିବାବେଳେ ତାହା ସମ୍ପୂର୍ଣ ଭାବେ ଭିତ୍ତିହୀନ ଓ ସୁପରିକଳ୍ପିତ ବୋଲି ବିଜତଳା ବ୍ଲକ ସମ୍ପ୍ରସାରଣ ଅଧିକାରୀ କହିଛନ୍ତି।

ବିଜାତଳା ବ୍ଲକରେ ଥିବା ୧୦୦ ଓ ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲରୁ ଚାନ୍ଦା ଆଦାୟ ହୁଏନାହିଁ ବୋଲି ବ୍ଲକର ଅନେକ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ, ସୁପରିଟେଣ୍ଡେଣ୍ଟ ଲିଖିତ ଭାବରେ ଜଣାଇଛନ୍ତି। କିଛି ନ୍ୟସ୍ତସ୍ୱାର୍ଥ ଲୋକ ମୋତେ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି ବୋଲି ମତପ୍ରକାଶ କରିଛନ୍ତି। ବ୍ଲକରେ ବିଭିନ୍ନ ହଷ୍ଟେଲକୁ ପରିଦର୍ଶନରେ ଯାଇ ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବା ସହିତ ଶରୀର ସୁସ୍ଥ ରଖିବା ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ସବୁବେଳେ ଗୁରୁତ୍ୱାରୋପ ପ୍ରଦାନ କରିଆସିଛି। ଯଦ୍ୱାରା ଛାତ୍ରୀ ନିବାସ ଅନ୍ତେବାସୀ ଅନେକ ସମୟରେ ଜିଲ୍ଲା ଓ ଜାତୀୟ ସ୍ତରରେ ବିଭିନ୍ନ ଜାଗାରେ ପୁରସ୍କୃତ ହୋଇଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସମସ୍ତ ଯୋଜନାକୁ କିପରି ଭାବେ ସୁଫଳ ପାଇବେ ସେଥିପ୍ରତି ମଧ ମୁଁ ଦାୟିତ୍ୱବାନ ସହ କାର୍ଯ୍ୟ କରିଆସୁଛି। କିନ୍ତୁ ମୋ ବିରୁଦ୍ଧରେ ସମ୍ପୂର୍ଣ୍ଣ କପୋଳକଳ୍ପିତ ଷଡ଼ଯନ୍ତ୍ର କରାଯାଉଛି ବୋଲି ପ୍ରକାଶ କରିଛନ୍ତି। ମୋର ବିଭାଗ ଓ ନିରପେକ୍ଷ ତଦନ୍ତ ଉପରେ ଭରସା ରହିଛି ବୋଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କହିଛନ୍ତି।

## ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଶାସ୍ତ୍ରୀୟ ଭାଷା ଦିବସ

# 'ଭାଷା ପ୍ରତି ମମତ୍ୱବୋଧ ଓ ସ୍ୱାଭିମାନ ହିଁ ଏ ଜାତିକୁ ବଞ୍ଚାଇ ରଖିବ'

ବାରିପଦା, ୧୧।୩(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ତ୍ରୟୋଦଶ ଶାସ୍ତ୍ରୀୟ ଭାଷା ଦିବସ ତଥା ପରିଷଦର ସପ୍ତମ ବାର୍ଷିକ ଉତ୍ସବ ସ୍ନାକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଛି। ଏହି ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଓଡ଼ିଆ ପାଇଁ ଏହି ଶାସ୍ତ୍ରୀୟ ଭାଷା ଦିବସ କିପରି ଗୌରବମୟ ସେ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ଓଡ଼ିଆ ଭାଷା ପ୍ରତି ମମତ୍ୱବୋଧ ଓ ସ୍ୱାଭିମାନ ହିଁ ଏ ଜାତିକୁ ବଞ୍ଚାଇ ରଖିବ ବୋଲି ସେ କହିଥିଲେ। ବର୍ଷିୟାନ ସାମ୍ବାଦିକ ଡକ୍ଟର ବିଜୟ କୁମାର ଅଗ୍ରୱାଲା ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଭାଷାର ସୁରକ୍ଷା ପାଇଁ ଗଭୀର ଅଧ୍ୟବସାୟ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ଭାଷାକୁ ଆମ ଦୈନନ୍ଦିନ ବ୍ୟବହାରରେ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ବକ୍ତା ଭାବେ ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ସାହିତ୍ୟିକ ପଦ୍ମନାଭ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ଉପସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦର ସମ୍ପାଦକ ଡକ୍ଟର ବିଚିତ୍ରନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସହ-ସମ୍ପାଦକ ଡକ୍ଟର ସ୍ୱରୂପାନନ୍ଦ ବିଷୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସ୍ନେହାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ସହ-ସମ୍ପାଦକ ଡକ୍ଟର ଶିଶିର ବେହେରା, ସ୍ନାତକୋତ୍ତର ଓଡ଼ିଆ ବିଭାଗର ଅଧ୍ୟାପକ ରାଜକୁମାର ପାତ୍ର, ହୃଶୀକେଶ ମହାନ୍ତ, ଅଧ୍ୟାପିକା ଡ. ବିନ୍ଦେଶ୍ୱରୀ କଳିଆ ପ୍ରମୁଖ ସହଯୋଗ କରିଥିଲେ।



ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଡକ୍ଟର ରତ୍ନାକର ଚଇନିଙ୍କ ଲିଖିତ ଏବଂ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡକ୍ଟର ଶାନ୍ତିସ୍ୱରୂପ ବସାଙ୍କ ନିର୍ଦ୍ଦେଶିତ ନାଟକ 'ଅନ୍ୟ ଏକ ଶ୍ରବଣ କୁମାର' ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ମଞ୍ଚସ୍ଥ କରାଯାଇଥିଲା। ଅଭିନୟ ପାଇଁ ପ୍ରଥମ ସ୍ଥାନରେ ବର୍ଷାରାଣୀ ଜେନା, ଦ୍ୱିତୀୟ ସ୍ଥାନରେ ସୀମାଲତା ସାହୁ ଓ ତୃତୀୟ ସ୍ଥାନରେ ରଶ୍ମିତା ବେରାଙ୍କୁ ପୁରସ୍କୃତ କରାଯାଇଥିଲା।

## ଗର୍ଭାଶୟ କର୍କଟ ସମ୍ପର୍କିତ ସଚେତନତା





ବାରିପଦା, ୧୧।୩(ସମିସ): ଗର୍ଭାଶୟ କର୍କଟ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ସାଇକଲିଂ ଯାତ୍ରା କରି ପ୍ରଚାର କରୁଛନ୍ତି ସମୀରା ଖାନ୍। ଏଥିପାଇଁ ଆନ୍ଧ୍ରପ୍ରଦେଶରୁ ସାଇକଲରେ ଯାତ୍ରା ଆରମ୍ଭ କରି ବିଭିନ୍ନ ରାଜ୍ୟ ଅତିକ୍ରମ କରି ଆଜି ବାରିପଦାରେ ପହଞ୍ଚି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷ ସମ୍ମୁଖରେ ଏ ସମ୍ପର୍କିତ ବୈଠକରେ ଯୋଗଦାନ କରିଛନ୍ତି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୀରା ଖାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଏଭଳି ପ୍ରଚାର ଯାତ୍ରା ଜିଲ୍ଲା ଓ ଗ୍ରାମାଞ୍ଚଳରେ ଗର୍ଭାଶୟ କର୍କଟ ବିଷୟରେ ସଚେତନତା ବଢ଼ାଇବାରେ ସହାୟକ ହେବ ଓ ମହିଳାଙ୍କୁ ନିୟମିତ ସ୍କ୍ରିନିଂ ପାଇଁ ପ୍ରେରିତ କରିବ ବୋଲି ମତପ୍ରକାଶ କରିଛନ୍ତି। ସେହିପରି ଏଡିପିଏଚଓ (ଭିବିଡି) ଡା ବିଜୟ କୁମାର ଦାସ ସଠିକ୍ ସମୟରେ ସ୍କ୍ରିନିଂ ଓ ସଚେତନତା ମାଧ୍ୟମରେ ଗର୍ଭାଶୟ କର୍କଟକୁ ପ୍ରତିରୋଧ କରିବା ସମ୍ଭବ ବୋଲି ପ୍ରକାଶ କରିଛନ୍ତି। ଏହାସହ ବର୍ତ୍ତମାନ ୧୪ ବର୍ଷରୁ କମ୍ ସମସ୍ତ ବାଳିକାଙ୍କ ପାଇଁ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ଉପଲବ୍ଧ ହେଉଥିବା ସମ୍ପର୍କରେ ସୂଚାଇଥିଲେ। ସମୀରା ଖାନଙ୍କ ଏହି ସାଇକଲିଂ ଯାତ୍ରା ମହିଳା ସ୍ୱାସ୍ଥ୍ୟ ସୁରକ୍ଷା ଓ ଗର୍ଭାଶୟ କର୍କଟ ବିରୋଧରେ ସଚେତନତା ବୃଦ୍ଧି ପାଇଁ ଏକ ପ୍ରେରଣାଦାୟୀ ପଦକ୍ଷେପ ବୋଲି ଉପସ୍ଥିତ ଅତିଥି ମତ ପ୍ରକାଶ କରିଛନ୍ତି। ଏ ଅବସରରେ ଏଡିପିଏଚଓ (ଏଫ୍‌ଡବ୍ଲ୍ୟୁ) ଡା ସୁନାନ୍ଦା ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁନ୍ଦୁୟା, ଜିଲ୍ଲା କ୍ରୀଡା ଅଧିକାରୀ ଡ. ଶୁଭାଶିଷ ନାୟକ ଉପସ୍ଥିତ ଥିଲେ।

## ଗ୍ରୀଷ୍ମପ୍ରବାହ ପରିଚାଳନା ସଚେତନତା




କୁଆମରା, ୧୧।୩(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ସହଯୋଗରେ ଗ୍ରୀଷ୍ମ ପ୍ରବାହ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖୁଣ୍ଟା ଜୁନିୟର କଲେଜ ୟୁଥ ରେଡକ୍ରସ କାଉନସିଲର ଡକ୍ଟର ସରୋଜିନୀ ବାସ୍କେ, ମୁଖ୍ୟବକ୍ତା ଭାବରେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡକ୍ଟର ଜୟଦେବ ଖଣ୍ଡେଇ ଯୋଗଦେଇ ଗ୍ରୀଷ୍ମ ପ୍ରବାହରେ କିପରି ସତର୍କତା ଅବଲମ୍ବନ କରାଯାଇପାରିବ, ଜରୁରିକାଳୀନ ପରିସ୍ଥିତିରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଯୋଗ କରାଇବା ନିମନ୍ତେ ଅବଗତ କରାଇଥିଲେ। ଏହାର ନିରାକରଣ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଓଆରଏସ୍, ପାଣି, ଛତା, ଜୋତା ଓ ମୁଣ୍ଡରେ ଓଦା ଗାମୁଛା ପକାଇବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ହିରଣ୍ମୟୀ ଶତପଥୀ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜର ୟୁଥ୍ ରେଡକ୍ରସ୍ କାଉନସିଲର ଅଧ୍ୟାପିକା ଗୋପା ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଶୁଭମ୍ ସାସମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନାର ସହଯୋଗୀ ଅଧିକାରୀ ଡକ୍ଟର ସୁଷମା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାରେ ଜଳିଗଲା ବାଇକ୍



ରାଇରଙ୍ଗପୁର, ୧୧।୩ (ସମିସ): ରାସ୍ତାରେ ଚଳନ୍ତା ବାଇକ୍‌ରେ ନିଆଁ ଲାଗିଗଲା। ଅଳ୍ପକେ ବାଇକ ଚାଳକ ରକ୍ଷା ପାଇଯାଇଛନ୍ତି। ରାଇରଙ୍ଗପୁର ସହରର ଅଁଳାଡୁବାଠାରେ ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଯୁବକ ଜଣକ ସମ୍ପର୍କୀୟ ଘର ଭରଣ୍ଡିଆ ଗ୍ରାମରୁ ରାଇରଙ୍ଗପୁର ଆଡ଼କୁ ଯାଉଥିବାବେଳେ କୌଣସି କାରଣରୁ ହଠାତ୍ ବାଇକ୍‌ରେ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ମଧ୍ୟରେ ଜଳିବାକୁ ଲାଗିଲା ବାଇକ୍। ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ନିଆଁ ଲିଭା କାର୍ଯ୍ୟ ଜାରି ରଖିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ବାସିନ୍ଦା ନିଆଁ ଲିଭାଇ ଦେଇଥିଲେ। କିନ୍ତୁ ବାଇକ୍‌ଟି ସମ୍ପୂର୍ଣ ଜଳିଯାଇଥିଲା।

## ଶଙ୍କରାଚାର୍ଯ୍ୟଙ୍କ ପ୍ରତି ଅପମାନ ବିରୋଧରେ ବିକ୍ଷୋଭ



ରାଇରଙ୍ଗପୁର, ୧୧।୩(ସମିସ): ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରଙ୍କୁ ଯୋଗୀ ସରକାର ଦେଇଥିବା ଅପମାନ ବିରୋଧରେ ନିଆରା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଇରଙ୍ଗପୁରସ୍ଥିତ ଦୁର୍ଗାମଣ୍ଡପ ଛକରେ ସନାତନ ଧର୍ମର ସୁରକ୍ଷା ପାଇଁ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତି ହୋଇଥିବା ଅପମାନ ବିରୁଦ୍ଧରେ ସ୍ୱରଉତ୍ତୋଳନ କରାଯାଇଥିଲା। ବଇଲୋଚନ ଗିରି, ଅମର ପ୍ରଧାନ, ସିମାଲ ମାଝୀ, ଅମର ମହାନ୍ତ, କିଶୋର ମହାନ୍ତ, ପିଥ ମୁର୍ମୁ, ରୂପକ ମହାନ୍ତି, କାଶୀନାଥ ସୋରେନ, ଉଷାରାଣୀ ଦେଓ, ନିଶାମଣି ଧନପତି ଓ ପଙ୍କଜିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବଡ଼ସାହି, ୧୧।୩(ସମିସ): ବଡ଼ସାହି ବ୍ଲକ ମାନଗୋବିନ୍ଦପୁର କ୍ଲଷ୍ଟରରେ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କୁଞ୍ଚିବଣିଆଠାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ କୁଞ୍ଚିବଣିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ଚନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ସାହି ବ୍ଲକ ପେନସନଭୁକ୍ତ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ବୀରେନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ମାନଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ସମିତିସଭ୍ୟ ରାକେଶ ମହାପାତ୍ର ଉପସ୍ଥିତ ହୋଇ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ କାର୍ତ୍ତିକ ଜେନା ନିଜର ସଂଘୀୟ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନୀୟ ଅତିଥି ସୁଧାଂଶୁଶେଖର ଦାସ ମଙ୍ଗରାଜ, ଦେଉଳିଆ ଗ୍ରାମ ପଞ୍ଚାୟତର ସମିତିସଭ୍ୟ ନିହାର ରଞ୍ଜନ ମହାପାତ୍ର ଓ ସାମ୍ବାଦିକ ନିରଞ୍ଜନ ମହାନ୍ତ ଉପସ୍ଥିତ ହୋଇ ଶିକ୍ଷକ ଙ୍କୁ ସମାଜର ମୂଳଦୁଆ ଗଠନର ବିନ୍ଧାଣୀ ବୋଲି କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶେଷରେ ସିଆର୍‌ସିସି ତୋଫାନ ମହାଲିକ ନିଜର ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ବୁଢ଼ାବଳଙ୍ଗ-୧ ବାଲି ଖାଦାନରେ ୧୬୩ ଧାରା ଜାରି

# ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅବଗତ କଲା ପ୍ରଶାସନ

ବୈଶିଙ୍ଗା, ୧୧।୩ (ସମିସ): ବେତନଟୀ ତହସିଲ ଅଧୀନରେ ଚାଲିଥିବା ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ରୋକିବାପାଇଁ ପ୍ରଶାସନ ସକ୍ରିୟ ହୋଇ ବୈଶିଙ୍ଗା ଥାନା ଅଧୀନସ୍ଥ ବୁଢ଼ାବଳଙ୍ଗ-୧ ଚୋରା ବାଲି ଖାଦାନରେ ବିଏନଏସଏସର ୧୬୩ ଧାରା ଜାରି କରି ସବୁ ସ୍ଥାନରେ ନାଲି ପତାକା ଲଗାଇବା ସହ ଲୋକଙ୍କୁ ଏକାଠି ନ ହେବାକୁ ସତର୍କ କରାଯାଇଛି।

ସୂଚନା ମୁତାବକ, ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତା ପାର୍ଶ୍ୱ ଡେଫୌଦା, ବେଲାଣପୁରା, ମଧୁନଣ୍ଡା ଓ ପାଟୁଳିପୁରା ଗ୍ରାମକୁ ଲାଗିଥିବା ବୁଢ଼ାବଳଙ୍ଗ-୧ ବାଲି ଘାଟ ଅକ୍ସନ ହୋଇ ନ ଥିବା ସତ୍ତ୍ୱେ ଗତ କିଛିଦିନ ଧରି ଦିବାରାତ୍ର ଟ୍ରାକ୍ଟର ସାହାଯ୍ୟରେ ପ୍ରଚୁର ମାତ୍ରାରେ ବେଆଇନ ବାଲି ଚାଲାଣ କରାଯାଉଥିଲା। ଯଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେବା ସହିତ ପାଖରେ ଥିବା ଅକ୍ସନ ବାଲି ଖାଦାନକୁ ବାଲି ନେବାକୁ କେହି ଯାଉ ନ ଥିଲେ। ଫଳରେ ଲକ୍ଷାଧିକ ଟଙ୍କା ପୈଠ କରି ନିଲାମ ନେଇଥିବା ନିଲାମଧାରୀ ଭାରି ମାତ୍ରାରେ କ୍ଷତିଗ୍ରସ୍ତ ହେଉଥିଲେ। ଏହି ଅବାଧ ବାଲି କାରବାରରେ ରୋକ ଲଗାଇବାକୁ ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ହିତାଂଶୁ ଜେନା, ମାଇନିଂ ଅଧିକାରୀ ଉଦୟଭାନୁ ସାହୁ ଓ ଭବାନୀ ପାତ୍ର, ବୈଶିଙ୍ଗା ଥାନା ଏସଆଇ ଅଶୋକ ପାତ୍ର ପ୍ରମୁଖ ବୁଢ଼ାବଳଙ୍ଗ-୧ ନଦୀ ଶଯ୍ୟା ଓ ସମ୍ପୃକ୍ତ ପ୍ରାୟ ୧୨ ଏକର ଅଞ୍ଚଳରେ ବିଏନଏସଏସର ୧୬୩ ଧାରା (ପୂର୍ବରୁ ୧୪୪ଧାରା) ଲାଗୁ କରିବା ସହିତ ନାଲି ପତାକା ପୋତା ପୋତିଥିଲେ। ଫଳରେ ସେଠାରେ ଏକାଧିକ ଲୋକ ଏକାଠି ହୋଇପାରିବେନାହିଁ। ଅନ୍ୟପକ୍ଷରେ ଡାକବାଜି ଯନ୍ତ୍ର ଦ୍ୱାରା ୧୬୩ ଧାରା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି।



# ଡବଲ୍ ଇଞ୍ଜିନ ସରକାରରେ ବାଟବଣା ଆୟୁଷ ଫାର୍ମାସୀ

ବାଲେଶ୍ୱର,୧୧।୩ (ସମିସ)

ଦେଶ ତଥା ରାଜ୍ୟ ସରକାର ଆୟୁଷ ବ୍ୟବସ୍ଥାକୁ ଅଧିକ ସଶକ୍ତ ଏବଂ ସୁଦୃଢ଼ କରିବାର ଡିଣ୍ଡିମ ପିଟୁଥିଲେ ସୁଦ୍ଧା ଦୀପ ତଳ ଅନ୍ଧାର ଭଳି ବିଜେପି ନେତୃତ୍ୱାଧୀନ ଓଡ଼ିଶା ରାଜ୍ୟ ସରକାରରେ ଆୟୁଷ ଫାର୍ମାସୀ ସମ୍ପୂର୍ଣ୍ଣ ଭାବରେ ଉପେକ୍ଷିତ ତଥା ସ୍ଥାଣୁ ପାଲଟି ଯାଇଛି। ଜି ୨୦ ସମ୍ମିଳନୀ , କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବଶାଳୀ ଜାତୀୟ ସମ୍ମିଳନୀ, ଜାତୀୟଆୟୁର୍ବେଦ କଂଗ୍ରେସ ସମ୍ମିଳନୀ ଭଳି ଅନେକ ବିଶ୍ୱ ସ୍ତରୀୟ ସମ୍ମିଳନୀରେ ଆୟୁଷ ବ୍ୟବସ୍ଥାକୁ ଲୋକାଭିମୁଖୀ ତଥା ବହୁମୁଖୀ କରିବାର ପ୍ରଚେଷ୍ଟାରେ ଶତମୁଖ ବିଜେପି ସରକାର ଓଡ଼ିଶାରେ ଆୟୁଷ ଫାର୍ମାସୀକୁ ନେଇ ନିରନ୍ତର ଭାବରେ ଉଦାସୀନ ମନୋଭାବ ପୋଷଣ କରି ଆସୁଛନ୍ତି। ୨୦୧୨ ମସିହା ପରଠାରୁ ରାଜ୍ୟରେ ସମସ୍ତ ଆୟୁଷ ମହାବିଦ୍ୟାଳୟରେ ଆୟୁଷ ଫାର୍ମାସୀ ପାଠ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରି ଦିଆଯାଇଛି ଯାହା ଅଦ୍ୟାବଧି ପୁନଃ ଆରମ୍ଭ ହୋଇ ପାରି ନାହିଁ। ରାଜ୍ୟର ୧୨୦୦ ଆୟୁଷ ଡିସପେନସାରୀ ଏବଂ ଆୟୁଷ ମେଡିକାଲ କଲେଜରେ ଆୟୁଷ ଫାର୍ମାସିଷ୍ଟ ବିନା ଆୟୁଷ ଔଷଧର ବଣ୍ଟନ, ରକ୍ଷଣାବେକ୍ଷଣ ତଥା ପ୍ରସ୍ତୁତିକରଣ କିପରି ହେଉଛି ତାହା ବାସ୍ତବିକ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପୁନଶ୍ଚ ୨୦୧୬ ମସିହାରେ ଆୟୁଷ ସହାୟକ ପଦବୀ ସୃଷ୍ଟି କରାଯାଇ ୧୨୦୦ ଆୟୁଷ ଡିସ୍ପେନ୍ସାରୀରେ ନିଯୁକ୍ତି କରାଯାଇଛି। ଆୟୁଷ ସହାୟକମାନେ ହିଁ ଆୟୁଷ ଚିକିତ୍ସାଳୟର ବାସ୍ତବିକ ଫାର୍ମାସିଷ୍ଟ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେମାନେ ମଧ୍ୟ ନିଜ ଅଧିକାର ଏବଂ ପରିଚୟରୁ ବଞ୍ଚିତ।



ସରକାରଙ୍କର ବୈମାତୃକ ମନୋଭାବ, ଆୟୁଷ ନିର୍ଦ୍ଦେଶାଳୟର ଉଦାସୀନତା ତଥା ସ୍ୱାସ୍ଥ୍ୟ ବିଭାଗର ସ୍ଥାଣୁତା ପାଇଁ ଆଜି ରାଜ୍ୟରେ ଆୟୁଷ ଫାର୍ମାସୀ ଏକରକମ ପଙ୍ଗୁ ପାଲଟିଛି। ସେଥିପାଇଁ ନିଜର ବିଫଳତାକୁ ଲୁଚାଇବାକୁ ଯାଇ ରାଜ୍ୟ ସରକାର ସମନ୍ୱିତ ଆୟୁଷ ଚିକିତ୍ସାଳୟରେ ଆୟୁଷ ସହାୟକ ପରିବର୍ତ୍ତେ ଆୟୁଷ ଔଷଧ ବିଷୟରେ ଶୂନ୍ୟ ଜ୍ଞାନ ଥିବା ଆଲୋପଥି ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦେଇଛନ୍ତି। ସରକାରଙ୍କ ଅବହେଳା ଏବଂ ସ୍ୱାସ୍ଥ୍ୟ ତଥା ଆୟୁଷ ବିଭାଗର ଚରମ ଅବହେଳା ପାଇଁ ବିଧ୍ୱସ୍ତ ଆୟୁଷ ଫାର୍ମାସିଷ୍ଟମାନଙ୍କ ମନରେ ସରକାରଙ୍କ ବିରୋଧରେ ବିଦ୍ରୋହର ବହ୍ନି ଧୀରେ ଧୀରେ ବଢ଼ିବାରେ ଲାଗିଛି। ନିଜର ନ୍ୟାର୍ଯ୍ୟ ଅଧିକାର ଓ ପରିଚୟ ପାଇଁ ଆୟୁଷ ସହାୟକମାନେ ଆନ୍ଦୋଳନାମକ ପନ୍ଥା ବାଛିବା ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଶାନ୍ତିଲତା କଲେଜରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



**ବାଲେଶ୍ୱର ସଦର, ୧୧।୩ (ସମିସ) :** ସଦର ବ୍ଲକ ଅଧିନସ୍ଥ ଉଇଟିକିରି ସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଗମ୍ଭୀର ଓ ଉତ୍ସାହମୟ ପରିବେଶରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସପନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଆଦିକବି ସାରଳା ଦାସ, ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡକ୍ଟର ସୁମନ୍ତ କୁମାର ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷାର ଐତିହ୍ୟ, ସାହିତ୍ୟ ଓ ଶାସ୍ତ୍ରୀୟ ମର୍ଯ୍ୟାଦା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ଦୟାନିଧି ପରିଡ଼ା ଯୋଗଦେଇ ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ଓ ଏହାର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଅଧ୍ୟାପକ ଶାଶ୍ୱତ ପାତ୍ର କରିଥିବା ବେଳେ ସାଂସ୍କୃତିକ ପରିଚାଳନା ଦାୟିତ୍ୱ ଅଧ୍ୟାପିକା ଜେମାମଣି ସାହୁ ନିଭାଇଥିଲେ। କାର୍ଯ୍ୟକ୍ରମ ଶେଷରେ ମୃତ୍ୟୁଞ୍ଜୟ ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଖଣ୍ଡ-କିଆପଡ଼ା ରାସ୍ତା କାମ ନିମ୍ନମାନର ଅଭିଯୋଗ

**ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ**

**ସିମୁଳିଆ, ୧୧।୩ (ସମିସ):** ବାଲିଖଣ୍ଡ-କିଆପଡା ରାସ୍ତା କାମ ନିମ୍ନ ମାନର ହେଉଥିବାର ଅଭିଯୋଗ ଆଣି ତପନ କୁମାର ଦାସଙ୍କ ନେତୃତ୍ୱରେ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଜିଲ୍ଲାପାଳ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବାଲିଖଣ୍ଡ -କିଆପଡା ରାସ୍ତାରେ ୪କିମି ରାସ୍ତା ପାଇଁ ୪କୋଟି ୫୩ ଲକ୍ଷ ୭୫ ହଜାର ୭୦୮ ଟଙ୍କାର ଅନୁଦାନ ଆସିଛି। ଏଗ୍ରିମେଣ୍ଟ ଅନୁଯାଇ ରାସ୍ତା କାର୍ଯ୍ୟ କରା ନ ଯାଇ ନିମ୍ନ ମାନର କାର୍ଯ୍ୟ କରାଯାଉଛି। ମୋଟେଇ କମ ରଖାଯାଇଛି ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ହୋଇଥିବା ପିଚୁକୁ ବାହାର ନ କରି ଜେସିବିରେ ସାମାନ୍ୟ ଆଞ୍ଚଡ଼ି ଦେଇ ତା ଉପରେ କାର୍ଯ୍ୟ କରାଯାଇଛି। ମେଟାଲ ଅଳ୍ପ ଦିଆଯାଇଛି ଓ ଡଷ୍ଟ ଅଧିକ ଦିଆ ଯାଇ ରାସ୍ତା କାର୍ଯ୍ୟ ହେଉଛି। କାର୍ଯ୍ୟ ଆରମ୍ଭ ପୂର୍ବରୁ ସବିଶେଷ ବିବରଣୀ ସହିତ ଫଳକ ମରାଯାଇନାହିଁ. ଯେଉଁ ଗୋଟିଏ ଫଳକ ଲାଗିଛି ସେଥିରେ କାର୍ଯ୍ୟ ଆରମ୍ଭ ତାରିଖ ୧୬/୬/୨୦୨୫ ଓ କାର୍ଯ୍ୟ ଶେଷ ତାରିଖ ୧୫/୩/୨୦୨୫ ଲେଖା ଯାଇଛି। ରାସ୍ତା ପାଶ୍ୱର୍ରେ ଆବଶ୍ୟକ ଥିବା ସ୍ଥାନରେ ଗାର୍ଡ ୱାଲ କରାଯାଉନାହିଁ। ଏଯାବତ ରାସ୍ତାର ପୂର୍ଣ୍ଣାଙ୍ଗ ଫଳକ ଲାଗୁନାହିଁ ଅଥଚ କାର୍ଯ୍ୟ ଶେଷ କରିବାକୁ ବସିଲାଣି। ଏ ବିଷୟରେ ପୂର୍ବତନ ଜିଲ୍ଲା ପରିଷଦ ବୃନ୍ଦାବନ ପଣ୍ଡା, ଙ୍କ ନେତୃତ୍ୱ ରେ ଧନେଶ୍ୱର ବେହେରା, ହେମନ୍ତ ପଣ୍ଡା, ବିଭୁତି ପଣ୍ଡା, ତିଲୋତ୍ତମା ଦଳାଇ, ମମତା ଦଳାଇ ମନୋରଞ୍ଜନ ଦଳାଇ, ଅଭିମନ୍ୟୁ ପଣ୍ଡା, କାଠିଆ ଘଡ଼ିଆ, ଭାଗିରଥି ପେଡା, କାରୁଣି ବାରିକ, ମହେଶ୍ୱର ବାରିକ, ?ିଦ୍ୟାଧର ପଣ୍ଡା, ରାଜା ସେଠୀ, ଗଉରା ଜେନାଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମ ବାସୀ ମାନେ ମାର୍କୋଣା ଗ୍ରାମ୍ୟ ଉନ୍ନୟନ ବିଭାଗ ର ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ବାଧ ହୋଇ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। କିଛି ଫଳ ନ ମିଳିବାରୁ ତପନ କୁମାର ଦାସ ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ବାଲେଶ୍ୱର ଜିଲ୍ଲାପାଳ ଘଟଣାର ତଦନ୍ତ କରିବାକୁ ଏସଇ ବାଲେଶ୍ୱରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ବିଷୟରେ ମାର୍କୋଣା ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରୁ ଅଭିଯୋଗ ହେବା ପରେ ନିଜେ ଯାଇ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। କାମ ନିମ୍ନ ମାନର ହେଉଥିଲେ ବିଲ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ

**ଜଳେଶ୍ୱର,୧୧।୩ (ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନଛିମପୁର ଗ୍ରାମ ପଞ୍ଚାୟତ ଆମ୍ବିଳିଅଠା ୪ ନମ୍ବର ଆଞ୍ଚଳିକ ମଞ୍ଚ ପକ୍ଷରୁ ଶତାଧିକ ମହିଳା ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଆମ୍ବିକେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ବରିଷ୍ଠ ନାରୀ ନେତ୍ରୀ ରାଧାରାଣୀ ପାତ୍ର ସଭାପତିତ୍ୱ କରି ମହିଳା ସୁରକ୍ଷା, ଅଧିକାର ସାବ୍ୟସ୍ତ ଓ କର୍ତ୍ତବ୍ୟ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଂଚ ରାଜେଶ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍ବିକେ କାଞ୍ଚନ ବାଳା ସେନାପତି, ଅଙ୍ଗନବାଡ଼ି କର୍ମୀ କଳ୍ପନା ନନ୍ଦୀ, ବ୍ୟାଙ୍କ ମିତ୍ର ମନୋରମା ଜେନା, ସିଆରପି ରୀନାରାଣୀ ମହାନ୍ତି, ମଧୁସ୍ମିତା କର ପ୍ରମୁଖ ମଞ୍ଚାସୀନ ଥିଲେ।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୮ ବରିଷ୍ଠ ନାଗରିକଙ୍କ ପୁରୀ ଯାତ୍ରା



**ଜଳେଶ୍ୱର ବ୍ଲକ,୧୧।୩ (ସମିସ):** ଜଳେଶ୍ୱର ବ୍ଲକ ପକ୍ଷରୁ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ସାମିଲ ହୋଇ ଆରୁହା ପଞ୍ଚାୟତର ୮ ଜଣ ବରିଷ୍ଠ ନାଗରିକ ଆଜି ସକାଳ ୭ ଘଟିକା ସମୟରେ ଆରୁହା ପଞ୍ଚାୟତ ଠାରୁ ପୁରୀ ଅଭିମୁଖେ ବହାରି ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଗସ୍ତ କରିଛନ୍ତି। ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ତତ୍ତ୍ୱାବଧାନରେ ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ ପଞ୍ଚାୟତ ଅଫିସ ଠାରେ ୮ ଜଣ ବରିଷ୍ଠ ନାଗରିକ ସନ୍ତୋଷ କୁମାର ଭୂୟାଁ, ମଦନ ମୋହନ ସାମଲ, ଅନୁପମା ଦାସ ମହାପାତ୍ର, ବେଣୁଧର ବେହେରା, ରଘୁନାଥ ପ୍ରଧାନ, ନିଖିଲ କୁମାର ପ୍ରଧାନ, ଜଗନ୍ନାଥ ଚନ୍ଦ ଓ ସତ୍ୟ ନାରାୟଣ ଜେନାଙ୍କୁ ମସ୍ତକରେ ଚନ୍ଦନ ତିଳକ ଲେପନ କରି ଗଳାରେ ଫୁଲମାଳ ସହିତ ବନ୍ଧାପନା କରି ସମ୍ବର୍ଦ୍ଧନା ଜଣାଇ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ବିଦାୟ ଦେଇଥିଲେ। ଏହି ଅବସରରେ ପିଇଓ ଶଙ୍କର ନାରାୟଣ ସାହୁ,ଏଡିଇଓ ବିନୋଦ ବେହେରା, ପଞ୍ଚାୟତ ସମିତି ସଦସ୍ୟା ମଧୁମିତା ମାହାନ୍ତି, ପ୍ରାକ୍ତନ ସରପଞ୍ଚ ପ୍ରମିଳା ସାମଲ, ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର,ନାଏବ ସରପଞ୍ଚ ବରୁଣ କୁମାର ଜେନା, ଯୁବନେତା ଶ୍ରୀକଣ୍ଠ ମାହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁ, ଅକ୍ଷୟ କୁମାର ବେହେରା, ପିଅନ ଅଜୟ ସୁର ତଥା ୱାଡର୍ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ



**ଜଳେଶ୍ୱର, ୧୧।୩ (ସମିସ) :** ଜଳେଶ୍ୱର ନୂଆବଜାରସ୍ଥିତ ସୁନୀଲ କୁମାର ନାୟକ ବାସଭବନ ସମ୍ମିଳନୀ କକ୍ଷରେ ଜଳେଶ୍ୱର ଶାଖା ସଭାପତି କମଳ ଚକ୍ରବର୍ତ୍ତୀଙ୍କ ପୌରହିତ୍ୟରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ କରାଯାଇଛି। ୨୦୧୪ ମସିହାରେ ସରକାରୀ ସ୍ତରରେ ଫେବୃଆରୀ ୨୬ ଘୋଷଣା ହୋଇଥିଲା ପରେ ମାର୍ଚ୍ଚ ୧୧ ତାରିଖରୁ ସରକାର ବିଧିବଦ୍ଧ ଭାବେ ପାଳିତ ହୋଇଆସୁଛି। ପୂର୍ବରୁ ୬ଟି ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲା। ସମ୍ପାଦକ ସୁନୀଲ କୁମାର ନାୟକ, ପ୍ରାକ୍ତନ ଅଧ୍ୟାପିକା ସୁଷମା ରାଣୀ ଭୂୟାଁ, ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉପସଭାପତି ଅଜିତ କୁମାର ମହାନ୍ତି, ଉପସଭାପତି ଅଶୋକ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି, ସଦସ୍ୟ ସମରେଶ ଦିନ୍ଦା, ସହ ସମ୍ପାଦକ ହେମନ୍ତ ଗିରି, ଜ୍ଞାନେନ୍ଦ୍ର ନାଥ ଜେନା ଯୋଗଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧ୍ୟକ୍ଷ ରବିନ୍ଦ୍ରନାଥ ବାରିକ।

## କେ ସି ପିପିଲି କଲେଜରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ

**କାଳିପଦା, ୧୧।୩ (ସମିସ):** ବାଲିଆପାଳ ବ୍ଲକ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ବୁଧବାର ଓଡ଼ିଆ ଭାଷା ପରିଷଦ ପକ୍ଷରୁ ବିଭାଗ ମୁଖ୍ୟ ଡ. ଦୟାନିଧି ସାହୁଙ୍କ ପୌରହିତ୍ୟରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଡ. ମାନସୀ ସାହୁ ଯୋଗଦେଇ ଓଡ଼ିଆ ଭାଷାର ପୂରାତନ ତତ୍ତ୍ୱ ସମ୍ବନ୍ଧରେ ମତ ରଖିଥିବା ବେଳେ ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ପ୍ରଭାତ କୁମାର ଜେନା ଯୋଗଦେଇ ଶାସ୍ତ୍ରୀୟ ଭାଷାର ମାନ୍ୟତା କିପରି ଭାଷାକୁ ଉନ୍ନତି କରାଏ ସେ ସମ୍ବନ୍ଧରେ ନିଜସ୍ୱ ମତ ରଖିଥିଲେ। ଦୟାନିଧି ସାହୁ ଭିତ୍ତି



ପ୍ରବନ୍ଧ ପାଠ କରିଥିବା ବେଳେ ନମିତା ଗିରି, ସୁରେଶ ଗଙ୍ଗାଇ, ଲକ୍ଷ୍ମୀପ୍ରିୟା ପାତ୍ର, ଲିସାରାଣୀ, ରଶ୍ମିତା, ହରିପ୍ରିୟା ପରିଡା ଆଦି କବିତା ପାଠ କରିଥିଲେ। ୫ ଜଣ ପିଲା ପ୍ରବନ୍ଧ ପାଠ କରିଥିଲେ। ପୂରାତନ ଛାତ୍ରୀ ରଂଜିତା ବେହେରା, ଲକ୍ଷ୍ମୀପ୍ରିୟା ପରିଡା କବିତା ପଠନ କରିଥିଲେ। ଅଧ୍ୟାପିକା ସୁପ୍ରସିନୀ ବେହେରା ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବାବେଳେ ଅଧ୍ୟାପିକା ସସ୍ମିତା ସିଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁକାନ୍ତି ପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

## ଗାଁ ସାଥୀଙ୍କ ମନମୁଖୀ କାର୍ଯ୍ୟ ଅଭିଯୋଗ

**ଜଳେଶ୍ୱର ବ୍ଲକ, ୧୧।୩ (ସମିସ):** ଗ୍ରାମର କୌଣସି ସରକାରୀ ଯୋଜନା ସମ୍ପର୍କରେ ନ ଜଣାଇ ମନମୁଖୀ ଭାବେ ଗ୍ରାମ ପଞ୍ଚାୟତର ବିଭିନ୍ନ ପୁରୁଣା



ପୋଖରୀକୁ ଦେଖାଇ ଫାର୍ମ ଫଣ୍ଡ ମାଧ୍ୟମରେ ନିଜ ପରିଚିତ କାର୍ଯ୍ୟ କରୁ ନ ଥିବା ଲୋକଙ୍କ ଜବ କାର୍ଡକୁ ନିୟୋଜିତ କରି ମିଥ୍ୟା ବିଲ୍ ଦେଖାଇ ଅର୍ଥ ଆତ୍ମସାତ କରାଯିବାର ଅଭିଯୋଗ ଆଣିଛନ୍ତି ଜଳେଶ୍ୱର ବ୍ଲକ ବର୍ତ୍ତନା ଗ୍ରାମ ପଞ୍ଚାୟତର ଖରିଦା ଗ୍ରାମବାସୀ। ତପନ କୁମାର ସାମଲ ଗ୍ରାମ ସାଥୀ ସାଙ୍ଗକୁ ୨ ନମ୍ବର ୱାଡର୍ ସଭ୍ୟ ଏବଂ ବର୍ତ୍ତନା ସମବାୟ ସମିତିର ଜଣେ ଡ଼ାଇରେକ୍ଟର ଭାବରେ ରହିଥିବାରୁ ବିଭିନ୍ନ ସମୟରେ ସରକାରୀ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ଅବଗତ କରାଇବା ପରିବର୍ତ୍ତେ ସରକାରୀ ଯୋଜନା ନିଜ ନାମରେ କରାଇନେଇଛନ୍ତି ଯାହାକୁ ନେଇ ଆଜି ଖରିଦା ଗ୍ରାମର ଶ୍ରୀକାନ୍ତ ପ୍ରଧାନ, ପଚ ସାମଲ, ନବକୃଷ୍ଣ ସାମଲ, ରବିନ୍ଦ୍ର ପ୍ରଧାନ, ମଧୁସୂଦନ ଗିରି, ସୁରେଶ ଜେନା, ଉମାରାଣି ପାଲ, ରିନା ପାଲ, ସୁମିତ୍ରା ପାଲ, ପ୍ରମୁଖ ଅନେକ ଗ୍ରାମବାସୀ ଜଳେଶ୍ୱର ବିଡ଼ିଓଙ୍କୁ ଅଭିଯୋଗ କରି ଶ୍ରୀ ସାମଲଙ୍କୁ ତୁରନ୍ତ ଗାଁ ସାଥୀରୁ ବାହାର କରନ୍ତୁ ବୋଲି ଦାବି କରିଛନ୍ତି।

## ଔପଦା ଆଞ୍ଚଳିକ ମହୋତ୍ସବ ପକ୍ଷରୁ ରକ୍ତଦାନ ଶିବିର

**ଔପଦା,୧୧।୩ (ସମିସ):** ଔପଦା ଆଞ୍ଚଳିକ ମହୋତ୍ସବ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଔପଦା ଥାନା ଅଧିକାରୀ ପ୍ରମୋଦ କୁମାର ଦାସ ମୁଖ୍ୟ ଉଦ୍‌ଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସୂଚାରୁରୂପେ ପରିଚାଳିତ ହୋଇଥିଲା। ପ୍ରୋଗ୍ରାମ କୋଡିନେଟର ଜୟଶ୍ରୀ ବେହେରାଙ୍କ ସମେତ ଗୀତାଞ୍ଜଳି ବେହେରା, ଅଙ୍କିତ ପଣ୍ଡା, ନିରଞ୍ଜନ ପ୍ରସାଦ ବାରିକ, ଅଭିମନ୍ୟୁ ବେହେରା, ସୁଧାଂଶୁ ପଟ୍ଟନାୟକ, ମିହିର ବେହେରା, ଦିଲ୍ଲୀପ ମଲ୍ଲିକ, ସୁମନ୍ତ ପାତ୍ର, ଆଶୁତୋଷ ପଣ୍ଡା, ହରି ହର ମହଲା, ଜଗଦୀଶ ସାହୁ, ଆଶୁତୋଷ ନାୟକ, ବିଶ୍ୱ ରଞ୍ଜନ ବେହେରା, ସଞ୍ଜୟ ରାଉତ, ଅନିଲ ଜେନା, ରମେଶ ମହାକୁଡ଼, ଅରବିନ୍ଦ




ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସିବିସ୍ୱା ପାତ୍ର ଏବଂ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ମୁନି ସିଂ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ନରହରି ନାୟକ, ଉପଦେଷ୍ଟା ଭଗବାନ ଚରଣ ନାୟକ, କିଶୋରୀ ଚନ୍ଦ୍ର ପଣ୍ଡା ଓ ଅଭିମନ୍ୟୁ ପଣ୍ଡାଙ୍କ ମାର୍ଗଦର୍ଶନରେ ପ୍ରଧାନ, ବିସ୍ମୟ ପ୍ରଧାନ ଏବଂ ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବାଲେଶ୍ୱର ରକ୍ତ ଭଣ୍ଡାରରୁ ଦେବାଶିଷ ଦତ୍ତ, ଶୁଚିସ୍ମିତା ଦାସ, ଭାଗିରଥି ମାଝୀ, ସନ୍ତୋଷ ଜେନା ଔପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆଦିତ୍ୟ ନାରାୟଣ ପରିଡା ଓ ସହଯୋଗୀ ଏହି ରକ୍ତ ସଂଗ୍ରହ ପ୍ରକ୍ରିୟା ସମ୍ପାଦନ କରିଥିଲେ।

## ଦୁଇ ଟ୍ରାକ୍ଟର ଜବତ



**ବାଲିଆପାଳ, ୧୧।୩ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଇକଡପାଳ ପନ୍ତାଇ ଘାଟରୁ ପ୍ରତ୍ୟେକ ଦିନ ବାଲି ଚୋରା ଚାଲାଣ ହେଉଥିଲା। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ମଧ୍ୟ ବାଲି ମାଫିଆ ମାନେ ପ୍ରଶାସନକୁ ହାତବାରିସୀ କରି ରାତି ଦିନ ବାଲି ଲୁଟ୍ କରିଆସୁଥିଲେ। ବୁଧବାର ପୂର୍ବାହ୍ନରେ ଖଣି ବିଭାଗ ଅଧିକାରୀ ସତ୍ୟ ଚିନ୍ମୟ ଜେନା ଓ ତାଙ୍କ ଟିମ ପନ୍ତାଇ ଘାଟରେ ଚଢ଼ଉ କରିଥିଲେ। ବାଲି ଉଠାଉ ଥିବା ନୌକା ଗୁଡ଼ିକ ନଦୀ ଭିତରକୁ ପଳାଇ ଯାଇଥିବା ବେଳେ ଦୁଇଟି ଟ୍ରାକ୍ଟର ଜବତ କରି ବାଲିଆପାଳ ଥାନାରେ ଜିମା ଦେଇଛନ୍ତି। ସୁବର୍ଣ୍ଣ ରେଖା ନଦୀର ବିଭିନ୍ନ ସ୍ଥାନରୁ ବାଲି ଉତ୍ତୋଳନକୁ ବନ୍ଦ କରିବା ପାଇଁ ଖଣିଜ ସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ବାଲେଶ୍ୱର,୧୧।୩ (ସମିସ):** ବ୍ରହ୍ମା କୁମାରୀ ବାଲେଶ୍ୱର ଶାଖା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଆରମ୍ଭରେ ସ୍ନେହଲତା ଦାଶ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ବ୍ରହ୍ମାକୁମାରୀ ଶତାବ୍ଦୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପ୍ରସ୍ତୁତ ହୋଇଥିଲା ଏବଂ ପି. ଦିବ୍ୟାଂଶୀଙ୍କ ସ୍ୱାଗତ ନୃତ୍ୟ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ସୁଲଗ୍ନା ରେସିଡେନ୍ସିଆଲ୍ କଲେଜ୍‌ର ଅଧ୍ୟକ୍ଷା ବି. କେ. ମଧୁସ୍ମିତା, ଓଡ଼ିଶା ପ୍ରଶାସନିକ ସେବାର ଅଧିକାରିଣୀ କୁକୁମିନା ଦାସ, ପଦାର୍ଥ ବିଜ୍ଞାନ ବିଭାଗର ଏଚ୍‌ଓଡି ମୌସୁମୀ ଦାସ, ରାଜଯୋଗ ଶିକ୍ଷିକା ବି. କେ. ମିନତୀ, ଏଫ୍. ଏମ୍. ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପିକା ମିନତୀ ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ଜେଲ ଅଧୀକ୍ଷିକା ସୁଚିତ୍ରା ଦାସ ଓ କବି ଦିପ୍ତୀ ଦାସ ମହିଳାମାନଙ୍କ ଗୌରବ ଓ ସଶକ୍ତିକରଣ ବିଷୟରେ ଉଦ୍‌ବୋଧନ ଦେଇଥିଲେ।

## ଜମିଜମା ବିବାଦରୁ ଗଣ୍ଡଗୋଳ, ମହିଳା ଗିରଫ

**ସୋର, ୧୧।୩ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଛତ୍ରପୁର ଗ୍ରାମରେ ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ ଘଟଣାରେ ପୁଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ରାମର ସୋନି ବିବି ଏବଂ ପରବିନି ବିବି ମଧ୍ୟରେ ଜମିଜମା ବିବାଦକୁ ନେଇ ଗତ ଫେବୃଆରୀ ୨୭ ତାରିଖରେ ଗଣ୍ଡଗୋଳ ଲାଗିଥିଲା। ସୋନିଙ୍କ ମରଣାନ୍ତକ ଆକ୍ରମଣରେ ପରବିନ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ୨୦୪/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ପୁଲିସ ସୋନିକୁ ଗିରଫ ପରେ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚଳାଇଛି।

# ଉନ୍ନତ ସ୍ୱାସ୍ଥ୍ୟସେବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲା ଜାଗ୍ରତ ଜଳେଶ୍ୱର

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୧।୩ (ସମିସ)

ସାଧାରଣତଃ ଗେଟୱେ ଅଫ ଓଡ଼ିଶା କହିଲେ ଜଳେଶ୍ୱର ସହରକୁ ବୁଝାଇ ଥାଏ ଏବଂ ଜଳେଶ୍ୱର ସହର ପଡ଼ୋଶୀ ପଶ୍ଚିମବଙ୍ଗ ସୀମାନ୍ତରେ ଅବସ୍ଥିତ। ଏହି ସହର ପଶ୍ଚିମବଙ୍ଗର ମେଦିନୀପୁର ଜିଲ୍ଲାକୁ ଲାଗି ଜଳେଶ୍ୱର ଅଞ୍ଚଳ ଅବସ୍ଥିତ। ଏଠାରେ ୩୫ଟି ପଞ୍ଚାୟତ ମଧ୍ୟରୁ ୧୪ଟି ଆଦିବାସୀ ଅଧୁଷିତ ରାଇବଣିଆ ଅଞ୍ଚଳର। ଜଳେଶ୍ୱର ବ୍ଲକର ଜନସଂଖ୍ୟା ପ୍ରାୟ ୨ଲକ୍ଷ ୮୦ ହଜାର ବେଳେ ଏଥିରୁ ୧ ଲକ୍ଷ ୯୦ହଜାର ସୁବର୍ଣ୍ଣରେଖା ନଦୀର ପୂର୍ବପଟେ ୨୧ଟି ପଞ୍ଚାୟତରେ ବସବାସ କରୁଛନ୍ତି। ଜଳେଶ୍ୱର ବ୍ଲକ ଅଧୀନରେ ୧୦ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଥିଲାବେଳେ ଗୋପିକିଶନ ଭଟ୍ଟର ହସ୍ପିଟାଲ ଏ ଅଞ୍ଚଳ ଜନସାଧାରଣଙ୍କ ଦାବୀରେ ୧୯୭୮ ମସିହାରେ ଗଢ଼ି ଉଠିଥିଲା। ଏହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷିତ ହୋଇ ୧୦ ଜଣ ଡାକ୍ତର, ୧୩ଜଣ ନର୍ସ ରହିବାକୁ ଥିଲାବେଳେ ବହୁ ବିଭାଗରେ ଡାକ୍ତର ପଦବୀ ଖାଲି ପଡ଼ିଛି। ଶିଶୁ ରୋଗ ବିଶେଷଜ୍ଞ



କାର୍ଯ୍ୟରତ ଥିଲାବେଳେ ମେଡ଼ିସିନ, ସ୍ତ୍ରୀ ଓ ପ୍ରସୂତିବିଭାଗ, ଶଲ୍ୟ ଅସ୍ତ୍ରୋପଚାର, କାନ-ନାକ-ଆଖି ତଥା ନିସ୍ତେଜକ ଭଳି ଅତି ଗୁରୁତ୍ୱ ପୂର୍ଣ୍ଣ ବିଭାଗର ଡାକ୍ତର ନାହାନ୍ତି। ସେହିପରି ବହୁ ନର୍ସ, ଫାର୍ମାଶିଷ୍ଟ, ଟେକ୍ନିସିଆନ ପଦବୀ ମଧ୍ୟ ଖାଲି ପଡ଼ିଛି। ଶିଶୁ ଓ ମାତୃମଙ୍ଗଳ ବିଭାଗ ପକ୍ଷରୁ ନିର୍ମିତ ଭବନଟି ବିଶେଷ ରୋଗୀଙ୍କ ଉପକାରରେ ଲାଗି ପାରୁନାହିଁ। ପ୍ରତିଦିନ ୪୦୦ରୁ ଅଧିକ ରୋଗୀ ଚିକିତ୍ସା ଲାଗି ଆସୁଥିଲାବେଳେ ଜରୁରୀ ସେବା ଦିଆଯାଇ ପାରୁନାହିଁ। ବହୁରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଉଛି। ଗୋପିକିଶନ ଭଟ୍ଟର ସମ୍ମୁଖ ଦେଇ ୬୦ ନମ୍ବର ଜାତୀୟ ରାଜପଥ (ବାଲେଶ୍ୱର ରୁ ଖଡଗପୁର) ଓ ୮୭ ରାଜ୍ୟ ରାଜପଥ (ଜଳେଶ୍ୱର ରୁ ଦୀଘା) ରହିଛି। ପ୍ରତିମାସକୁ ପ୍ରାୟ ୧୦୦ଟି ଦୁର୍ଘଟଣା ଜନିତ ଘଟଣାରେ ଦୁର୍ଘଟଣା ଜନିତ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। କିନ୍ତୁ ଚିକିତ୍ସା ଲାଗି ଟ୍ରମା ସେଣ୍ଟରଟିଏ ନାହିଁ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକ ବ୍ୟତୀତ ପଶ୍ଚିମବଙ୍ଗର ଦାନ୍ତୁନ, ରାମନଗର, ଏଗ୍ରା ବ୍ଲକ ଅଞ୍ଚଳର ରୋଗୀ ଏଠାକୁ ଚିକିତ୍ସା ଲାଗି ଆସିଥାଆନ୍ତି। ଏହା ଏକ 'ରେଫେରାଲ ୟୁନିଟ' କାର୍ଯ୍ୟ କରିଆସୁଅଛି। ରକ୍ତ ଭଣ୍ଡାରର ଏକ ୟୁନିଟ ଏଠାରେ ଥିଲାବେଳେ ତାହା ରୋଗୀଙ୍କ ସେବାରେ ଲାଗି ପାରୁନାହିଁ। ଗୋପିକିଶନ ଭଟ୍ଟରରେ ସମସ୍ତ ରକ୍ତ ପରୀକ୍ଷା, ଏକ୍ସରେ, ଇସିଜି, ଅଲଟ୍ରାସାଉଣ୍ଡ ଭଳି ପରୀକ୍ଷାଗୁଡ଼ିକ ୨୪ ଘଣ୍ଟିଆ ଜରୁରୀ ସେବାରେ ସି.ଟି. ସ୍କାନ ଓ ଟ୍ରମା କେୟାରସେଣ୍ଟର ଖୋଲିବାର ଆବଶ୍ୟକତା ରହିଛି। ଗୋପିକିଶନ ଭଟ୍ଟର ଓ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ନିୟମ ଅନୁଯାୟୀ ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀ ପଦବୀ ପୂରଣ ଓ ଏକ ନୂତନ ଶବ ବ୍ୟବଚ୍ଛେଦ କେନ୍ଦ୍ର ଖୋଲିବା ସହିତ ଚିକିତ୍ସା ସେବା ଯୋଗାଇ ଦେବାକୁ ଜାଗ୍ରତ ଜଳେଶ୍ୱର ନିବେଦନ କରିଛି। ଅପ୍ ଗ୍ରେଡେସନର ବ୍ୟବସ୍ଥା ହୋଇ ସ୍ପେଶାଲିଷ୍ଟ ଡାକ୍ତରମାନଙ୍କୁ ଜାଗ୍ରତ ଜଳେଶ୍ୱର ଚେୟାରମ୍ୟାନ କମଲ ଲୋଚନ ମହାପାତ୍ର, ସିପ୍ରା ବାଜପେୟୀ, ସତ୍ୟ ଶଭନ ମିଶ୍ର, ସଂଗ୍ରାମ କେଶରୀ ପରିଡା, ପ୍ରଣବ କୁମାର ପଣ୍ଡା, ସମର କରଣ, ରବୀନ୍ଦ୍ର କୁମାର ପାତ୍ର ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଭଞ୍ଜସେନା ପକ୍ଷରୁ ଶାସକ ଦଳ ପ୍ରତିନିଧିଙ୍କୁ ଖୋଲାପତ୍ର

## ମୟୂରଭଞ୍ଜର ଦାବି ସଂସଦ ଓ ବିଧାନସଭାରେ ଉପସ୍ଥାପନ ପାଇଁ ଅନୁରୋଧ


ବାରିପଦା, ୧୧।୩(ସମିସ)



ମୟୂରଭଞ୍ଜ ଜିଲ୍ଲାର ଅଣରାଜନୈତିକ ସାମାଜିକ ସଂଗଠନ ଭଞ୍ଜସେନା ଦୀର୍ଘ ୨୮ ବର୍ଷ ଧରି ଜିଲ୍ଲାର ବିଭିନ୍ନ ସମସ୍ୟା ପାଇଁ ସ୍ୱର ଉଠାଇ ଆସିଛି। ସଂଗଠନ ପକ୍ଷରୁ ବର୍ତ୍ତମାନ ଶାସକ ଡବଲ ଇଞ୍ଜିନ ସରକାରଙ୍କ ସାଂସଦ ଓ ବିଧାୟକ/ବିଧାୟିକାଙ୍କୁ ଏକ ଖୋଲାପତ୍ର ମାଧ୍ୟମରେ ବେକାରୀ, ପର୍ଯ୍ୟଟନ ବିକାଶ, ଶିମିଳିପାଳର ସୁରକ୍ଷା ଓ ହସ୍ତଶିଳ୍ପ-ବନ୍ୟଜାତ ଦ୍ରବ୍ୟର ବ୍ୟବସାୟୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଚଳିତ ସଂସଦ ଓ ବିଧାନସଭା ଅଧିବେଶନରେ ଉପସ୍ଥାପନ ପାଇଁ ଅନୁରୋଧ ପୂର୍ବକ ଭୁବନେଶ୍ୱରରେ ଭେଟି ପ୍ରଦାନ କରାଯାଇଛି।

ସଂଗଠନ ପକ୍ଷରୁ ଦର୍ଶାଯାଇଛି ଯେ ଜିଲ୍ଲାରେ ବେକାରୀ ସମସ୍ୟା ଚରମରେ ପହଞ୍ଚିଛି। ଶିକ୍ଷିତ ଯୁବକ-ଯୁବତୀ ହତାଶ ହୋଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି, ଯାହା ଅନେକ ଅତ୍ୟାଚାର ଓ ମୃତ୍ୟୁର କାରଣ ହେଉଛି। ଜିଲ୍ଲାର ୫୦%ରୁ ଅଧିକ ଲୋକ ଚାଷ, ବନ୍ୟଜାତ ଦ୍ରବ୍ୟ ଓ ହସ୍ତଶିଳ୍ପରେ ନିର୍ଭର କରୁଥିବା ସତ୍ତ୍ୱେ ଉଚିତ ବଜାର ଓ ବ୍ୟବସାୟୀକରଣ ଅଭାବରୁ ଦୁର୍ଦ୍ଦଶାରେ ପଡ଼ିଛନ୍ତି। ଏଣୁ ଜାତୀୟ ଉଦ୍ୟାନ ଶିମିପାଳର ସୁରକ୍ଷା ପାଇଁ ବାଘ ଓ ଅନ୍ୟ ଜୀବଜନ୍ତୁ ଶିକାର, ମୂଲ୍ୟବାନ ବୃକ୍ଷ କଟା, ନିଶାଦ୍ରବ୍ୟ ଚାଷ ଓ ଚୋରା ପଥର ଚାଲାଣ ବନ୍ଦ କରି ଶକ୍ତ ସୁରକ୍ଷା ଯୋଜନା ସହ କେନ୍ଦ୍ରର 'ଦର୍ଶନ-୨' ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ଫଳରେ ପର୍ଯ୍ୟଟନ ବିକାଶ ସମ୍ଭବ ହେବ। ଶିମିଳିପାଳ ଓ ଅନ୍ୟ ପ୍ରାକୃତିକ-ଐତିହ୍ୟସ୍ଥଳୀରେ ଉନ୍ନତ ପରିବେଶ, ଶୌଚାଳୟ, ବିଶ୍ରାମକକ୍ଷ, ସ୍ଥାନୀୟ ଖାଦ୍ୟ ଓ କଳା ଗ୍ୟାଲେରୀ ବ୍ୟବସ୍ଥା କରି ସ୍ଥାନୀୟ ଯୁବକଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇପାରିବ। ସେହିପରି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରାଯାଇ କେସନା ଗ୍ରାମକୁ ଶିଳ୍ପୀ ଗ୍ରାମ ମାନ୍ୟତା ଦିଆଗଲେ, କଳା ମୁଗୁନି ପଥରର ହସ୍ତକଳାର ଜାତୀୟ-ଆନ୍ତର୍ଜାତୀୟ ବଜାରରେ ପ୍ରଚାର ହୋଇପାରିବ। ସେହିପରି ବନ୍ୟଜାତ ଦ୍ରବ୍ୟର ବ୍ୟବସାୟୀକରଣ ଦ୍ୱାରା ଶାଳପତ୍ର, ବାଉଁଶ, ମହୁଲ, ସବାଇ ଘାସ ଆଦିରୁ କୁଟୀର ଶିଳ୍ପ ପ୍ରୋତ୍ସାହନ, ଟସର ବୟନ, ଢୋକ୍ରା ଶିଳ୍ପ ଓ ଆଦିବାସୀ ପୋଷାକର ବଜାର ବ୍ୟବସ୍ଥା ସହ ନୂତନ ଉଦ୍ୟୋଗ ସ୍ଥାପନ ଏବଂ ଜିଲ୍ଲାରେ ମଧ୍ୟମ ଧରଣର ସରକାରୀ ଉଦ୍ୟୋଗ ଘୋଷଣା କରି ରୋଜଗାର ସୃଷ୍ଟି ସମ୍ଭବ। ଭଞ୍ଜସେନା ପକ୍ଷରୁ କୁହାଯାଇଛି ଯେ ଗତ ନିର୍ବାଚନରେ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକ ଭାବେ ବିଜେପି ଦଳର ପ୍ରାର୍ଥୀଙ୍କୁ ଜନତା ଐତିହାସିକ ବିଜୟ ଦେଇଥିଲେ ମଧ୍ୟ ବିଗତ ୨ ବର୍ଷରେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ସଂଗଠନ ବିଧାନସଭା ଓ ସଂସଦ ଅଧିବେଶନରେ ଏହି ଦାବିଗୁଡ଼ିକୁ ଦୃଢ଼ଭାବେ ଉପସ୍ଥାପନ କରିବାକୁ ନିର୍ବାଚିତ ପ୍ରତିନିଧିଙ୍କୁ ନିବେଦନ କରିଛନ୍ତି। ଜିଲ୍ଲାବାସୀଙ୍କ ନ୍ୟାୟଯୁକ୍ତ ଦାବି ପୂରଣ ପାଇଁ ଯଥାଶୀଘ୍ର ତତ୍ପରତା ଦାବି କରାଯାଇଛି।

# ବେଆଇନ ହାଇୱା ଜବତ, ଚାଳକ ଗିରଫ



ବୈଶିଙ୍ଗା, ୧୧।୩(ସମିସ): ବୈଶିଙ୍ଗା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଏକ ଚୋରା ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି। ଦିନକୁ ଦିନ ବାଲି ଓ ମୋରମ ଭଳି ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ବ୍ୟାପକ ମାତ୍ରାରେ ବଢି ଚାଲିଥିବା ବେଳେ ଖଣି ବିଭାଗ ଅଧିକାରୀମାନେ ମାଫିଆଙ୍କ ସହ ସଲାସୁତୁରା ଯୋଗୁଁ ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପୁଲିସ ପକ୍ଷରୁ ଏହି ଚଢ଼ଉ କରାଯାଇ ମଙ୍ଗଳବାର ସନ୍ଧ୍ୟାରେ ହାଇୱା (ଓଡ଼ି ୨୨ୱାଇ ୯୪୪୨)କୁ ଜବତ କରାଯିବା ସହ ଏହାର ଚାଳକ ପରିମଳ ଜେନା (୪୮)କୁ ଗିରଫ କରାଯାଇଛି। ପ୍ରକାଶଥାଉ କି, ଦିନ ରାତି ବୁଢାବଳଙ୍ଗ ନଦୀ ପଠାରୁ ବାଲି ଓ ଡାହିସାହି ଅଞ୍ଚଳରୁ ମୋରମ ଉତ୍ତୋଳନ କରି ବାହାର ରାଜ୍ୟକୁ ପଠାଇ ଚାଲିଥିବା ଅଭିଯୋଗ ହେଉଛି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ରାଇରଙ୍ଗପୁର/କରଞ୍ଜିଆ, ୧୧।୩ (ସମିସ): ଅଜଣା ଟ୍ରକ ଦୁର୍ଘଟଣାରେ ରରୁଆଁ ଥାନା ଅନ୍ତର୍ଗତ ଶରଧା ଗ୍ରାମର ବିରେନ୍ଦ୍ର ନାଏକଙ୍କ ମୃତ୍ୟୁ ଘଟିଛି। ସେ ଭୋର ସମୟରେ ପରିସ୍ରା ନିମନ୍ତେ ରାସ୍ତାକଡ଼କୁ ଯାଇଥିବା ବେଳେ ଏକ ଦ୍ରୁତଗାମୀ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବାରୁ ଭାରସାମ୍ୟ ହରାଇ ପଡ଼ି ଯାଇଥିଲେ। ଯାହାଫଳରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜିନ୍ଦଲ ହାତକୁ ଗଲା ରେଙ୍ଗାଲବେଡ଼ା ପଶ୍ଚିମ ନୂଆଗାଁ ଖଣି

ଯୋଡ଼ା, ୧୧।୩(ସମିସ): ରେଙ୍ଗାଲବେଡ଼ା ଉତ୍ତର-ପୂର୍ବ ସମ୍ପ୍ରସାରଣ ଏବଂ ନୂଆଗାଁ ପଶ୍ଚିମ ଆଇରନ୍ ଓର ବ୍ଲକର ପ୍ରମୁଖ ଖଣିଜ ବ୍ଲକ ପାଇଁ ଅନଲାଇନ୍ ନିଲାମ ବୁଧବାର ୧୦୪.୪୦ ପ୍ରତିଶତ ପ୍ରିମିୟମରେ ଆରମ୍ଭ ହୋଇଥିଲା। ଜିନ୍ଦଲ ଷ୍ଟିଲ ଲିମିଟେଡ ସହିତ ଅନଲାଇନ୍ ନିଲାମ ଶେଷ ହେବା ପରେ ୧୧୧.୧୫ ପ୍ରତିଶତ ପ୍ରିମିୟମରେ ବନ୍ଦ ହୋଇଯାଇଥିଲା। ନିଲାମ ଅନେକ ଘଣ୍ଟା ଧରି ଚାଲିଥିଲା। ନିଲାମ ଶେଷ ହେବା ପରେ ଅନ୍ତିମ ବିଡର ଘୋଷଣା କରାଯାଇଥିଲା। ରେଙ୍ଗାଲବେଡା ଉତ୍ତର-ପୂର୍ବ (ଘର) ସମ୍ପ୍ରସାରଣ ଏବଂ ନୂଆଗାଁ ପଶ୍ଚିମ ହେଉଛି ଓଡିଶାର କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ଲୁହାପଥର ଖଣି। ଏହି ଖଣିଟିରେ ୩୭.୯୫ ନିୟୁତ ଟନ ପରିମାଣର ୫୭.୮୭ ପ୍ରତିଶତ ଲୌହ ଅଂଶ ଥିବା ଲୁହାପଥର ରହିଛି। ୨୪.୨୦୩ ହେକ୍ଟର ପରିମିତ ଏହି ଖଣିଟି ହାତେଇବା ପାଇଁ ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ ନିଲାମ ଦୌଡ଼ରେ ରହିଥିଲେ। ସମସ୍ତଙ୍କୁ ପଛରେ ପକାଇ ଜିନ୍ଦଲ ଖଣିଟିକୁ ହାତେଇ ନେଇଛି। ସେହିପରି ମଙ୍ଗଳବାର ମଧ୍ୟ ଜିନ୍ଦଲ ଠାକୁରାଣୀ ଖଣିଟି ହାତେଇବାରେ ସଫଳ ହୋଇଛି। ତେବେ ଜିନ୍ଦଲ ପାଇଥିବା ଖଣି ସମୂହ ମଧ୍ୟରେ ଏହା ପଞ୍ଚମ ଖଣି ବୋଲି ଜଣାପଡିଥିବାବେଳେ ଗତକାଲି ଏହି ନିଲାମ ପ୍ରକ୍ରିୟାରେ ଜିନ୍ଦଲ ହାତକୁ ଯାଇଛି ଠାକୁରାଣୀ-ଏ ଖଣି। ଏହି ଖଣିକୁ ନିଲାମ ପ୍ରକ୍ରିୟାରେ ୧୦୧.୦୫ ପ୍ରତିଶତ ପ୍ରିମିୟମରେ ନେଇଥିବା ଜଣାପଡିଛି।

# ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ବହଳଦା ବ୍ଲକ୍ ଗସ୍ତ

ରାଇରଙ୍ଗପୁର, ୧୧।୩(ସମିସ): ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ, ଅକ୍ଷୟ କୁମାର ବେହେରା ଓ ପ୍ରିୟବ୍ରତ ସାମନ୍ତରାୟ ଜିଲ୍ଲା ଗସ୍ତ ଅବସରରେ ବୁଧବାର ବହଳଦା ବ୍ଲକ ଗସ୍ତ କରିଛନ୍ତି। ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ବ୍ଲକର ବିଭିନ୍ନ ସ୍ଥାନର ଅଙ୍ଗନବାଡି କେନ୍ଦ୍ରଗୁଡିକ ପରିଦର୍ଶନ କରି ଶୁଦ୍ଧ ପାନୀୟଜଳ, ବିଜୁଳି ସଂଯୋଗ ଓ ଉପଯୁକ୍ତ ଶୌଚାଳୟର ସୁବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହଷ୍ଟେଲଗୁଡିକରେ ସୁଷମ ରନ୍ଧା ଖାଦ୍ୟ ଯୋଗାଇବା ଓ ଭତ୍ତା ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେବାପାଇଁ ପରାମର୍ଶ ଦେଇଥିଲେ। ନିୟମିତ ବ୍ୟବଧାନରେ ଅଙ୍ଗନବାଡି କେନ୍ଦ୍ର ଅନୁଧ୍ୟାନ କରିବାକୁ କହିଥିଲେ। ଏହାସହିତ ଏସଏସଡି ବିଦ୍ୟାଳୟ ଓ ଅନ୍ୟ ଅଙ୍ଗନବାଡି କେନ୍ଦ୍ର ବୁଲି ପିଲାମାନଙ୍କ ସହିତ ଭାବ ବିନିମୟ କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟକାରି ହେଉଥିବା ମଧ୍ୟାହ୍ନ ଭୋଜନ, ସ୍ୱତନ୍ତ୍ର ପୋଷଣ, ମା' ଓ ଶିଶୁଙ୍କ ରକ୍ତହୀନତା ରୋଗ ଦୂରୀକରଣ ପାଇଁ ଅମ୍ଳାନ ଯୋଜନା, ମା' ଓ ଶିଶୁ ମାନଙ୍କୁ କୁପୋଷଣରୁ ରକ୍ଷା ପାଇଁ ନ୍ୟୁଟ୍ରି ଗାର୍ଡେନର କାର୍ଯ୍ୟକାରିତା, ସେହିପରି ୬ମାସରୁ ୩ବର୍ଷ ଶିଶୁ, ଗର୍ଭବତୀ ମହିଳା, ୩ବର୍ଷ ରୁ ୬ବର୍ଷ କମ ଓଜନର ଶିଶୁ ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପୁଷ୍ଟି ହୀନତା ଦୂର ପାଇଁ କାର୍ଯ୍ୟକାରି ହେଉଥିବା ପୁଷ୍ଟିକର ଖାଦ୍ୟ ଘରକୁ ଯୋଗାଇଦେବା (ଟିଏଚଆର) ଟେକ ହୋମ ରାସନ ବ୍ୟବସ୍ଥାରେ ଇଚିଣ୍ଡାସ୍ଥିତ ଛତୁଆ ଉତ୍ପାଦନ ୟୁନିଟ ନିରୀକ୍ଷଣ କରିଥିଲେ।

# ରାସ୍ତାରେ ଜଳିଗଲା ବାଇକ୍



ରାଇରଙ୍ଗପୁର, ୧୧।୩(ସମିସ): ରାସ୍ତାରେ ଚଳନ୍ତା ବାଇକରେ ନିଆଁ ଲାଗିଲା। ଅଳ୍ପକେ ବାଇକ ଚାଳକ ରକ୍ଷା ପାଇ ଯାଇଛନ୍ତି। ରାଇରଙ୍ଗପୁର ସହର ଅଁଳାଡୁବାଠାରେ ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଯୁବକ ଜଣକ ସମ୍ପର୍କୀୟ ଭରଣ୍ଡିଆ ଗ୍ରାମରୁ ରାଇରଙ୍ଗପୁର ପଟକୁ ଯାଉଥିବା ବେଳେ କୌଣସି କାରଣରୁ ହଠାତ୍ ବାଇକରେ ନିଆଁ ଲାଗି ଯାଇଥିଲା। ଅଳ୍ପ ସମୟ ମଧ୍ୟରେ ହୁତୁହୁତୁ ହୋଇ ଜଳିବାକୁ ଲାଗିଲା ବାଇକ। ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ନିଆଁ ଲିଭା କାର୍ଯ୍ୟ ଜାରି ରଖିଥିଲେ। ତେବେ, ଅଗ୍ନିଶମ ବିଭାଗ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ବାସିନ୍ଦା ନିଆଁ ଲିଭାଇ ଦେଇଥିଲେ। ବାଇକଟି ସମ୍ପୂର୍ଣ୍ଣ ଜଳି ଯାଇଛି।

# ତାଲା ବନ୍ଦ ଘରୁ ଚୋରି

ରାଇରଙ୍ଗପୁର, ୧୧।୩ (ସମିସ): ତାଲା ବନ୍ଦ ଘରୁ ଚୋରି ହୋଇଛି। ଏନେଇ ନରକ୍ଷଣ୍ଡ ଗ୍ରାମର ଅଭିଳାଷ ଗିରି ଘାଗରବେଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ପରିବାର ଲୋକଙ୍କ ସହ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘରକୁ ଦୁର୍ବୃତ୍ତମାନେ ପ୍ରବେଶ କରି ଆଲମାରୀ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ୨୦,୦୦୦ ଟଙ୍କା ଚୋରି କରିଛନ୍ତି। ସେ ଘରକୁ ଫେରିବା ବେଳେ ଦୁର୍ବୃତ୍ତଙ୍କୁ ଧରିବାରେ ଅସମର୍ଥ ହୋଇଥିଲେ। ଘଟଣା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

# ପ୍ରାଣୀ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର




ବାରିପଦା, ୧୧।୩(ସମିସ): ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ଡ. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଇଗଣବାଡିଆ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ଧଳ 'ଜେନେଟିକ ଡିଜିସ' ସନ୍ଦର୍ଭରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଭାଗର ମୁଖ୍ୟ ଅଧ୍ୟାପିକା ସୁଶ୍ରୀ ରଶ୍ମି ଭଞ୍ଜ ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସୁଶ୍ରୀ ପଲ୍ଲବୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଗବେଷଣାଗାର ପରିଚାଳକ ମୃତ୍ୟୁଞ୍ଜୟ ଦାସମହାପାତ୍ର ଏବଂ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ମୁଖ୍ୟଅତିଥି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଅର୍ପଣ କରିଥିଲେ।

# ହାଇଡ୍ରୋସିଲ ରୋଗୀଙ୍କ ଅସ୍ତ୍ରୋପଚାର ଶିବିର



ରାଇରଙ୍ଗପୁର, ୧୧।୩ (ସମିସ): ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଫାଇଲେରିଆ ରୋଗର ନିରାକରଣ ଅଭିଯାନ ପରିପ୍ରେକ୍ଷୀରେ ହାଇଡ୍ରୋସିଲ ରୋଗୀଙ୍କ ନିମନ୍ତେ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଲେପ୍ରା ସୋସାଇଟି ମିଳିତ ଅନୁକୂଳ୍ୟରେ ଶିବିରକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ଦାଶ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ଼ା ରବୀନ୍ଦ୍ର କୁମାର ମାର୍ଣ୍ଡି ପରିଚାଳନା କରିଥିଲେ। ଶିବିରରେ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡ଼ା ସତ୍ୟପ୍ରକାଶ ଧଳ, ଡା ଚିନ୍ମୟ କୁମାର ଦଳେଇ, ଆନାସ୍ଥାସିଆ ବିଶେଷଜ୍ଞ ଡ଼ା ସତ୍ୟଜିତ ନିହାର ସିଂ, ମେଡିକାଲ ଅଫିସର ଡ଼ା ଦେବେନ୍ଦ୍ର ନାଥ ଟୁଡୁଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୮ ଜଣ ରୋଗୀଙ୍କୁ ମାଗଣାରେ ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଲେପ୍ରା ସୋସାଇଟିର ପ୍ରକଳ୍ପ ଅଧିକାରୀ ପ୍ରହଲ୍ଲାଦ ମଙ୍ଗରାଜ, ହସ୍ପିଟାଲ ପରିଚାଳକ ଆଲୋକ କୁମାର ଗୋଛାୟତ, ନର୍ସିଂ ଅଫିସର ସବିତା ଷଡଙ୍ଗୀ, ଫାର୍ମାସିଷ୍ଟ ପ୍ରିୟମ ସିଂ, ପରିଚାରକ ପବିତ୍ର ବେହେରା, ସରସ୍ୱତୀ ବାରିକ, ସଫେଇ କର୍ମଚାରୀ ଅଜୟ କାରୁଆ ସହଯୋଗ କରିଥିଲେ।

## ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବିରୋଧରେ ଅଭିଯୋଗ

# ସ୍ପଷ୍ଟୀକରଣ ଦେଲେ ବ୍ଲକ୍ ଅଧିକାରୀ

ରାଇରଙ୍ଗପୁର, ୧୧।୩(ସମିସ): ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିରୋଧରେ ସଙ୍ଗୀନ ଅଭିଯୋଗ ଘଟଣା ନେଇ ବ୍ଲକ ଅଧିକାରୀ ସ୍ପଷ୍ଟୀକରଣ ଦେଇଛନ୍ତି। ହଷ୍ଟେଲ ଚାନ୍ଦା ଆଦାୟକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିବା ବେଳେ ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ଓ ସୁପରିକଳ୍ପିତ ବୋଲି ବିଜତଳା ବ୍ଲକ ସମ୍ପ୍ରସାରଣ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ବିଜାତଳା ବ୍ଲକରେ ଥିବା ୧୦୦ ଓ ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲରୁ ଚାନ୍ଦା ଆଦାୟ ହୁଏନାହିଁ ବୋଲି ବ୍ଲକ ଅନେକ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ତଥା ଅଧୀକ୍ଷକମାନେ ଲିଖିତ ଭାବରେ ଜଣାଇଛନ୍ତି। କିଛି ନ୍ୟସ୍ତ ସ୍ୱାର୍ଥବିଶିଷ୍ଟ ଲୋକ ମୋତେ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି ବୋଲି ମତ ପ୍ରକାଶ କରିଛନ୍ତି। ବ୍ଲକରେ ବିଭିନ୍ନ ହଷ୍ଟେଲକୁ ପରିଦର୍ଶନରେ ଯାଇ ଛାତ୍ରଛାତ୍ରୀଙ୍କ ପାଠ ପଢିବା ସହିତ ଶରୀର ସୁସ୍ଥ ରଖିବା ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ସବୁବେଳେ ଗୁରୁତ୍ୱାରୋପ ପ୍ରଦାନ କରିଆସିଛି। ଯାହାଦ୍ୱାରା କି ଛାତ୍ରୀ ନିବାସ ଛାତ୍ରୀମାନେ ଅନେକ ସମୟରେ ଜିଲ୍ଲା ଓ ଜାତୀୟ ସ୍ତରରେ ବିଭିନ୍ନ ଜାଗାରେ ପୁରସ୍କୃତ ହୋଇଛନ୍ତି। ଏତଦ୍ୱାରା ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସମସ୍ତ ଯୋଜନାକୁ କିପରି ଭାବେ ସୁଫଳ ପାଇବେ ସେଥିପ୍ରତି ମଧ୍ୟ ମୁଁ ଦାୟିତ୍ୱବାନ ସହ କାର୍ଯ୍ୟ କରିଆସୁଛି। ମୋ ବିରୁଦ୍ଧରେ ସମ୍ପୂର୍ଣ୍ଣ କପୋଳକଳ୍ପିତ ଷଡଯନ୍ତ୍ର କରାଯାଉଛି ବୋଲି ପ୍ରକାଶ କରାଯାଇଛି। ମୋର ସମ୍ପୂର୍ଣ୍ଣ ଭାବରେ ବିଭାଗ ଓ ନିରପେକ୍ଷ ତଦନ୍ତ ଉପରେ ଭରସା ରହିଛି ବୋଲି ମତପ୍ରକାଶ କରିଛନ୍ତି।

# ଇଷ୍ଟଇଣ୍ଡିଆ ଜୋନ୍‌ରୁ ମୟୂରଭଞ୍ଜକୁ ପେନଚାକ୍ ସିଲଟ ସଫଳତା



କରଞ୍ଜିଆ, ୧୧।୩(ସମିସ): ଇଷ୍ଟଜୋନ୍ ଅସ୍ମିତା ଖେଲ ଇଣ୍ଡିଆ ଲିଗ ଚଳିତ ମାସ ୭ ତାରିଖ ଏବଂ ୮ ତାରିଖ ଝାରସୁଗୁଡାରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାର ଯୁବ ଓ କ୍ରୀଡା ମନ୍ତ୍ରାଳୟ ସହଯୋଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ରାଜ୍ୟରୁ ପ୍ରାୟ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ କରଞ୍ଜିଆ ଅଞ୍ଚଳର ପେନଚାକ୍ ସିଲଟ ପ୍ରତିଯୋଗୀମାନେ ଖୁବ ଭଲ ପ୍ରଦର୍ଶନ କରିଛନ୍ତି। ତନ୍ମଧ୍ୟରୁ ଉମାବତୀ ପାତ୍ର, ଗାୟତ୍ରୀ ବଦ୍ରା, ଭାଗ୍ୟଶ୍ରୀ ମହାନ୍ତ, ସମୀକ୍ଷା ପ୍ରିୟଦର୍ଶିନୀ ମହାନ୍ତ, ଅନୁଷ୍କା ପ୍ରିୟା ନାୟକ, ଭାଗ୍ୟଲକ୍ଷ୍ମୀ ସୋରେନ ଦଳଗତ ଭାବେ ୧୧ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୪ ଜଣ ଦଳଗତ ଭାବେ ୫ଟି ରୌପ୍ୟ ପଦକ ହାସଲ କରିଛନ୍ତି। ଦୀକ୍ଷା ଦୀପଶିଖା ମହାକୁଡ଼, ନିରଞ୍ଜନା ବେହେରା, ଦିଶା ମହାନ୍ତ ଦଳଗତ ଭାବେ ୧୧ଟି କାଂସ୍ୟ ପଦକ ହାସଲ କରି କରଞ୍ଜିଆ ଅଞ୍ଚଳ ତଥା ଓଡ଼ିଶାର ମଧ୍ୟ ଗୌରବ ରଖିଛନ୍ତି। ସଫଳତା ପଛରେ ପିଲାମାନେ ତଥା ଅଭିଭାବକମାନେ କୋଚ ଉମାବତୀ ପାତ୍ର ଏବଂ ଗୁରୁ ଆଶିଷ ରଞ୍ଜନ ମହାନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନିଲମ୍ବିତହେଲେ ଫାୟାରମ୍ୟାନ୍



ତୁରୁମୁଙ୍ଗା, ୧୧।୩(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକୁ ଅସମ୍ମାନ କରି ପାଟଣା ଅଗ୍ନିଶମ କାର୍ଯ୍ୟାଳୟର କାର୍ଯ୍ୟରତ ଫାୟାରମ୍ୟାନ ରାକେଶ ପଣ୍ଡା ନିଲମ୍ବିତ ହୋଇଛନ୍ତି। ଗତ ମାର୍ଚ୍ଚ ୩ ତାରିଖରେ ସଦର ନିର୍ବାଚନମଣ୍ଡଳୀ କୁମୁଲାବାହାଲି ଗ୍ରାମର ଏକ ଶାଳ ଗଛରେ ନିଆଁ ଲାଗିଥିଲା। ପାଟଣା ଅଗ୍ନିଶମ ବାହିନୀ ଦମକଳ ଗାଡ଼ି ନେଇ ନିଆଁ ଲିଭାଇବାକୁ ଯାଇଥିଲେ। କାଠବାରି ଗ୍ରାମର ଦିନେଶ ମହାନ୍ତ ନିଆଁ ଲିଭା ଗାଡ଼ିକୁ ଗଛ ନିକଟକୁ ଆଣିବାକୁ କହିଥିଲେ। ରାକେଶ ରାସ୍ତାରେ ଏକ ଗାଡ଼ ଥିବାରୁ ଗାଡ଼ିଟି ସେ ସ୍ଥାନକୁ ଯାଇପାରିବ ନାହିଁ ବୋଲି କହି ପାଇପ ଲଗାଇ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏହାପରେ ଦିନେଶ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଫୋନ ଲଗାଇ ରାକେଶଙ୍କୁ ଦେଇଥିଲେ। ରାକେଶ ମୁଖ୍ୟମନ୍ତ୍ରୀ ଫୋନରେ ଥିବା କଥାକୁ ବିଶ୍ୱାସ ନ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନି ନଥିଲେ। ଏହାପରେ ତାଙ୍କୁ ନିଲମ୍ବନ କରାଯାଇଥିବା ପାଟଣା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଗୌରହରୀ ହେମ୍ବ୍ରମ କହିଛନ୍ତି।

# ତଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାଉଳ ବିକ୍ରି ଅଭିଯୋଗ

ତେଲକୋଇ, ୧୧।୩(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟସ୍ଥିତ ତଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ଅନ୍ତେବାସୀଙ୍କ ପାଇଁ ଆସୁଥିବା ଚାଉଳକୁ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସହକାରୀ ଶିକ୍ଷକ ଅନ୍ତେବାସୀଙ୍କ ଦ୍ୱାରା ନିକଟସ୍ଥ ହାଟରେ ଚାଉଳ ବିକ୍ରି କରୁଥିବାର ଅଭିଯୋଗ ହୋଇଛି। ଅନ୍ତେବାସୀମାନେ ହାଟରେ ବ୍ୟବସାୟୀଙ୍କ ନିକଟରେ ଚାଉଳ ବିକ୍ରି କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଥିବା ଜଣାପଡିଛି। ଗତ ଶୁକ୍ରବାର ସାପ୍ତାହିକ ହାଟରେ ବିଦ୍ୟାଳୟ ଛାତ୍ରାବାସର ୪ ଜଣ ଛାତ୍ର ତିନୋଟି ବ୍ୟାଗରେ ପାଖା ପାଖି ୫୦-୬୦ କେଜି ଚାଉଳ ଆଣି ବ୍ୟବସାୟୀଙ୍କ ନିକଟରେ ବିକ୍ରି କରୁଥିବା ବେଳେ ଗ୍ରାମବାସୀଙ୍କ ନଜରରେ ଆସିଥିଲେ। ପରେ ବ୍ୟବସାୟୀ ଜଣଙ୍କ ପୁଣି ଚାଉଳକୁ ଫେରାଇ ଦେଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ଅନ୍ତେବାସୀମାନେ ବହୁବାର ଏଭଳି ଚାଉଳ ବ୍ୟାଗ୍ ଆଣି ବିକ୍ରି କରିଥିବା ଜଣାପଡ଼ିଛି। ଏହି ଚାଉଳ ବିକ୍ରି ପଛରେ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ହାତ ଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏ ସମ୍ବନ୍ଧରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭିମନ୍ୟୁ ନାୟକ କହିଛନ୍ତି, ରୋଷେୟା କିମ୍ବା ସହକାରୀ ଶିକ୍ଷକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସଂପୃକ୍ତ ଛାତ୍ରମାନେ ଗୋଦାମ ଗୃହରୁ ଚାଉଳ ନେଇ ହାଟରେ ବିକ୍ରି କରିଥାଇପାରନ୍ତି। ଏଥିରେ କୌଣସି ଶିକ୍ଷକ ଓ କର୍ମଚାରୀ ସଂଶ୍ଲିଷ୍ଟ ନଥିବା କହିଛନ୍ତି। ଅନ୍ୟପଟେ ଏ ସମ୍ବନ୍ଧରେ ଗୋଷ୍ଠୀ ମଙ୍ଗଳ ଅଧିକାରୀ ଆଲିଶା ମାଝୀ ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବାଦାମ ପାହାଡ଼ ରେଳଷ୍ଟେସନରେ ନିମ୍ନମାନର ନିର୍ମାଣ କାର୍ଯ୍ୟ

ରାଇରଙ୍ଗପୁର, ୧୧।୩(ସମିସ)





- ନିର୍ମାଣ ସରିନି, ଭୁଶୁଡ଼ି ଗଲାଣି ଡ୍ରେନ୍
- ଠିକ ନିୟମରେ ହେଉନି କଂକ୍ରିଟ କାର୍ଯ୍ୟ
- ନିର୍ମାଣ କାର୍ଯ୍ୟର ବାରମ୍ବାର ହେଉନି ତଦାରଖ

ଅମୃତ ଭାରତ ରେଳ ଷ୍ଟେସନ ଯୋଜନାରେ ବାଦାମ ପାହାଡ଼ ରେଳ ଷ୍ଟେସନର ନବକଳେବର ହେଉଛି। ଉକ୍ତ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବାର ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ନସରୁଣୁ ଡ୍ରେନ ଭୁଶୁଡ଼ି ପଡ଼ିବା ସହ କଂକ୍ରିଟ କାର୍ଯ୍ୟ ନିୟମ ଅନୁଯାୟୀ ହେଉନାହିଁ। ବାଦାମପାହାଡ଼ ରେଳ ଷ୍ଟେସନର ୧୨ କୋଟି ଟଙ୍କା ଅନୁଦାନରେ ନିର୍ମାଣ କାର୍ଯ୍ୟ ହେଉଛି। ଅମୃତ ଭାରତ ଯୋଜନାରେ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ରେଳ ଷ୍ଟେସନ ମଧ୍ୟରୁ ସର୍ବାଧିକ ଉକ୍ତ ରେଳ ଷ୍ଟେସନକୁ ଅନୁଦାନ ପ୍ରଦାନ କରାଯାଇଛି। ଆଦିବାସୀ ବହୁଳ ଅଞ୍ଚଳରେ ରେଳ ଯାତ୍ରୀଙ୍କୁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଯୋଗାଇବାକୁ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଯେଉଁଥିରେ କି ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବେ ରୂପାନ୍ତରିତ ପ୍ଲାଟଫର୍ମ, ସୁନ୍ଦର ଲ୍ୟାଣ୍ଡସ୍କାପିଂ, ରୁଫ୍ ପ୍ଲାଜା, କିଓସ୍କ, ଫୁଡ୍ କୋର୍ଟ ଆଦି ନିର୍ମାଣ କରାଯାଉଛି। ଏହାସହିତ ଷ୍ଟେସନ ପରିସରରେ ଆଲୋକୀକରଣ ବ୍ୟବସ୍ଥା ସହିତ ରାସ୍ତା ପ୍ରଶସ୍ତୀକରଣ, ଡ୍ରେନେଜ ଏବଂ ପାର୍କିଂ ସୁବିଧା ବୃଦ୍ଧି କରିବା ଆଦି ଅନ୍ତର୍ଭୁକ୍ତ ରହିଛି। ରେଳ ଷ୍ଟେସନ ନବକଳେବର କାର୍ଯ୍ୟ ମଧ୍ୟ ଅଧେରୁ ଊର୍ଦ୍ଧ୍ୱ ସରିଲାଣି; କିନ୍ତୁ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ହେଉଥିବାର ଅଭିଯୋଗ ହୋଇଛି। ୨ ଦିନ ପୂର୍ବରୁ ବାଦାମ ପାହାଡ ରେଳ ଷ୍ଟେସନ୍ ସମ୍ମୁଖରେ ନିର୍ମାଣ ହୋଇଥିବା ଡ୍ରେନ ଭୁଶୁଡି ପଡିଛି। ଏହାସହିତ କଂକ୍ରିଟ ଢଳେଇ ଗୁଡ଼ିକ ସଠିକ୍ ଢ଼ଙ୍ଗରେ ନିୟମ ଅନୁଯାୟୀ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ରାଜ୍ୟ ବାହାରର ଠିକାଦାର କାର୍ଯ୍ୟ କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। କାମ ସାରି ତୁରନ୍ତ ବିଲ ଉଠାଇ ଚମ୍ପଟ ମାରିବା ଯୋଜନାରେ ରହିଥିବାର ସନ୍ଦେହ ହେଉଛି। ଡ୍ରେନ ନିର୍ମାଣରେ ସିମେଣ୍ଟ ଓ ବାଲି ଭାଗ ମାପ ନିୟମ ଅନୁଯାୟୀ ନଥିବାରୁ ଏହିପରି ସ୍ଥିତି ହେଉଛି ବୋଲି ଅଭିଯୋଗ କରିଛନ୍ତି। ରେଳ ଅଧିକାରୀ ମାନେ ମଧ୍ୟ ଅଭିଯୋଗ ବାବଦରେ ତିଳେ ହେଲେ କର୍ଣ୍ଣପାତ କରୁନାହାଁନ୍ତି। ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ବାରମ୍ବାର କାର୍ଯ୍ୟର ତଦାରଖ ହେଉ ନଥିବାରୁ ଏହିପରି କାର୍ଯ୍ୟ ହେଉଛି। ଯାହାଫଳରେ କୋଟି କୋଟି ସରକାରୀ ଟଙ୍କା ପାଣିର ପଡିବାର ସମ୍ଭାବନା ରହିଛି। ରେଳ ଷ୍ଟେସନ ଯାତ୍ରୀଙ୍କୁ ସୁବିଧା ଯୋଗାଇବା ବଦଳରେ ସମସ୍ୟାର କାରଣ ସାଜିବାର ସନ୍ଦେହ ସୃଷ୍ଟି ହୋଇଛି। କର୍ତ୍ତୃପକ୍ଷ ଅଭିଯୋଗ ବାବଦରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଅଚାନକ ଖୁସି ଖବର ପାଇବେ। ଚାକିରିରେ ବଦଳି ହୋଇପାରେ। ରାଜନୀତିରେ ସଫଳ ହେବେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ବୃଷ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ଧରି କାମ କରନ୍ତୁ। ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ବୁଝି ବିଚାରି କାମ କରନ୍ତୁ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ନିବେଶରୁ ଲାଭ ପାଇବେ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**କନ୍ୟା:** ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ।

**ତୁଳା:** ପୁରୁଣା ବନ୍ଧୁ ସହ ସାକ୍ଷାତ ହୋଇପାରେ। ବୈବାହିକ ଜୀବନ ସୁଖମୟ ହେବ। ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ।

**ମକର:** ଅଚାନକ ଖୁସି ଖବର ପାଇପାରନ୍ତି। ନୂତନ ଯାନବାହନ କ୍ରୟ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ।

**କୁମ୍ଭ:** ଆୟ ଅନୁସାରେ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହିତ ଖୁସିର ସମୟ ଅତିବାହିତ କରିବେ। ବନ୍ଧୁଙ୍କଠାରୁ ଉପହାର ପାଇପାରନ୍ତି। ଘର ପାଇଁ ନୂଆ ଜିନିଷ କିଣିବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୦୪- ବ୍ରିଟେନ୍‌ରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରିକ୍ ଟ୍ରେନ୍ ଚାଲିଲା।
- ୧୯୩୦-ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରୁ ଦାଣ୍ଡି ଯାତ୍ରା ଆରମ୍ଭ କଲେ।
- ୧୯୫୪- ଭାରତ ସରକାର ସାହିତ୍ୟ ଅକାଦେମୀର ଆରମ୍ଭ କଲେ।
- ୧୯୬୭- ଇନ୍ଦିରା ଗାନ୍ଧୀ ଦ୍ୱିତୀୟ ଥର ଭାରତର ପ୍ରଧାନମନ୍ତ୍ରୀ ହେଲେ।

## ଅଜବ ପ୍ରକୃତି


# ଖାଆନ୍ତି କାର୍ଡବୋର୍ଡ



ଆମେରିକାର ଲୋକପ୍ରିୟ ଟେଲିଭିଜନ ଶୋ' 'ମାଇଁ ଷ୍ଟ୍ରେଞ୍ଜ ଆଡ୍‌କିସନ୍'ରେ ଏକ ଆଶ୍ଚର୍ଯ୍ୟ କଲା ଭଳି କାହାଣୀ ସାମ୍ନାକୁ ଆସିଛି। ଏହି ଶୋ'ରେ ଏପରି ଲୋକମାନଙ୍କୁ ଦେଖାଯାଏ ଯେଉଁମାନଙ୍କର ଅଭ୍ୟାସ ସାଧାରଣ ଲୋକଙ୍କଠାରୁ ଭିନ୍ନ ହୋଇଥାଏ। ନିକଟରେ ଏହି ଶୋ'ରେ ଟେରି ନାମକ ଜଣେ ଲୋକଙ୍କ କାହାଣୀକୁ ଦେଖାଯାଇଥିଲା, ଯାହାଙ୍କର କାର୍ଡବୋର୍ଡ ଖାଇବା ଅଭ୍ୟାସ ରହିଛି। ଏନେଇ ଟେରିଙ୍କ କହିବା କଥା, ଛଅ ବର୍ଷ ବୟସରେ ସେ ପ୍ରଥମେ କାର୍ଡବୋର୍ଡ ଖାଇବା ଆରମ୍ଭ କଲେ। ସେ କାର୍ଡବୋର୍ଡର ଏକ ଛୋଟ ଖଣ୍ଡକୁ ପାଟିରେ ପୂରାଇବାରୁ ଏହା ତାଙ୍କୁ ଭଲ ଲାଗିଥିଲା। ସେବେଠାରୁ ଟେରି ଏହି ଅଭ୍ୟାସକୁ ଆଉ ଛାଡ଼ି ପାରି ନ ଥିଲେ। ଶୋ'ରେ ଟେରିଙ୍କୁ ରୋଷେଇ କରୁଥିବାର ଦେଖାଯାଇଥିଲା। ସେ ଜଳଖିଆ ପାଇଁ ପ୍ରଥମେ ଅଣ୍ଡାକୁ ସିଝାଇ ଭାଜିଥିଲେ। ଏହାପରେ ସେ ଏକ ପ୍ଲାଷ୍ଟିକ୍ ବ୍ୟାଗ୍ ମଧ୍ୟରୁ ଛୋଟ ଛୋଟ କାର୍ଡବୋର୍ଡ ବାହାର କରି ଏହାକୁ ଅଣ୍ଡା ଉପରେ ପକାଇ ଦେଇଥିଲେ। ଘରର ସମସ୍ତ ସଦସ୍ୟ ଶୋଇଥିବାବେଳେ ସେ ସକାଳ ଜଳଖିଆ ପ୍ରସ୍ତୁତ କରୁଥିବା ଟେରି କହିଛନ୍ତି। କାରଣ କେହି ତାଙ୍କୁ କାର୍ଡବୋର୍ଡ ଖାଉଥିବାର ନ ଦେଖୁ ବୋଲି ଟେରି ଚାହାନ୍ତି। ଯଦି କାର୍ଡବୋର୍ଡରେ ଧୂଳିମଳି ଜମିଯାଇଥାଏ ସେ ଏହାକୁ ଧୋଇ ଶୁଖାଇ ଦିଅନ୍ତି ଓ ପରେ ଏହାକୁ ଖାଆନ୍ତି। କାର୍ଡବୋର୍ଡ ଶୁଖିବା ପରେ ଏହାର ସ୍ୱାଦ ଅଲଗା ହୋଇଯାଏ ବୋଲି ଟେରି କହିଛନ୍ତି। ଟେରି ନିଜକୁ କାର୍ଡବୋର୍ଡ କିଙ୍ଗ୍ କହିବା ସହ ଏହାକୁ ଖାଇବା ପରେ ତାଙ୍କ ପାଖକୁ ଏକ ଅଦ୍ଭୁତ ଶକ୍ତି ଆସି ଯାଉଥିବା କହିଛନ୍ତି। ତେବେ ତାଙ୍କର ଏପରି ଅଭ୍ୟାସକୁ ଲୋକେ ସହଜରେ ଗ୍ରହଣ କରିବେ ନାହିଁ ବୋଲି ଟେରିଙ୍କ ମନରେ ଭୟ ରହିଛି। ଡାକ୍ତରୀ ଭାଷାରେ ଏହାକୁ ପିକା ରୋଗ କୁହାଯାଏ। ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଅଖାଦ୍ୟ (ମାଟି, କାଗଜ, କେଶ, ପ୍ଲାଷ୍ଟିକ୍ ଆଦି) ଖାଇବା ପ୍ରତି ଆଗ୍ରହ ପ୍ରକାଶ କରିଥାଏ। ତେବେ ନିୟମିତ କାର୍ଡବୋର୍ଡ ଖାଇବା ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ ହୋଇଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଦାନ୍ତ ଖରାପ ହେବା ସହ ପେଟରେ ବ୍ଲକେଜ୍, ଅନ୍ତନଳୀ କିମ୍ବା ଯକୃତରେ ସମସ୍ୟା ଦେଖାଯିବା ଆଶଙ୍କା ଥାଏ।

# 'ନାଗଜିଲା' ସେଟ୍‌ରୁ ଫଟୋ ସେୟାର୍ କଲେ କାର୍ତ୍ତିକ୍





ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ୍ ଆର୍ୟ୍ୟନ୍ ତାଙ୍କର ଆଗାମୀ ଫିଲ୍ମ 'ନାଗଜିଲା'ର ସୁଟିଂ ଆରମ୍ଭ କରି ଦେଇଛନ୍ତି। 'ତୁ ମେରି ମେଁ ତେରା ମେଁ ତେରା ତୁ ମେରି'ର ବିଫଳତା ପରେ କାର୍ତ୍ତିକ୍‌ଙ୍କୁ 'ନାଗଜିଲା'ରୁ ବାଦ୍ ଦିଆଗଲା ବୋଲି ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ଏସବୁ ଗୁଜବ ଥିଲା ବୋଲି ଏବେ ତାହା ପ୍ରମାଣିତ ହୋଇଛି। କାରଣ କାର୍ତ୍ତିକ୍ 'ନାଗଜିଲା' ସେଟ୍‌ରୁ ନିକଟରେ ଫଟୋ ସେୟାର୍ କରିଛନ୍ତି। ଏଥିରୁ ସେ ଏହି ଫିଲ୍ମ ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। କରନ୍ ଜୋହର୍ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ସେହିଭଳି ମୃଗଦୀପ ସିଂହ ଲାମ୍ବା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ଏଇବର୍ଷ ଅଗଷ୍ଟ ୧୪ରେ ପରଦାକୁ ଆସିବ। ଦର୍ଶକେ କାର୍ତ୍ତିକ୍‌ଙ୍କୁ ଇଚ୍ଛାଧାରୀ ନାଗ ଭୂମିକାରେ ଦେଖିବା ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। କାର୍ତ୍ତିକ୍ 'ନାଗଜିଲା' ବାଦ୍ ସାଉଥ୍ ସୁନ୍ଦରୀ ଶ୍ରୀଲୀଲାଙ୍କ ସହ ଏକ ରୋମାଣ୍ଟିକ୍ ଥ୍ରିଲର୍ ଫିଲ୍ମରେ ମଧ୍ୟ ନଜର ଆସିବେ। ଏହାର ଟାଇଟଲ ରହିଛି 'ତୁ ମେରି ଜିନ୍ଦେଗି ହେ'। ଅନୁରାଗ ବସୁ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ଫେରିଲା ୫୦ ବର୍ଷ ତଳର ପରମ୍ପରା

# ୨୫ ଶଗଡ଼ ଗାଡ଼ିରେ ୨୦୦ ବରଯାତ୍ରୀ



ଉତ୍ତର ପ୍ରଦେଶ ହମିର୍‌ପୁରରେ ୫୦ ବର୍ଷ ତଳର ଏକ ପୁରୁଣା ପରମ୍ପରାକୁ ପୁର୍ନଜୀବିତ କରାଯାଇଛି। ହମିର୍‌ପୁର ଜିଲ୍ଲା ଗୁଡ଼ା ଗ୍ରାମର ବାସିନ୍ଦା ଜାଗେନ୍ଦ୍ର ଦ୍ୱିବେଦୀଙ୍କ ପୁଅ ମୋହିତ୍ ଦ୍ୱିବେଦୀଙ୍କ ବିବାହ ଭେଡି ଜଲାଲାପୁର ନିବାସୀ ବିବେକ ପାଠକଙ୍କ ଝିଅ ମୋହିନୀ ପାଠକଙ୍କ ସହ ସ୍ଥିର ହୋଇଥିଲା। ଉଭୟ ପରିବାର ବର ଓ ବରଯାତ୍ରୀମାନେ ଶଗଡ଼ ଗାଡ଼ିରେ ଆସନ୍ତୁ ବୋଲି ଇଚ୍ଛା କରିଥିଲେ। ଏଥିପାଇଁ ୨୫ଟି ଶଗଡ଼ଗାଡ଼ି ପୂର୍ବରୁ ବୁକ୍ କରାଯାଇଥିଲା। ବିବାହ ଦିନ (ଫେବୃଆରୀ ୨୫) ବର, ବରଯାତ୍ରୀଙ୍କ ସହ ଶଗଡ଼ଗାଡ଼ିରେ ବସି ପୂରାପୂରି ଦେଶୀ ଅନ୍ଦାଜରେ ରୋଷଣି କରି ଯାଇଥିଲା। ତିନି କିଲୋମିଟର ଯାଏଁ ରୋଷଣି ଚାଲିଥିଲା। ବର ଶଗଡ଼ଗାଡ଼ିରେ ୨୦୦ ବରଯାତ୍ରୀଙ୍କ ସହ ବିବାହସ୍ଥଳରେ ପହଞ୍ଚିଥିଲା। ପୂରାପୂରି ପାରମ୍ପରିକ ଭାବେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରୋଷଣି ସମୟରେ ମହିଳାମାନେ ବୁନ୍ଦେଲଖଣ୍ଡି ଗୀତ ଗାଇବା ସହ ତମ୍ବୁରା ଭଜନ ମଧ୍ୟ ଗାନ କରିଥିଲେ। ବରଯାତ୍ରୀଙ୍କୁ ପତ୍ର ଉପରେ ଖାଦ୍ୟ ପରସା ଯାଇଥିଲା। ଏଥିରେ କଖାରୁ ତରକାରି, ଆଳୁ ବାଇଗଣ ତରକାରି ସହ ଅନେକ ପାରମ୍ପରିକ ବ୍ୟଞ୍ଜନ ପରଷା ଯାଇଥିଲା। ବିବାହ ପୂରାପୂରି ନିରାଡମ୍ବର ଭାବେ କରାଯାଇଥିଲା। ବିବାହ ସରିବା ପରେ କନିଆ ଶଗଡ଼ ଗାଡ଼ିରେ ଶାଶୂଘରକୁ ଫେରିଥିଲା।

# ତନ୍ତରୁ ସ୍ୱାବଲମ୍ବୀ



ବର୍ତ୍ତମାନ ସମୟରେ ମହିଳାମାନେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। କିଏ ଚାଷ କାର୍ଯ୍ୟ ତ କିଏ, କୁଟୀର ଶିଳ୍ପ ଏବଂ ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହାଦ୍ୱାରା ନିଜ ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣ ଭାର ସେମାନେ ନିଜ କାନ୍ଧକୁ ନେଇଥାନ୍ତି। ସେମିତି ଜଣେ ମହିଳା ହେଲେ, ମଧ୍ୟ ପ୍ରଦେଶ ଭରତପୁର ଗାଁର ଗୁଡ୍ଡୁ ରାୱତ୍। ଯେ କି ତନ୍ତରେ ଭଲିକି ଭଲି ଲୁଗାବୁଣି ସ୍ୱାବଲମ୍ବୀ ହୋଇଛନ୍ତି। ଏଥିସହ ଅନ୍ୟ ମହିଳାଙ୍କୁ ଲୁଗାବୁଣା ତାମିଲ ପ୍ରଦାନ କରି ସେମାନଙ୍କୁ ରୋଜଗାରକ୍ଷମ କରୁଛନ୍ତି।

ମାତ୍ର ୧୪ ବର୍ଷ ବୟସରେ ଗୁଡ୍ଡୁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଏହାପରେ ସେ ପରିବାରର ଦାୟିତ୍ୱ ବହନ କରିଥିଲେ। ତାଙ୍କ ସ୍ୱାମୀ ଜଣେ ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାରୁ ସୀମିତ ଆୟରେ ଘର ଖର୍ଚ୍ଚ ତୁଲାଇବା ତାଙ୍କ ପାଇଁ ଖୁବ୍ କଠିନ ହୋଇପଡ଼ିଥିଲା। ଫଳରେ ସେ ପରିବାରକୁ ସାହାଯ୍ୟ କରିବା ପାଇଁ କ୍ଷେତରେ ଶ୍ରମିକ ଭାବେ କାର୍ଯ୍ୟ କଲେ। କ୍ଷେତରେ ଦିନସାରା କଠିନ ପରିଶ୍ରମ କଲେ ଏହା ବାବଦକୁ ୪ କିଲୋ ଗହମ ମିଳୁଥିଲା। ଏତିକିରେ ପରିବାରର ଆବଶ୍ୟକତା ମେଣ୍ଟାଇବା ଖୁବ୍ କଠିନ ଥିଲା। ହେଲେ ଏଥିରେ ସେ ହାର ନ ମାନି ନୂଆ ବିକଳ୍ପ ଖୋଜିଥିଲେ। ସେତେବେଳେ ଭରତପୁର ଗାଁରେ ଜୀବିକା ମିଶନ ଅନୁଯାୟୀ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସମବାୟ ସମିତି ଆରମ୍ଭ ହୋଇଥିଲା। ସମିତି ପ୍ରବନ୍ଧକ ଶୈଳେନ୍ଦ୍ର ସିଂହଙ୍କ ମାର୍ଗଦର୍ଶନରେ ଗୁଡ୍ଡୁ ଏଥିରେ ଯୋଡ଼ି ହୋଇଥିଲେ। ଏଠାରେ ସେ ତନ୍ତରେ ଲୁଗାବୁଣା ତାଲିମ୍ ନେଇଥିଲେ। ପ୍ରାରମ୍ଭରେ ସେ ସାଧାରଣ ସୂତାରୁ ଲୁଗା ବୁଣିବା ଶିଖିଲେ। ହେଲେ ଧୀରେ ଧୀରେ ସେ ଏହି କାର୍ଯ୍ୟରେ ସଫଳ ହୋଇଥିଲେ। ଏବେ ସେ ସୂକ୍ଷ୍ମ ସୂତାରୁ ସୁନ୍ଦର ଏବଂ ଲୁଗା ପ୍ରସ୍ତୁତ କରୁଛନ୍ତି। ହସ୍ତତନ୍ତ ଏକ ପାରମ୍ପରିକ କଳା ଭାବେ ଜଣାଯାଏ। ଏଥିରେ ବିନା ବିଦ୍ୟୁତରେ ହାତରେ କପଡ଼ା ବୁଣି ଲୁଗା ପ୍ରସ୍ତୁତ କରାଯାଏ। ସେ କଠିନ ପରିଶ୍ରମ କରି ଏହାକୁ ଶିଖି ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏବେ ସେ ଭରତପୁର ୧୫୦ ମହିଳାଙ୍କୁ ଏହି ହସ୍ତତନ୍ତ ପ୍ରଶିକ୍ଷଣ ଦେଉଛନ୍ତି। କାଠନିର୍ମିତ ଏହି ତନ୍ତରେ ମହିଳାମାନେ ହାତରେ କପଡ଼ା ବୁଣି ତାକୁ ସୁନ୍ଦର ଡିଜାଇନ୍ କରିଥାନ୍ତି। ଏପରି କରି ଦୈନିକ ୯ ରୁ ୧୦ ମିଟର କପଡ଼ା ବୁଣନ୍ତି। ଏଥିରୁ ଦୈନିକ ୫୦୦ - ୬୦୦ ରୋଜଗାର ହୋଇଥାଏ।

## ସୁଶ୍ରୀ

# ପିସ୍ତା ଖୋଳରୁ ସଜାନ୍ତୁ ବୋତଲ




ସାଧାରଣତଃ ପିସ୍ତା ବାଦାମ ଖାଇବା ପରେ ଲୋକେ ଏହାର ଖୋଳକୁ ଅଦରକାରୀ ଭାବି ଏଣେତେଣେ ଫୋପାଡ଼ି ଦିଅନ୍ତି। ହେଲେ ଚାହିଁଲେ ଏହାକୁ ନ ଫୋପାଡ଼ି ଏଥିରୁ ସୁନ୍ଦର ଘରସଜ୍ଜା ଉପକରଣ ଏବଂ ପାଣି ବୋତଲକୁ ନୂଆ ଡିଜାଇନରେ ସଜାଇ ପାରିବେ ଜାଣିବା ସେ ବିଷୟରେ...

- ପ୍ରଥମେ ଘରେ ଥିବା କାଚ ବୋତଲକୁ ସଫା କରି ଶୁଖାନ୍ତୁ। ଏହାପରେ ବାଦାମ ଖୋଳକୁ ପରିଷ୍କାର କରି ଧୁଅନ୍ତୁ।
- ଏହାପରେ ବୋତଲକୁ ନିଜ ପସନ୍ଦ ମୁତାବକ ନାଲି, ହଳଦିଆ, ହାଲୁକା କିମ୍ବା ଗୋଲାପୀ ଆକ୍ରେଲିକ୍ ରଙ୍ଗ କରନ୍ତୁ।
- ବୋତଲ ରଙ୍ଗ କରିବା ପରେ ଅଠା ସାହାଯ୍ୟରେ ପିସ୍ତା ଖୋଳଗୁଡ଼ିକୁ ବୋତଲ ଉପରେ ଚିପ୍‌କାନ୍ତୁ। ଏହାକୁ ଗୋଟିଏ ସ୍ଥାନରେ ନ ରଖି, ସମ୍ପୂର୍ଣ୍ଣ ବୋତଲରେ ଲଗାନ୍ତୁ।
- ଏହାକୁ ରଙ୍ଗ କରି ଏହା ଉପରେ ନିଜ ପସନ୍ଦ ଅନୁସାରେ ଫଳ ତଥା ଷ୍ଟ୍ରବେରୀ, ସପୁରୀ ଆଦି ଚିତ୍ର କରିପାରିବେ। ଏହା ବୋତଲକୁ ଖୁବ୍ ସୁନ୍ଦର କରିଥାଏ।

# ଜେନ୍ ଜି ଟ୍ରାଉଜର୍

ବର୍ତ୍ତମାନ ସମୟରେ ଜେନ୍ ଜି ଷ୍ଟାଇଲ୍‌ଠୁ ଅଧିକ ଆରାମକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ଟ୍ରାଉଜର୍ ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି। ବୟସ୍କ ପିନ୍ଧୁଥିବା ଏହି ଟ୍ରାଉଜର ଏବେ ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ ରହିଛି। ଏହା ଆରାମଦାୟକ ହେବା ସହ ପିନ୍ଧିଲେ ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ମର୍ଣ୍ଣିଙ୍ଗ୍‌ୱାକ୍‌ରୁ ନେଇ ଆଉଟିଙ୍ଗ୍ ସବୁ ସ୍ଥାନକୁ ଏହାକୁ ସହଜରେ ପିନ୍ଧି ଯାଇପାରିବେ। ଜାଣିବା ସେ ବିଷୟରେ...



### ଟେଲାଇ ଟ୍ରାଉଜର

ଅଫିସ୍ ତଥା କାର୍ଯ୍ୟସ୍ଥଳୀକୁ ପାଇଁ ଏହି ଟ୍ରାଉଜର୍ ଭଲ ହୋଇଥାଏ। ହାଇୱେଷ୍ଟ୍, ପ୍ଲେଟେଡ୍ ୱାଇଡ୍ ଲେଗ୍, ଏବଂ ଷ୍ଟ୍ରେଟ୍ କଟ୍ ଭଳି ପ୍ୟାଣ୍ଟ ଭଲ ମାନିଥାଏ। ଏହାକୁ ଉଭୟ ଏନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରୁ କିଣିପାରିବେ।

### କାଜୁଆଲ୍ ୱେୟାର୍ ପାଇଁ କାର୍ଗୋ

ସାଧାରଣତଃ ଦିନପିନ୍ଧା କରିବାକୁ ଚାହୁଁଥିଲେ ଢିଲା ତଥା କାର୍ଗୋ ପ୍ୟାଣ୍ଟ ପିନ୍ଧିପାରିବେ। କଟନ, ହାଲୁକା ଫ୍ୟାବ୍ରିକ୍ ଏହି ଟ୍ରାଉଜର ପ୍ରତିଦିନ ଧାଦୌଡ଼ ପାଇଁ ଭଲ ହୋଇଥାଏ। ଏହା ଆରାମଦାୟ ଲାଗିବା ସହ ଖରାଦିନ ପାଇଁ ଭଲ।

### ଟ୍ରାଭେଲ୍ ପାଇଁ ବାଗି ଟ୍ରାଉଜର୍

ବ୍ୟାଗି ଟ୍ରାଉଜର୍ ଢିଲା ହେବା ସହ ଏଥିରେ ଅଧିକ ପକେଟ୍ ଥାଏ। ତେଣୁ ଏହା ଟ୍ରାଭେଲ ପାଇଁ ଖୁବ୍ ଭଲ ହୋଇଥାଏ। ଏହା ପୂର୍ବରୁ ଷ୍ଟ୍ରିଟ୍ ଷ୍ଟାଇଲ୍ ଭାବେ ଜଣାଯାଉଥିବାବେଳେ ଏବେ ଏହା ଟ୍ରାଭେଲ୍ ପାଇଁ ଖୁବ୍ ଆରାମଦାୟକ ହୋଇଛି। ପକେଟ୍ ଏହାର ଡିଜାଇନକୁ ଆକର୍ଷଣୀୟ କରିଥାଏ।

## ମୋ ହାଣ୍ଡିଶାଳରୁ...

# ମାଣ୍ଡିଆ ଲସି



### ଆବଶ୍ୟକ ସାମଗ୍ରୀ

ମାଣ୍ଡିଆ -ଏକ କପ୍, ଦହି – ଏକ କପ୍, ପାଚିଲା କଦଳୀ– ଦୁଇଟି, କାଜୁ – ଦୁଇଟି, ଗୁଡ଼ ପାଉଡର୍ – ଦୁଇ ଚାମଚ, ବରଫ – ଚାରି ପାଞ୍ଚଖଣ୍ଡ, କିସ୍‌ମିସ୍- ଚାରୋଟି, କୋରା ନଡ଼ିଆ – ଏକ ଚାମଚ, ଡାଳିମ୍ବ – ଏକ ଚାମଚ, ଲୁଣ– ଅଧା ଚାମଚରୁ ଅଳ୍ପ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗୋଟିଏ ପାତ୍ରରେ ମାଣ୍ଡିଆ ନେଇ ସେଥିରେ ଅଳ୍ପ ପାଣି ଦେଇ ଘାଣ୍ଟି ଦିଅନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଅଳ୍ପ ପାଣି ଦେଇ ଫୁଟାନ୍ତୁ। ଏହାପରେ ସେଥିରେ ଗୋଳାଇ ରଖିଥିବା ମାଣ୍ଡିଆ ଦିଅନ୍ତୁ। ଏହାକୁ ଫେଣ୍ଟି ବହଳିଆ କରନ୍ତୁ। ପରେ ଏହାକୁ ଗ୍ରାଇଣ୍ଡିଙ୍ଗ୍ ଜାର୍‌ରେ ଦେଇ ସେଥିରେ ଅଳ୍ପ ଦହି, କଦଳୀ, ଗୁଡ଼ ପାଉଡର ସମେତ ବରଫ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ଏହାକୁ ଏକ କାଚ ଗ୍ଲାସ୍‌ରେ କାଢ଼ି ସେଥିରେ କାଜୁ, କିସ୍‌ମିସ୍, ଡାଳିମ୍ବ ସମେତ ବନ୍‌ଭିଟା ଗୁଣ୍ଡ ଦେଇ ପରଷନ୍ତୁ ଖରାଦିନିଆ ସ୍ୱାଦିଷ୍ଟ 'ମାଣ୍ଡିଆ ଲସି'।



# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

## ଆଇପିଏଲ୍-୧୯: ପ୍ରଥମ ୨୦ ମ୍ୟାଚ୍‌ର କାର୍ଯ୍ୟସୂଚୀ ଜାରି

# ବେଙ୍ଗାଲୁରୁ-ହାଇଦରାବାଦ୍ ଉଦ୍‌ଘାଟନୀ ଲଢ଼େଇ

ମୁମ୍ବଇ, ୧୧।୩ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ସନରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଆଇପିଏଲ୍-୨୦୨୬ର ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ମାର୍ଚ୍ଚ ୨୮ ତାରିଖରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ସହ ଆଇପିଏଲ୍‌ର ୧୯ତମ ସଂସ୍କରଣ ଆରମ୍ଭ ହେବ। ଏକାଧିକ ରାଜ୍ୟ





(ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଓ ଆସାମ)ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଏହାକୁ ନଜରରେ ରଖି ବିସିସିଆଇ ପକ୍ଷରୁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ଜାରି କରାଯାଇଛି। ଯେଉଁଥିରେ ଏପ୍ରିଲ ୧୨ ପର୍ଯ୍ୟନ୍ତ ପ୍ରଥମ ୨୦ଟି ମ୍ୟାଚ୍‌ର କାର୍ଯ୍ୟସୂଚୀ ରହିଛି। ପରବର୍ତ୍ତୀ ସମୟରେ ନିର୍ବାଚନ ତାରିଖ ସ୍ପଷ୍ଟ ହୋଇଗଲେ ଏହାକୁ ଧ୍ୟାନରେ ରଖି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଘୋଷଣା କରାଯିବ।

ସର୍ବାଧିକ ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମାର୍ଚ୍ଚ ୨୯ ଅର୍ଥାତ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ରବିବାର ସାମ୍ନାସାମ୍ନି ହେବେ। ୱାଙ୍ଖେଡେ ଷ୍ଟାଡିୟମରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବ। ସେହିଭଳି ସୋମବାର (ମାର୍ଚ୍ଚ ୩୦) ଘରୋଇ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମଧ୍ୟରେ ଗୌହାଟୀରେ ଲଢ଼େଇ ହେବ। ଯେଉଁଥିରେ ସଞ୍ଜୁ ସାମସନ ଓ ରବୀନ୍ଦ୍ର ଜାଡେଜା ସେମାନଙ୍କ ପୂର୍ବ ଦଳ ବିପକ୍ଷରେ ଖେଳିବେ। ବିସିସିଆଇ ପକ୍ଷରୁ ଜାରି ହୋଇଥିବା ପ୍ରଥମ ୨୦ଟି ମ୍ୟାଚ ମଧ୍ୟରୁ ୪ଟି ଡବଲ୍ ହେଡର (ଗୋଟିଏ ଦିନରେ ଦୁଇଟି) ମ୍ୟାଚ୍ ରହିଛି। ଏପ୍ରିଲ ୪ ତାରିଖ (ଶନିବାର)ରେ ଅପରାହ୍ନ ୩ଟା ୩୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ପ୍ରଥମେ ଖେଳାଯିବ। ସେହିଦିନ ରାତି ୭ଟା ୩୦ରେ ଗୁଜରାଟ ଟାଇଟାନ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ। ଡବଲ୍ ହେଡରର ବ୍ୟତୀତ ଅନ୍ୟଦିନେ ରାତି ୭ଟା ୩୦ରୁ ମ୍ୟାଚ୍ ଖେଳାଯିବ। ରାଜସ୍ଥାନ ଏହାର ଦ୍ୱିତୀୟ ଘରୋଇ ଭେନ୍ୟୁ ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ୩ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅନ୍ୟ ୪ଟି ଘରୋଇ ମ୍ୟାଚ୍ ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ଖେଳିବ।

### ପ୍ରଥମ ୨୦ଟି ମ୍ୟାଚର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|
| ୨୮।୩ | ବେଙ୍ଗାଲୁରୁ-ହାଇଦରାବାଦ | ରାତି ୭ଟା ୩୦ | ବେଙ୍ଗାଲୁରୁ |
| ୨୯।୩ | ମୁମ୍ବାଇ-କୋଲକାତା | ରାତି ୭ଟା ୩୦ | ମୁମ୍ବାଇ |
| ୩୦।୩ | ରାଜସ୍ଥାନ-ଚେନ୍ନାଇ | ରାତି ୭ଟା ୩୦ | ଗୌହାଟୀ |
| ୩୧।୩ | ପଞ୍ଜାବ-ଗୁଜରାଟ | ରାତି ୭ଟା ୩୦ | ମୁଲାନପୁର |
| ୧।୪ | ଲକ୍ଷ୍ନୌ-ଦିଲ୍ଲୀ | ରାତି ୭ଟା ୩୦ | ଲକ୍ଷ୍ନୌ |
| ୨।୪ | କୋଲକାତା-ହାଇଦରାବାଦ୍ | ରାତି ୭ଟା ୩୦ | କୋଲକାତା |
| ୩।୪ | ଚେନ୍ନାଇ-ପଞ୍ଜାବ | ରାତି ୭ଟା ୩୦ | ଚେନ୍ନାଇ |
| ୪।୪ | ଦିଲ୍ଲୀ-ମୁମ୍ବାଇ | ଅପରାହ୍ନ ୩ଟା ୩୦ | ଦିଲ୍ଲୀ |
| ୪।୪ | ଗୁଜରାଟ-ରାଜସ୍ଥାନ | ରାତି ୭ଟା ୩୦ | ଅହମ୍ମଦାବାଦ |
| ୫।୪ | ହାଇଦରାବାଦ୍-ଲକ୍ଷ୍ନୌ | ଅପରାହ୍ନ ୩ଟା ୩୦ | ହାଇଦରାବାଦ୍ |
| ୫।୪ | ବେଙ୍ଗାଲୁରୁ-ଚେନ୍ନାଇ | ରାତି ୭ଟା ୩୦ | ବେଙ୍ଗାଲୁରୁ |
| ୬।୪ | କୋଲକାତା-ପଞ୍ଜାବ | ରାତି ୭ଟା ୩୦ | କୋଲକାତା |
| ୭।୪ | ରାଜସ୍ଥାନ-ମୁମ୍ବାଇ | ରାତି ୭ଟା ୩୦ | ଗୌହାଟୀ |
| ୮।୪ | ଦିଲ୍ଲୀ-ଗୁଜରାଟ | ରାତି ୭ଟା ୩୦ | ଦିଲ୍ଲୀ |
| ୯।୪ | କୋଲକାତା-ଲକ୍ଷ୍ନୌ | ରାତି ୭ଟା ୩୦ | କୋଲକାତା |
| ୧୦।୪ | ରାଜସ୍ଥାନ-ବେଙ୍ଗାଲୁରୁ | ରାତି ୭ଟା ୩୦ | ଗୌହାଟୀ |
| ୧୧।୪ | ପଞ୍ଜାବ-ହାଇଦରାବାଦ୍ | ଅପରାହ୍ନ ୩ଟା ୩୦ | ମୁଲାନପୁର |
| ୧୧।୪ | ଚେନ୍ନାଇ-ଦିଲ୍ଲୀ | ରାତି ୭ଟା ୩୦ | ଚେନ୍ନାଇ |
| ୧୨।୪ | ଲକ୍ଷ୍ନୌ-ଗୁଜରାଟ | ଅପରାହ୍ନ ୩ଟା ୩୦ | ଲକ୍ଷ୍ନୌ |
| ୧୨।୪ | ମୁମ୍ବାଇ-ବେଙ୍ଗାଲୁରୁ | ରାତି ୭ଟା ୩୦ | ମୁମ୍ବାଇ |

## ସିଜନରେ ସମସ୍ତ ମ୍ୟାଚ୍ ଖେଳିବେ ଧୋନି

ଚେନ୍ନଇ, ୧୧।୩ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସଂସ୍କରଣ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ। ଏଥିଲାଗି ବିସିସିଆଇ ପକ୍ଷରୁ ବୁଧବାର ପ୍ରଥମ ୨୦ଦିନର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ତେବେ ଏଥିପୂର୍ବରୁ ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ)ର ଅଗଣିତ ପ୍ରଶଂସକଙ୍କ ଲାଗି ଖୁସି ଖବର। ସିଏସ୍‌କେର ପୂର୍ବତନ ଅଧିନାୟକ ତଥା ତାରକା ଖେଳାଳି ମହେନ୍ଦ୍ର ସିଂ ଧୋନି ଏଥର ସମ୍ପୂର୍ଣ୍ଣ ସିଜନ ଦଳ ପାଇଁ ଉପଲବ୍ଧ ରହିବେ। ସିଏସ୍‌କେର ସିଇଓ କାଶି ବିଶ୍ୱନାଥନ ବୁଧବାର ଏହି ସୂଚନା ଦେଇଛନ୍ତି। ତେବେ ସଞ୍ଜୁ ସାମସନଙ୍କ ଭଳି ଇନଫର୍ମ ୱିକେଟ୍‌କିପର ରହିଥିବାରୁ ଧୋନିଙ୍କ ଭୂମିକା କ'ଣ ହେବ ବୋଲି ପ୍ରଶ୍ନର ଉତ୍ତରରେ ବିଶ୍ୱନାଥନ କହିଛନ୍ତି ଯେ ଏହା ବିଷୟରେ ମୁଁ କହିପାରିବି ନାହିଁ। ଧୋନି କେବଳ ବ୍ୟାଟର ଭାବେ ଖେଳିବେ କି ୱିକେଟ୍‌କିପିଂ କରିବେ ତାହା ଦଳର ମ୍ୟାନେଜମେଣ୍ଟ, କୋଚ୍ ଓ ଅଧିନାୟକ ନିଷ୍ପତ୍ତି ନେବେ। ତେବେ ସେ ସମ୍ପୂର୍ଣ୍ଣ ମ୍ୟାଚ୍ ଖେଳିବେ ବୋଲି କାଶି ସୂଚନା ଦେଇଛନ୍ତି। ସିଏସକେ ଏହାର ପ୍ରଥମ ମ୍ୟାଚରେ ମାର୍ଚ୍ଚ ୩୦ରେ ରାଜସ୍ଥାନ ରୟାଲ୍ସ ସହ ଖେଳି ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ ଏଥର ନିଲାମୀ ପୂର୍ବରୁ ଖେଳାଳି ଅଦଳବଦଳ ଜରିଆରେ ରାଜସ୍ଥାନ ରୟାଲ୍ସ ନିକଟରୁ ସଞ୍ଜୁ ସାମସନଙ୍କୁ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଆଣିଥିଲା। ସେହିଭଳି ଚେନ୍ନାଇର ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ରାଜସ୍ଥାନ ଦଳକୁ ଡିଲ୍‌ରେ ଯାଇଥିଲେ।

■ ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

## ୧୮ଟି ସ୍ଥାନ ଉଠିଲେ ସାମସନ

ଦୁବାଇ, ୧୧।୩ (ଏଜେନ୍ସି): ସଦ୍ୟ ବିଶ୍ୱକପ୍ ବିଜୟୀ ଭାରତୀୟ ଖେଳାଳିଙ୍କ ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଦବ୍‌ଦବା ଦେଖିବାକୁ ମିଳିଛି। ବୁଧବାର ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଅଭିଷେକ ଶର୍ମା ପୂର୍ବଭଳି ଏକ ନମ୍ବର ସ୍ଥାନରେ ସ୍ଥିର ରହିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୮୭୫ ରହିଛି। ସେହିଭଳି ଇଶାନ କିଶାନ ୨ଟି ପାହାଚ ଉପରକୁ ଉଠି ୨ୟ ସ୍ଥାନ ଲାଭ କରିଛନ୍ତି। ବ୍ୟାଟିଂ ତାଲିକାର ଟପ୍-୧୦ରେ ଅନ୍ୟ ଦୁଇ ଭାରତୀୟ ଭାବେ ତିଲକ ବର୍ମା ୭ମ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୯ମ ସ୍ଥାନରେ ରହିଛନ୍ତି। ତେବେ ତିଲକ ଓ ସୂର୍ଯ୍ୟକୁମାର ଯଥାକ୍ରମେ ଗୋଟିଏ ଓ ଦୁଇଟି ସ୍ଥାନ ହରାଇଛନ୍ତି। ବିଶ୍ୱକପ୍ ଉପବିଜେତା ନ୍ୟୁଜିଲାଣ୍ଡ ଦଳର ଷ୍ଟାର ଓପନର୍ ଟିମ୍ ସେଇଫର୍ଟ ୧୦ମରୁ ୬ଷ୍ଠ ସ୍ଥାନକୁ ଲମ୍ଫ ମାରିଛନ୍ତି। ପାକିସ୍ତାନର ଶାହିବଜାଦ ଫରହାନ ଓ ଇଂଲଣ୍ଡର ଫିଲ୍ ସଲ୍ଟ ଗୋଟିଏ ଲେଖାଏ ସ୍ଥାନ ହରାଇ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ପାଥୁମ ନିଶାଙ୍କ ପୂର୍ବଭଳି ୫ମ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ବିଶ୍ୱକପ୍‌ରେ ମୋଟ୍ ୩୨୧ ରନ ସହ 'ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ଜିତିଥିବା ସଞ୍ଜୁ ସାମସନ ଏକାଥରକେ ୧୮ଟି ପାହାଚ ଉପରକୁ ଉଠି ୨୨ତମ ସ୍ଥାନରେ ରହିଛନ୍ତି। ସେହିଭଳି ଇଂଲଣ୍ଡର ଜାକବ ବେଥେଲ ୩୩ରୁ ଏକାଥରକେ ୧୬ତମ ସ୍ଥାନକୁ ଉଠିଛନ୍ତି। ତେବେ ଟି-୨୦ ବୋଲିଂ ତାଲିକାରେ ଭାରତରୁ ଦୁଇଜଣ ବୋଲର ଟପ୍-୧୦ରେ ରହିଛନ୍ତି। ବରୁଣ ଚକ୍ରବର୍ତ୍ତୀ ଶୀର୍ଷସ୍ଥାନ ହରାଇ ଦ୍ୱିତୀୟକୁ ଖସିଯାଇଛନ୍ତି। ତେବେ ଯଶପ୍ରୀତ ବୁମ୍‌ରା ୭ମରୁ ୬ଷ୍ଠ ସ୍ଥାନକୁ ଉଠିଛନ୍ତି।

## ଭାରତକୁ ୨୧.୯ କୋଟି, ପାକିସ୍ତାନକୁ ୪.୩୪

ନୂଆଦିଲ୍ଲୀ,୧୧।୩(ଏଜେନ୍ସି): ସଦ୍ୟ ସମାପ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି-୨୦ ବିଶ୍ୱକପ୍‌ର ପୁରସ୍କାର ରାଶି ବଣ୍ଟନର ଚୂଡ଼ାନ୍ତ ତାଲିକା ପ୍ରକାଶିତ ହୋଇଛି। ଚାମ୍ପିଅନ ଭାରତୀୟ ଦଳକୁ ସର୍ବାଧିକ ପୁରସ୍କାର ରାଶି ମିଳିଛି। ବିଶ୍ୱକପ୍‌ର ମୋଟ୍ ପୁରସ୍କାର ରାଶି ୯୩.୩୭ କୋଟି ଟଙ୍କା ଥିଲା। ଟାଇଟଲ ହାସଲ କରିଥିବା ଭାରତୀୟ ଦଳ ୨୧. ୯୧ କୋଟି ଟଙ୍କା ପୁରସ୍କାର ହାସଲ କରିଛି। ଏହାକୁ ବାଦ୍ ଦେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତୀୟ ଦଳକୁ ୧୩୧ କୋଟି ଟଙ୍କା ଅଲଗା ପୁରସ୍କାର ପ୍ରଦାନ କରିଛି। ବିସିସିଆଇ ତରଫରୁ ଦଳର ୧୫ ଖେଳାଳି ପ୍ରତ୍ୟେକଙ୍କୁ ୬ କୋଟି ଟଙ୍କା ମିଳିବ। ବାକି ୪୧ କୋଟି କୋଚିଂ ସପୋର୍ଟ ଷ୍ଟାଫ୍‌ଙ୍କ ମଧ୍ୟରେ ବଣ୍ଟାଯିବ। ଆଇସିସି ନିକଟରୁ ଆର୍ଥିକ ପୁରସ୍କାର ହାସଲ କରିଥିବା ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଉପ-ବିଜେତା ନ୍ୟୁଜିଲାଣ୍ଡ ଦଳକୁ ୧୧.୮୧ କୋଟି ଟଙ୍କା ମିଳିବ। ସେହିପରି ସେମିଫାଇନାଲର ଦୁଇ ପରାଜିତ ଦଳ ଦକ୍ଷିଣ ଆଫ୍ରିକା ୮.୩୫ ଓ ଇଂଲଣ୍ଡ ୮.୦୯ କୋଟି ଟଙ୍କା ପାଇବେ। ଅପରପକ୍ଷରେ ୱେଷ୍ଟଇଣ୍ଡିଜକୁ ୪.୪୭, ପାକିସ୍ତାନକୁ ୪.୩୪, ଜିମ୍ବାୱେକୁ ୪.୦୮, ଶ୍ରୀଲଙ୍କାକୁ ୩.୯୫ କୋଟି ଟଙ୍କା ଆର୍ଥିକ ପୁରସ୍କାର ମିଳିବ। ସେହିପରି ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିବା ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଆମେରିକା ଦଳକୁ ୨.୫୭ କୋଟି ଟଙ୍କା ଲେଖାଏ ମିଳିବ। ବିଶ୍ୱକପ୍‌ର ପ୍ରତ୍ୟେକ ଦଳକୁ ୧.୮୭ କୋଟି ମୂଳ ଭାଗୀଦାରି ପୁରସ୍କାର ରାଶି ଦିଆଯାଇଥିଲା।

## ଓଡ଼ିଶା ଦୃଷ୍ଟିହୀନ ଦଳ ଆଗୁଆ ସିରିଜ ବିଜୟୀ


ସୁଖରାମ ମାଝି

ଭୁବନେଶ୍ୱର, ୧୧।୩ (ସମିସ): ବେଙ୍ଗାଲୁରୁରେ ଘରୋଇ କର୍ଣ୍ଣାଟକରେ ବିପକ୍ଷରେ ଚାଲିଥିବା ସମର୍ଥନ କପ୍ ଦୃଷ୍ଟିହୀନ ଏକଦିବସୀୟ କ୍ରିକେଟ୍ ସିରିଜର ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ବିଜୟୀ ହୋଇଛି। ବୁଧବାର ଅଲଟୋର କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୨୮ ରନରେ କର୍ଣ୍ଣାଟକକୁ ପରାସ୍ତ କରିଥିଲା। ଏହି ବିଜୟ ସହ ଗୋଟିଏ ମ୍ୟାଚ୍ ବାକି ଥାଇ ଓଡ଼ିଶା ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ବୁଧବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କିର ୫୦ ଓଭରରେ ୮ ୱିକେଟ୍ ହରାଇ ୪୩୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଖରାମ ମାଝି ସର୍ବାଧିକ ଅପରାଜିତ ୧୨୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କଜ ଭୁଏ ୯୮, ଲିଙ୍ଗରାଜ ରାଉତରାୟ ୬୮ ଓ ଧନପତି ଗୌଡ଼ ୪୦ ରନ କରିଥିଲେ। ଜବାବରେ କର୍ଣ୍ଣାଟକ ୩୮.୫ ଓଭରରେ ୩୦୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। କର୍ଣ୍ଣାଟକର ଭାସ୍କର ୧୧୨ ରନ କରିଥିଲେ। ବିଜୟୀ ଓଡ଼ିଶା ପକ୍ଷରୁ ସୁଖରାମ ଓ ପଙ୍କଜ ୨ଟି ଲେଖାଏ ଏବଂ ଲିଙ୍ଗରାଜ, ଧନପତି, ଦେବରାଜ ବେହେରା ଓ ଅନିଲ ମଲ୍ଲିକ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ସୁଖରାମ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଗୁରୁବାର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳାଯିବ।

## ସିକେ ନାଇଡୁ ଟ୍ରଫି ଜିତିଲା ତାମିଲନାଡୁ

ଚେନ୍ନଇ, ୧୧।୩ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଏଥର ତାମିଲନାଡୁ ଚାମ୍ପିଅନ ହୋଇଛି। ସ୍ଥାନୀୟ ଏନପିଆର୍ କଲେଜ କ୍ରିକେଟ୍ ଗ୍ରାଉଣ୍ଡରେ ଚାଲିଥିବା ୪ ଦିବସୀୟ ଫାଇନାଲ ମ୍ୟାଚରେ ଘରୋଇ ତାମିଲନାଡୁ ୭ ୱିକେଟ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ମହାରାଷ୍ଟ୍ର ପକ୍ଷରୁ ଧାର୍ଯ୍ୟ ୬୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ତାମିଲନାଡୁ ୩ୟ ଦିବସରେ ବୁଧବାର ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ପ୍ରଥମ ପାଳିରେ ୭୦ ଓଭରରେ ୨୩୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ତାମିଲାନଡୁ କିରନ କାର୍ତ୍ତିକେୟନଙ୍କ ୮୬ ରନ ସହାୟତାରେ ୩୩୪ ରନରେ ସୀମିତ ରହିଥିଲା। ୯୬ ରନରେ ପଛୁଆ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ମହାରାଷ୍ଟ୍ର ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୧ ରନ କରି ସମସ୍ତ ୱିକେଟ ହରାଇଥିଲା। ଫଳରେ ତାମିଲନାଡୁ ସାମ୍ନାରେ ୬୬ ରନର ଛୋଟିଆ ଲକ୍ଷ୍ୟ ରହିଥିଲା।

## ରଞ୍ଜନାଙ୍କ ଶତକ ବୃଥା; ଓଡ଼ିଶା ବିଦା



ଭୁବନେଶ୍ୱର, ୧୧।୩ (ସମିସ): ବିସିସିଆଇ ଆନୁକୂଲ୍ୟରେ ପୁନେରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଜାତୀୟ ଦିନିକିଆ ଟ୍ରଫିରେ ଓଡ଼ିଶା ୩ୟ ପରାଜୟ ସହ ବିଦାୟ ନେଇଛି। ବୁଧବାର ପୁନେର ପିୱାଇସି ଜିମଖାନା ଗ୍ରାଉଣ୍ଡରେ ଓଡ଼ିଶା ଖେଳିଥିବା ଏହାର ଅନ୍ତିମ ତଥା ୫ମ ଗ୍ରୁପ୍ ମ୍ୟାଚରେ ୨ ୱିକେଟରେ କେରଳ ନିକଟରୁ ହାରିଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମହିଳା ଦଳ ଓପନର୍ ତଥା ୱିକେଟ୍‌ରକ୍ଷକ ତନୱି ରଞ୍ଜନାଙ୍କ ଶତକ ବଳରେ ୫୦ ଓଭରରେ ୨୫୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ରଞ୍ଜନା ୧୧୮ ବଲରେ ସର୍ବାଧିକ ୧୦୧ ରନ କରିଥିଲେ। ଯେଉଁଥିରେ ୧୬ ଚୌକା ଓ ଗୋଟିଏ ଛକା ସାମିଲ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଚିସ୍ମିତା ପଣ୍ଡା ଓ ଜି. ଅଲକାନନ୍ଦା ୩୨ ରନ ଲେଖାଏ କରିଥିଲେ। ଜବାବରେ କେରଳ ୭ ନମ୍ବର ବ୍ୟାଟର ନିତ୍ୟା ଲୋରଧଙ୍କ ଅପରାଜିତ ୭୩ ରନ ବଳରେ ୫ଟି ବଲ୍ ବଳକା ଥାଇ ୮ ୱିକେଟ ହରାଇ ବିଜୟୀ ହୋଇଥିଲା। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୫ ମ୍ୟାଚରୁ ୨ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହି କ୍ୱାର୍ଟରକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି।

## ଫିଫା ବିଶ୍ୱକପ୍‌ରେ ଭାଗନେବାକୁ ମନା କଲା ଇରାନ

ତେହରାନ, ୧୧।୩ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ରୁ ଆରମ୍ଭ ହେବ। ଆମେରିକା-କାନାଡା ଓ ମେକ୍ସିକୋ ଏଥର ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଆୟୋଜନ କରୁଛନ୍ତି। ତେବେ ଏହି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଇରାନ ମନା କରିଦେଇଛି। ଆମେରିକା-ଇସ୍ରାଏଲ ସହ ଚାଲିଥିବା ଘମାଘୋଟ ଯୁଦ୍ଧକୁ ନେଇ ଇରାନ ଏହି ନିଷ୍ପତ୍ତି ନେଇଛନ୍ତି। ଇରାନ କ୍ରୀଡ଼ାମନ୍ତ୍ରୀ ଅହମ୍ମଦ ଡୋନ୍ୟାମେଲ୍ ବୁଧବାର କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଆମର ସର୍ବୋଚ୍ଚ ନେତା ଆୟାତୋଲା ଅଲି ଖାମେନିଙ୍କୁ ଏୟାର ଷ୍ଟ୍ରାଇକ କରି ହତ୍ୟା କରିଛନ୍ତି। ଏଭଳି ପରିସ୍ଥିତିରେ ଆମେ ଆମେରିକାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପରେ ଭାଗନେବୁନାହିଁ। ଇରାନ ବିରୁଦ୍ଧରେ ସେମାନେ ଗତ ୮ ମାସ ମଧ୍ୟରେ ଦୁଇ ଦୁଇଟି ଅମାନୁଷିକ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୧୩୦୦ରୁ ଊର୍ଦ୍ଧ୍ୱ ଇରାନୀ ନାଗରିକ ମୃତ୍ୟୁବରଣ କରିଛନ୍ତି। ତେଣୁ ଆମେ କୌଣସି ପରିସ୍ଥିତିରେ ବିଶ୍ୱକପରେ ଭାଗନେଇପାରିବୁ ନାହିଁ ବୋଲି ଇରାନ କ୍ରୀଡ଼ାମନ୍ତ୍ରୀ କରିଛନ୍ତି।

## ଟ୍ରେନରେ ଘରକୁ ଫେରିଲେ ଦୁବେ

ମୁମ୍ବଇ, ୧୧।୩ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ଚାମ୍ପିଅନ୍ ଭାରତୀୟ ଦଳର ସମସ୍ତ ଖେଳାଳି ସୋମବାର ଅହମ୍ମଦାବାଦରୁ ନିଜ ନିଜ ଘରକୁ ଫେରିଯାଇଥିଲେ। ତେବେ ଚାମ୍ପିଅନ ଦଳର ତାରକା ଅଲ୍‌ରାଉଣ୍ଡର ଶିବମ ଦୁବେ ପରିବାର ସହ ଟ୍ରେନରେ ମୁମ୍ବଇ ଫେରିଥିବା ଜଣାପଡ଼ିଛି। ଏଭଳି ରୋଚକ ଖବର ଏବେ ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ ଦୁବେ ପତ୍ନୀ ଅଞ୍ଜୁମ ଓ ଜଣେ ସାଙ୍ଗଙ୍କ ସହ ଅହମ୍ମଦାବାଦରୁ ମୁମ୍ବଇ ବାହାରିଥିଲେ। ତେବେ ସୋମବାର ସନ୍ଧ୍ୟାରେ ଅହମ୍ମଦାବାଦ-ମୁମ୍ବଇ ସମସ୍ତ ବିମାନ ସମ୍ପୂର୍ଣ୍ଣ ବୁକ୍ ଥିଲା। ଫଳରେ ଦୁବେ ବାଧ୍ୟ ହୋଇ ଟ୍ରେନରେ ଯିବା ଲାଗି ନିଷ୍ପତ୍ତି ନେଇଥିଲେ। ଶେଷରେ ଅହମ୍ମଦାବାଦ-ମୁମ୍ବଇ ସୟାଜୀ ଏକ୍ସପ୍ରେସରେ ଦୁବେ ଘରକୁ ଫେରିଥିଲେ। ତେବେ ବାଟରେ ଟିଟିଇ ଟିକଟ୍ ଚେକ୍ କରିବା ସମୟରେ ଶିବମ ଦୁବେ କିଏ ବୋଲି ପଚାରିଥିଲେ। ସେ ଭାରତୀୟ କ୍ରିକେଟର୍ ଦୁବେ କି ବୋଲି ପ୍ରଶ୍ନ କରିବାରୁ ପତ୍ନୀ ନାଇଁ ନାଇଁ ସେ ନୁହେଁ ବୋଲି ଉତ୍ତର ଦେଇଥିଲେ। ଦୀର୍ଘ ୮ଘଣ୍ଟା କାଳ ଶୋଇ ଶୋଇ ଶେଷରେ ଦୁବେ ମୁମ୍ବଇରେ ପହଞ୍ଚିଥିଲେ।

## ପ୍ରଥମ ଦିନିକିଆରେ ପାକିସ୍ତାନର ଶୋଚନୀୟ ପରାଜୟ



ଢାକା, ୧୧।୩ (ଏଜେନ୍ସି): ବାଂଲାଦେଶ ବିପକ୍ଷରେ ଆରମ୍ଭ ହୋଇଥିବା ଦିନିକିଆର ସିରିଜର ପ୍ରଥମ ମ୍ୟାଚରେ ପାକିସ୍ତାନ ଶୋଚନୀୟ ଭାବେ ପରାଜୟବରଣ କରିଛି। ମୀରପୁରର ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଘରୋଇ ବାଂଲାଦେଶ ୮ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଛି। ୨୦୧୮ ଏସିଆ କପ୍ ପରେ ବାଂଲାଦେଶ ପ୍ରଥମଥର ଲାଗି ପାକିସ୍ତାନକୁ ପରାସ୍ତ କରିଛି। ସେହିଭଳି ଏହି ଗ୍ରାଉଣ୍ଡରେ ପାକିସ୍ତାନ ବିପକ୍ଷରେ ବାଂଲାଦେଶର ଏହା କ୍ରମାଗତ ୪ର୍ଥ ଦିନିକିଆ ବିଜୟ। ଗତ ଟି-୨୦ ବିଶ୍ୱକପ୍‌ରେ ସୁପର୍-୮ ପର୍ଯ୍ୟାୟରୁ ବିଦାୟନେଇଥିବା ପାକିସ୍ତାନ ଏବେ ବାଂଲାଦେଶ ନିକଟରୁ ହାରିବା ପରେ ଦେଶରେ ଚାରିଆଡ଼ୁ ସମାଲୋଚନାର ଶିକାର ହୋଇଛି। ବିଜୟ ସହ ବାଂଲାଦେଶ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ସିରିଜର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

ବୁଧବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଟସ୍ ଜିତି ଘରୋଇ ବାଂଲାଦେଶ ଅଧିନାୟକ ମେହିଦୀ ମିରାଜ ହାସାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବାବର ଆଜମଙ୍କ ବିନା ଏହି ସିରିଜର ଖେଳିବାକୁ ଆସିଥିବା ପାକିସ୍ତାନ କିନ୍ତୁ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବିଶେଷ କରି ଡାହାଣହାତୀ ଦ୍ରୁତ ବୋଲର ନାହିଦ ରାଣାଙ୍କ ବୋଲିଂକୁ ମୁକାବିଲା କରି ନ ପାରି ପାକିସ୍ତାନ ୩୦.୪ ଓଭରରେ ୧୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫହୀମ ଅସ୍ରଫ ୩୭, ଶାହିବଜାଦ ଫରହାନ ୨୭, ଡେବ୍ୟୁଟାଣ୍ଟ ମାଜ ସଦାକତ୍ ୧୮ ଓ ମହମ୍ମଦ ରିଜୱାନ ୧୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଲମାନ ଆଘା ୫, ଡେବ୍ୟୁଟାଣ୍ଟ ସାମିଲ ହୁସେନ ୪, ଅଧିନାୟକ ଶାହୀନ ଆଫ୍ରିଦି ୪ ରନ କରି ନିରାଶ କରିଥିଲେ। ବୋଲିଂରେ ନାହିଦ ରାଣା ୨୪ ରନରେ ୫ଟି ଏବଂ ଅଧିନାୟକ ମିରାଜ ୩ଟି ୱିକେଟ ନେଇ ପାକିସ୍ତାନର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଜବାବରେ ଓପନର୍ ତାନଜିଦ ହାସାନ ତମିମଙ୍କ ଅପରାଜିତ ୬୭ ରନ ବଳରେ ବାଂଲାଦେଶ ୧୫.୧ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା।

## କଳାହାଣ୍ଡି କପ୍: ଫାଇନାଲରେ ପୁଣି ହାରିଲା କଟକ-ଏ

# ଟାଇଟଲ୍ ବଜାୟ ରଖିଲା ସୁନ୍ଦରଗଡ଼

ଭୁବନେଶ୍ୱର, ୧୧।୩ (ସମିସ):




ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ଏଥର ପୁଣିଥରେ ସୁନ୍ଦରଗଡ଼ ଚାମ୍ପିଅନ ହୋଇଛି। ଗତବର୍ଷ ପରି ଏଥର ମଧ୍ୟ ଫାଇନାଲରେ ସମାନ କଟକ-ଏ' ଦଳକୁ ପରାସ୍ତ କରି ଗୋବିନ୍ଦ ପୋଦ୍ଦାରଙ୍କ ସୁନ୍ଦରଗଡ଼ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଟାଇଟଲ୍ ଜିତିଛି। ଫଳରେ ଏକାଧିକ ରଣଜୀ ଖେଳାଳିଙ୍କୁ ନେଇ ଗଠିତ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ କଟକ-ଏ'କୁ ପୁଣିଥରେ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଚାମ୍ପିଅନ ସୁନ୍ଦରଗଡ଼ ଦଳକୁ ଟ୍ରଫି ସହ ୫ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ କଟକ-ଏ'କୁ ଟ୍ରଫି ସହ ୩ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଦମଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ସୁନ୍ଦରଗଡ଼ର ସୌମ୍ୟ ଲେଙ୍କା ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଆଇକନିକ ବାରବାଟୀ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ-ଏ ୫୦ ଓଭରରେ ୯ ୱିକେଟ ହରାଇ ୨୩୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ସର୍ବାଧିକ ୭୪ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିଲ ପରିଡ଼ା ୪୩, ବିକ୍ରମ ସାମଲ ୨୧, ଶୁଭମ ନାୟକ ୧୨, ପ୍ରିୟାଂଶୁ ମହାପାତ୍ର ୧୦, ରାଜେଶ ଧୁପର ୪ ରନ କରିଥିଲେ। ସେମିଫାଇନାଲ ମ୍ୟାଚର ଶତକ ହାସଲକାରୀ ବିପ୍ଳବ ୩୩ ଓ ରାମଚନ୍ଦ୍ର ବେହେରା ୧୩ ରନ କରି ନିରାଶ କରିଥିଲେ। ସେହିଭଳି ସମ୍ବିତ ବେଜ ଖାତା ଖୋଲିବାରେ ବିଫଳ ହୋଇଥିଲେ। ସୁନ୍ଦରଗଡ଼ ପକ୍ଷରୁ ଗୋବିନ୍ଦ ପୋଦ୍ଦାରଙ୍କ ସମେତ କ୍ରିଷ୍ଟାନ ପଲାଇ, ଅଭିଷେକ ସିଂ ଓ ସୌମ୍ୟ ଲେଙ୍କା ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ବିଭାଶ-ୱାଲଟର ଲଢ଼ିଲେ

୨୩୩ ରନକୁ ପିଛା କରିଥିବା ସୁନ୍ଦରଗଡ଼ ପାଇଁ ଦୁଇ ଓପନର୍ ଉମେଶ ଗୌତମ ଓ ବିଭାଶ ଶ ପ୍ରଥମ ୱିକେଟରେ ୨୭ଟି ବଲ୍‌ରୁ ୫୮ ରନ ଉଠାଇ ଭଲ ଆରମ୍ଭ ଦେଇଥିଲେ। ଉମେଶଙ୍କ ୨୦ ରନରେ ଆଉଟ କରି କୁନ୍ଦନ ଯାଦବ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ରାହୁଲ ଛେତ୍ରୀ ମଧ୍ୟ ୧ ରନ କରି ଆଉଟ୍ ହୋଇଥିଲେ। ତେବେ ମଧ୍ୟକ୍ରମ ବ୍ୟାଟରଙ୍କ ଛୋଟିଆ ଛୋଟିଆ ଉପଯୋଗୀ ପାଳି ବଳରେ ସୁନ୍ଦରଗଡ଼ ୪୩ ଓଭରରେ ୮ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିଭାଶ ୩୨ ବଲରେ ସର୍ବାଧିକ ୫୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଲ୍ଟର ଟପ୍ପୋ ୪୧, ଅଧିନାୟକ ପୋଦ୍ଦାର ୨୯, ଆଦିତ୍ୟ ଆନନ୍ଦ ୨୨, ସୌମ୍ୟ ୨୩, ସୌଭାଗ୍ୟ ରାଉତ ଅପରାଜିତ ୨୮ ରନ କରିଥିଲେ। ବୋଲିଂରେ କଟକ-ଏ ପାଇ ଶୁଭମ ଓ ସୁମିତ ଶର୍ମା ୨ଟି ଲେଖାଏ ଏବଂ ବିପ୍ଳବ ଓ କୁନ୍ଦନଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**କଟକ-ଏ**: ୨୩୨/୯, ୫୦ ଓଭର (ସାଇଦୀପ- ୭୪, ଅନିଲ- ୪୩, ବିପ୍ଳବ- ୩୩, ସୌମ୍ୟ- ୨/୩୨)।
**ସୁନ୍ଦରଗଡ଼**: ୨୩୩/୮, ୪୩ ଓଭର (ବିଭାଶ- ୫୨, ଗୋବିନ୍ଦ ପୋଦ୍ଦାର- ୨୯, ସୌମ୍ୟ- ୨୩, ୱାଲଟର- ୪୧, ସୁମିତ- ୨/୩୭)।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS